



୧୯୭୨ ଅପ୍ରେଲ ପହିଲରେ ରଜଗାଙ୍ଗପୁର ସିମେଣ୍ଟ
କର୍ମଚାରୀ କ୍ଲବ ତରଫରୁ ସ୍ୱତନ୍ତ୍ର ଉତ୍କଳ ଦିବସ
ପାଳନ ଉପଲକ୍ଷେ ଆୟୋଜିତ ଉତ୍ସବରେ
ଓଡ଼ିଶାର ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ
ଡକ୍ଟର ମିନତି ମିଶ୍ରଙ୍କ ଓଡ଼ିଶୀ ନୃତ୍ୟ
ପ୍ରଦର୍ଶନ

# ଉତ୍କଳ ପ୍ରସଙ୍ଗ

ଅପ୍ରେଲ, ୧୯୭୨—ବୈଶାଖ, ୧୮୯୩
୨୮ଶ ଭାଗ : ୯ମ ସଂଖ୍ୟା

ମ୍ପାଦକ: ପୂର୍ଣ୍ଣଚନ୍ଦ୍ର ହୋତା, ଆଇ. ଏ. ଏସ୍.,
ଲୋକ ସମ୍ପର୍କ ଓ ପର୍ଯ୍ୟଟନ ନିର୍ଦ୍ଦେଶକ, ଓଡ଼ିଶା

ହକାରୀ ସମ୍ପାଦକ: ସମର ବିଳାସ ପଟ୍ଟନାୟକ, ସୂଚନା ଅଧିକାରୀ

ପ୍ରକାଶକ: ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର

ଏ ସଂଖ୍ୟାରେ ପଢ଼ିବାକୁ ପାଇବେ :

୧ ଉତ୍କଳ ଗୌରବ ମଧୁସୂଦନ ଦାସ
୫ ଜଗନ୍ନାଥ ସଂସ୍କୃତି ଓ ଉତ୍କଳୀୟ ସ୍ଥାପତ୍ୟ
୯ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାନର ନୂତନ ସମ୍ଭାବନା
୧୨ ପ୍ରଗତିପଥେ ଓଡ଼ିଶା ପୁଲିସ
୧୭ ମାଛର ଖାଦ୍ୟ ଓ ତାହାର ପ୍ରସ୍ତୁତି ପ୍ରଣାଳୀ
୨୦ ଟସର ପୋକ ପାଳନର କେତେକ ଉନ୍ନତ ଦିଗ
୨୨ ସ୍ୱସ୍ତୀର ସମ୍ମାନ ଅଭାବ
୨୪ ଆପଣା ଜମିରେ ଆପଣା କୂଅ, ଘୋର ମରୁଡ଼ି କି ନାହିଁ ଭୟ
୨୮ ମଦର ସଂଚୟିତା
୩୧ ସାମ୍ପ୍ରତିକ ପରିସ୍ଥିତିରେ ସଞ୍ଚୟର ଆବଶ୍ୟକତା
୩୨ ସର୍ବେ ଭବନ୍ତୁ ସୁଖିନଃ
୩୫ ସର୍ପଜନ୍ମ ବୃତ୍ତାନ୍ତ
୩୮ ପରିବାରର ସମ୍ମାନ ପାଇଁ ଝିଅର ଦରଦ
୪୨ ଅପରାହ୍ନର ଛାଇ
୪୫ ସ୍ୱଳ୍ପ ସଞ୍ଚୟର ଅଗ୍ରଗତି
୪୭ ଆମ ରାଜ୍ୟ
୫୧ ଓଡ଼ିଶାର ବିଶିଷ୍ଟ ଘଟଣାବଳୀ
୫୩ ସମ୍ବାଦପତ୍ର ସମ୍ପାଦକୀୟରୁ

ଆମ ମଲାଟ : ଉତ୍କଳ ଗୌରବ ମଧୁସୂଦନ ଦାସ



ଓଡ଼ିଶାର ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ଭୁବ
ଗ୍ରାମସେବକ ତାଲିମ କେନ୍ଦ୍ରର ଶିକ୍ଷକ ଶ୍ରୀ ଉ
ମହାପାତ୍ରଙ୍କଦ୍ୱାରା ଆବିଷ୍କୃତ 'ଅନ୍ନପୂର୍ଣ୍ଣା' ନାମକ ଏକ
ରୋପଣ ଯନ୍ତ୍ର ଦେଖୁଛନ୍ତି ।

# ଚିତ୍ରେ ସମ୍ବାଦ

ଓଡ଼ିଶାର ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ୧୯୭୨ ଅପ୍ରେଲ ୨୪ ତାରିଖଦିନ କଟକ ଜି
ଧବଳେଶ୍ୱରଠାରେ ଏକ ଉଠାଜଳସେଚନ ଯୋଜନା ଉଦ୍‌ଘାଟନ କରିଥିଲେ । ଏହି ଉତ୍ସ
ଅନ୍ୟମାନଙ୍କ ସମେତ ଆଠଗଡ଼ ବିଧାନସଭା ସଦସ୍ୟ ଶ୍ରୀ ରାଧାନାଥ ରଥ ଉପସ୍ଥିତ ଥିଲେ ।





ଓଡ଼ିଶାର ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ୧୯୭୨ ଅପ୍ରେଲ ୨୪ ତାରିଖଦିନ ଭୁବନେଶ୍ୱରଠାରେ ଲାଲବାହାଦୁର ହାଉସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

## ଛବିରେ ସମ୍ବାଦ

ଓଡ଼ିଶା ପୋଲିସ ବାହିନୀର ୩୭ତମ ବାର୍ଷିକୀ ଉପଲକ୍ଷେ କଟକସ୍ଥ ପୋଲିସ ମଇଦାନରେ ଆୟୋଜିତ ଏକ ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ଓଡ଼ିଶା ପୋଲିସ ବାହିନୀଙ୍କୁ ପୋଲିସ ପତାକା ଅର୍ପଣ କରୁଛନ୍ତି ।





ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ, ଓଡ଼ିଶା ହାଇକୋର୍ଟର ମାନ୍ୟବର ପ୍ରଧାନ ବିଚାରପତି ଶ୍ରୀ ଗତିକୃଷ୍ଣ ମିଶ୍ର ଓ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ ବି. ବେହେରାଙ୍କ ଗହଣରେ ୧୯୭୨ ମଇ ୭ ତାରିଖଦିନ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ପୌରହିତ୍ୟ କରିବା ନିମନ୍ତେ ସମାବର୍ତ୍ତନ ମଣ୍ଡପକୁ ଅଗ୍ରସର ହେଉଛନ୍ତି ।

## ଚିତ୍ରେ ସମ୍ବାଦ

ଓଡ଼ିଶାର ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ୧୯୭୨ ମଇ ୭ ତାରିଖଦିନ ସମ୍ବଲପୁରଠାରେ ସୁ[illegible] ଭିତ୍ତିପ୍ରସ୍ତର ସ୍ଥାପନ କରି ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।





ମାଦେବୀ ମହିଳା କଲେଜର ଅଧ୍ୟକ୍ଷା, ଅଧ୍ୟାପିକା ଓ ଛାତ୍ରୀମାନେ ୧୯୭୨ ଅପ୍ରେଲ ୨୦ ତାରିଖ ଦିନ ଜାତୀୟ ପ୍ରତିରକ୍ଷା ପାଣ୍ଠି ପାଇଁ ଟ ୪,୧୬୭ କାର ଏକ ବ୍ୟାଙ୍କ ଡ୍ରାଫଟ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ହସ୍ତରେ ଅର୍ପଣ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ୧୯୭୨ ଅପ୍ରେଲ ୨୨ ତାରିଖ ଦିନ କଟକର୍ ମିଶନ ରୋଡ଼ଠାରେ ଓଡ଼ିଶା ଗର୍ଭ୍ ପାଠାଗାରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।





ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ୧୯୭୨ ଅପ୍ରେଲ ୧୯ ତାରିଖରେ ସଚିବାଳୟ ସମ୍ମିଳନୀ ପ୍ରକ୍ଷରେ ଆୟୋଜିତ ଓଡ଼ିଶା ରାଜ୍ୟ ହରିଜନ କଲ୍ୟାଣ ଉପଦେଷ୍ଟା ବୋର୍ଡର ଏକ ବୈଠକରେ ପୌରୋହିତ୍ୟ କରିଥିଲେ ।

## ଚନ୍ଦ୍ରେ ସମ୍ବାଦ

୧୯୭୨ ଅପ୍ରେଲ ୨୮ ତାରିଖ ଦିନ ବୃତ୍ତିଗତ ତାଲିମ ନିମନ୍ତେ ଗଠିତ ଜାତୀୟ ପରିଷଦର ଦ୍ୱିତୀୟ ଆଞ୍ଚଳିକ ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା । ଚିତ୍ରରେ—ଓଡ଼ିଶାର ଶିକ୍ଷା, ଲୋକ ସମ୍ପର୍କ ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇଥିଲେ ।



# ଉତ୍କଳ ଗୌରବ ମଧୁସୂଦନ ଦାସ

...ତେ ଓଡ଼ିଶାର ସ୍ରଷ୍ଟାରୂପେ ଉତ୍କଳର ବରପୁତ୍ର ମଧୁସୂଦନ ଆଜି ...ଶାର ସର୍ବତ୍ର ତଥା ସମସ୍ତ ଓଡ଼ିଶାବାସୀଙ୍କ ନିକଟରେ ସୁପରିଚିତ । ...ର ପୁରପଲ୍ଲୀର ଘରେ ଘରେ ସୁପରିଚିତ ଏହି ମଧୁସୂଦନ ଦାସଙ୍କ ...ନ ଓଡ଼ିଶାର ରାଜନୈତିକ ଇତିହାସ ଅସମ୍ପୂର୍ଣ୍ଣ । ସେ ଓଡ଼ିଶା- ...ପାଇଁ ଜୀବନଧାରଣ କରିଥିଲେ ଓ ସେମାନଙ୍କ ପାଇଁ ...ରଣ କରିଥିଲେ ।

...ଜୀବନ—କଟକ ଜିଲ୍ଲା ସାଲେପୁର ଥାନାର ସତ୍ୟଭାମା- ...ପୁର ଗ୍ରାମର ଏକ ମଧ୍ୟବିତ୍ତ ଜମିଦାର ପରିବାରରେ ... ଅପ୍ରେଲ ୨୮ ତାରିଖରେ ମଧୁସୂଦନଙ୍କ ଜନ୍ମ । ତାଙ୍କର ... ଚୌଧୁରୀ ରଘୁନାଥ ଦାସ କଟକରେ ରହି ଜଜ କୋର୍ଟରେ ... ବ୍ୟବସାୟ କରୁଥିଲେ । ବାଲ୍ୟାବସ୍ଥାରୁ ମଧୁସୂଦନ ... ମେଧାବୀ ଛାତ୍ର ଥିଲେ ସେହିଭଳି ଚଞ୍ଚଳ ମଧ୍ୟ ... । ୧୮୬୪ ମସିହାରେ ସେ କଟକ ଉଚ୍ଚ ଇଂରାଜୀ ...ଳୟରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ...ପରେ ସେ ଅଧ୍ୟୟନରୁ ଅବ୍ୟାହତି ନେଇ ରେଭିନ୍ସେସନ ...ରେ ଶିକ୍ଷକରୂପେ ଯୋଗ ଦେଇଥିଲେ । ମାତ୍ର ତାଙ୍କର ... ଚାକିରୀ ସ୍ୱଳ୍ପ ସମୟ ପାଇଁ । ଏହି ଚାକିରୀକୁ ଜଳାଞ୍ଜଳି ଦେଇ ଉଚ୍ଚ ଶିକ୍ଷା ନିମନ୍ତେ କଲିକତା ଯାତ୍ରା କରିଥିଲେ । ସେ ୧୮୬୭ ମସିହାରେ ଏଫ୍. ଏ. ଓ ୧୮୭୦ରେ ବି. ଏ. ପାଶ କରିଥିଲେ ।

ସଂଗ୍ରାମର ଆରମ୍ଭ—ଏହା ପରଠାରୁ ସେ ଓଡ଼ିଶା ଓ ଓଡ଼ିଆଙ୍କ ଉଦ୍ଦେଶ୍ୟରେ ସଂଗ୍ରାମ ଆରମ୍ଭ କରିଥିଲେ । ସେ ସମୟରେ ଯେଉଁମାନେ ପରୀକ୍ଷା ଦେଉଥିଲେ ସେମାନଙ୍କୁ ନିଜ ମାତୃଭାଷାରେ ସଂସ୍କୃତ ପ୍ରଶ୍ନର ଉତ୍ତର ଦେବାକୁ ଅନୁମତି ଦିଆଯାଉଥିଲା । ମାତ୍ର ସଂସ୍କୃତ ପରୀକ୍ଷକ ଶ୍ରୀଯୁକ୍ତ କେ. ଏମ. ବାନାର୍ଜୀ ଓଡ଼ିଆ ଭାଷା ଜାଣି ନ ଥିବାରୁ କୌଣସି ଓଡ଼ିଆ ଛାତ୍ରକୁ ସଂସ୍କୃତ ପ୍ରଶ୍ନର ଉତ୍ତର ଓଡ଼ିଆ ଭାଷାରେ ଲେଖିବାକୁ ଅନୁମତି ଦିଆଯାଉନଥିଲା । ମଧୁସୂଦନ ଏହାକୁ ସହ୍ୟ କରି ପାରି ନଥିଲେ । ଏହା ବିରୁଦ୍ଧରେ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ସଂଗ୍ରାମ ଚଳାଇ ଶେଷରେ ସଫଳ ହୋଇଥିଲେ । ଏହା ଫଳରେ ସଂସ୍କୃତ ପ୍ରଶ୍ନର ଉତ୍ତର ଓଡ଼ିଆ ଭାଷାରେ ଲେଖିବାପାଇଁ ଓଡ଼ିଆ ଛାତ୍ରମାନେ ସମର୍ଥ ହେଲେ ।

ଶିକ୍ଷକ ମଧୁସୂଦନ—ବି. ଏ. ପାଶ୍ କଲା ପରେ ମଧୁସୂଦନ କିଛିଦିନ ପାଇଁ ଖ୍ରୀଷ୍ଟିଆନ ମିଶନ ସୋସାଇଟି ଦ୍ୱାରା ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକରୂପେ ଓ ପରେ ଗାର୍ଡ଼ନରିଚ୍ ଉଚ୍ଚ ଇଂରାଜୀ

ବିଦ୍ୟାଳୟର ପ୍ରଧାନ ଶିକ୍ଷକରୂପେ କାମ କରୁଥିଲେ । ଏହି ସମୟରେ ସେ ଶ୍ରୀ ଗଙ୍ଗାଧର ମୁଖାର୍ଜୀଙ୍କ ଅନୁରୋଧ କ୍ରମେ ତାଙ୍କର ପୁତ୍ରଙ୍କ ଘରୋଇ ଶିକ୍ଷକ ରୂପେ ଶ୍ରୀ ଆଶୁତୋଷ ମୁଖାର୍ଜୀଙ୍କ ଅଧ୍ୟୟନର ଦାୟିତ୍ୱ ନେଇଥିଲେ । ମଧୁସୂଦନ ଆଶୁତୋଷଙ୍କୁ ଇଂରାଜୀ ପଢ଼ାଉଥିଲେ । ସେ ମଧ୍ୟ କଲିକତା ହାଇକୋର୍ଟରେ ଓଡ଼ିଆ ଅନୁବାଦକ ରୂପେ ବି କାର୍ଯ୍ୟ କରୁଥିଲେ । ୧୮୭୩ ମସିହାରେ ମଧୁସୂଦନ କଲିକତା ଫ୍ରି ଚର୍ଚ୍ଚ ଇନ୍‌ଷ୍ଟିଚ୍ୟୁସନ୍‌ରୁ ଏମ୍. ଏ. ପାଶ କରିଥିଲେ । ଏହାର ପାଞ୍ଚ ବର୍ଷ ପରେ ସେ ପ୍ରେସିଡେନ୍‌ସି କଲେଜରୁ ବି. ଏଲ୍. ପାଶ କରି କଲିକତାରେ ପ୍ରାୟ ୩ ବର୍ଷ ଯାଏ ଓକିଲାତି କରିଥିଲେ । ୧୮୮୧ ମସିହା ସେପଟେମ୍ବର ୨୪ ତାରିଖରେ ମଧୁସୂଦନ କଟକ ଫେରି ଆସି ସେଠାରେ ଆଇନ୍ ବ୍ୟବସାୟ ଆରମ୍ଭ କଲେ ।

କଟକ ବାରରେ ମଧୁସୂଦନ—କଟକ ଫେରି ଆସି ଯେତେବେଳେ ମଧୁସୂଦନ ତାଙ୍କର ଆଇନ ବ୍ୟବସାୟ ଆରମ୍ଭ କଲେ ସେତେବେଳେ ସେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେହି ସମୟରେ କଟକ ବାରରେ ଅଣ-ଓଡ଼ିଆ ବିଶେଷ କରି ବଙ୍ଗାଳୀ ଓକିଲମାନେ ପ୍ରାଧାନ୍ୟ ବିସ୍ତାର କରି ରହିଥିଲେ । ଏହି ବଙ୍ଗାଳୀ ଓକିଲମାନେ ମଧୁସୂଦନଙ୍କ ସହିତ ଅସହଯୋଗ କରିବାକୁ ଲାଗିଲେ । ଏପରିକି ବାର ପାଠାଗାରରେ ବି ତାଙ୍କୁ ଟିକିଏ ବସିବା ପାଇଁ ଅନୁମତି ଦେଉ ନଥିଲେ । କିନ୍ତୁ ମଧୁସୂଦନ ନିଜର ଦକ୍ଷତା ବଳରେ ପରେ ବାର ଲାଇବ୍ରେରୀର ସଭାପତି ରୂପେ ନିର୍ବାଚିତ ହୋଇ ପାରିଥିଲେ । ୧୮୮୩ ମସିହାରେ ତାଙ୍କୁ ରେଭେନ୍‌ସା କଲେଜରେ ଆଇନ ଅଧ୍ୟାପକ ରୂପେ ନିଯୁକ୍ତ କରାଗଲା ଓ ସେ ୧୮୯୦ ମସିହା ପର୍ଯ୍ୟନ୍ତ ଏହି ଅଧ୍ୟାପନା ଦାୟିତ୍ୱ ବହନ କରିଥିଲେ । ଏତିକିବେଳେ ଦକ୍ଷ ଶିକ୍ଷକ ରୂପେ ସେ ଖୁବ୍ ଲୋକ ପ୍ରିୟ ହୋଇ ପାରିବା ସଙ୍ଗେ ସଙ୍ଗେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ ।

ପୁରୀ ମନ୍ଦିର ମକଦ୍ଦମାରେ ବିଜୟ—୧୮୮୫ ମସିହାରେ ଅର୍ଥାତ୍ ଏକ ନରହତ୍ୟା ମକଦ୍ଦମାରେ ପୁରୀ ରାଜା ଦିବ୍ୟସିଂହ ଦେବଙ୍କୁ ସ୍ଥାନାନ୍ତରିତ ( ଦ୍ୱୀପାନ୍ତର ) କରାଯିବାର କିଛି ବର୍ଷ ପରେ ସରକାର ପୁରୀ ମନ୍ଦିରର ପରିଚାଳନା ଭାର ହାତକୁ ନେଇଯିବା ପାଇଁ ରାଜାଙ୍କ ବିରୁଦ୍ଧରେ ଦେବାନୀ ମକଦ୍ଦମା ରୁଜୁ କରିଥିଲେ । ଦିବ୍ୟସିଂହ ଦେବଙ୍କ ପୋଷ୍ୟମାତା ସୂର୍ଯ୍ୟମଣୀ ପାଟ ମହିଷୀ ନାବାଳକ ରାଜା ମୁକୁନ୍ଦଦେବଙ୍କ ଅଭିଭାବକ ରୂପେ ଏହି ମକଦ୍ଦମା ଲଢ଼ିଥିଲେ । ମଧୁସୂଦନ ଏହି ମକଦ୍ଦମାରେ ପ୍ରତିବାଦୀଙ୍କ ତରଫରୁ ଲଢୁଥିଲେ । ଜଜ କୋର୍ଟରେ ସେ ହାରି ଯିବାରୁ କଲିକତାର ଖ୍ୟାତନାମା ଆଇନ ବ୍ୟବସାୟୀ ଶ୍ରୀ ଗୁରୁଦାସ ବାନାର୍ଜୀ, ଉଡ଼ରଫ୍ ଓ ଉମେଶ ... ଏ ସମ୍ପର୍କରେ ଆଇନଗତ ପରାମର୍ଶ ପାଇଁ କଲିକତା ଯାତ୍ରା କରିଥିଲେ ... କିନ୍ତୁ ପ୍ରତିବାଦୀଙ୍କ ମକଦ୍ଦମା ଜିତିବା ଭଳି ଉପାୟ ସେମାନଙ୍କ ମଧ୍ୟ ... କେହି ହେଲେ ଦେଇ ପାରି ନ ଥିଲେ । ତା'ପରେ ସେ ମକଦ୍ଦମାର ... ଏକ ବିବରଣୀ ପ୍ରସ୍ତୁତ କରି ତାହାକୁ ନିଜ ଖର୍ଚ୍ଚରେ ଛପାଇ ଥିଲେ । ... ତା'ପରେ କଲିକତା ହାଇକୋର୍ଟରେ ଏହି ଅପିଲ ମକଦ୍ଦମା ବି... ହୋଇଥିଲା । ରାଣୀ ଶେଷରେ ମକଦ୍ଦମାରେ ଜିତିଲେ । ... ଏ ମକଦ୍ଦମା ଶୁଣାଣୀ ପାଇଁ ତିନିଦିନ ଧାର୍ଯ୍ୟ କରାଯାଇଥିଲା, ରାଣୀଙ୍କ ... ବାରିଷ୍ଟର ମାତ୍ର ୩ ଘଣ୍ଟା ମଧ୍ୟରେ ମକଦ୍ଦମାର ବିବରଣୀ ... ରୂପେ ପେଶ୍ କରିଥିଲେ । ଏଥିପାଇଁ ମାନ୍ୟବର ବିଚାରପତି... ବାରିଷ୍ଟରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମାତ୍ର ରାଣୀ ସାହେବାଙ୍କ ... ବାରିଷ୍ଟର ପ୍ରକାଶ କରିଥିଲେ ଯେ ମିଷ୍ଟର ଦାସ ତାଙ୍କର ... ବୁଝାଇ ନିମନ୍ତେ ମକଦ୍ଦମାଟିର ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରି ଦେ... ଥିବାରୁ ବାସ୍ତବିକ୍ ସେ ହିଁ ଧନ୍ୟବାଦର ପାତ୍ର ଅଟନ୍ତି । ସେହି ... ସନ୍ଧ୍ୟାରେ ଏକ ବନ୍ଧୁମିଳନରେ ଶ୍ରୀଯୁକ୍ତ ଦାସଙ୍କୁ ଆମନ୍ତ୍ର... କରାଯାଇଥିଲା ଓ ସେଠାରେ ମାନ୍ୟବର ବିଚାରପତିମାନେ ମିଷ୍ଟର ... ଦାସଙ୍କୁ ବହୁ ଉଚ୍ଚ ପଦାଧିକାରୀ ଓ ଖ୍ୟାତନାମା ବେ-ସରକାରୀ ... ବ୍ୟକ୍ତିଙ୍କ ସହିତ ପରିଚୟ କରାଇ ଦେଇଥିଲେ । ଆହୁରି ଅସେଟ୍... ତଥା ରାଣୀ ସାହେବାଙ୍କ ସହିତ ଏକ ଆପୋଷ ମିଳାମିଶା କରିବା ... ନିମନ୍ତେ ଲେଫ୍‌ଟନାଣ୍ଟ୍ ଜେନେରାଲ ମଧୁସୂଦନଙ୍କୁ ତାଙ୍କର ... ଭବନକୁ ନିମନ୍ତ୍ରଣ କରିଥିଲେ ।

ଓଡ଼ିଆ ଆନ୍ଦୋଳନର ସୂତ୍ରପାତ--୧୯୦୩ ମସିହା ପ୍ରାରମ୍ଭରେ ... ଖଲିକୋଟ ରାଜା ସାହେବଙ୍କ ନେତୃତ୍ୱରେ ଗଞ୍ଜାମ ଜିଲ୍ଲାର ଓଡ଼ିଆ ... ଲୋକମାନେ ଗଞ୍ଜାମ ଜାତୀୟ ସମିତି ନାମକ ଏକ ସଂଗଠନ କରିଥିଲେ ... ମିଳିତ ହୋଇଥିଲେ । ଏହି ସମିତିରେ ଅବିଭକ୍ତ ଓଡ଼ିଶା ଗଠନ ... ପାଇଁ ସେମାନଙ୍କର ଅଭିଳାଷ ପ୍ରକାଶ ପାଇଥିଲା । ୧୯୦୩ ମସିହା ... ଅପ୍ରେଲ ମାସରେ ହୋଇଥିବା ଗଞ୍ଜାମ ଜାତୀୟ ସମ୍ମିଳନୀରେ ... ମଧୁସୂଦନ ଦାସ ଯୋଗ ଦେଇଥିଲେ ଓ ଗଞ୍ଜାମ ଜିଲ୍ଲା ଓଡ଼ିଆମାନଙ୍କ ... ତରଫରୁ ଅବିଭକ୍ତ ଓଡ଼ିଶା ଗଠନ ପାଇଁ ଦାବୀ କରାଯାଇଥିଲା । ... ୧୯୦୩, ଡିସେମ୍ବର ୩୦ ତାରିଖଠାରୁ ୩୧ ତାରିଖ ପର୍ଯ୍ୟନ୍ତ ... ସମ୍ମିଳନୀ କଟକଠାରେ ବସିଥିଲା ।

ମୟୂରଭଞ୍ଜର ମହାରାଜା ଏହି ସମ୍ମିଳନୀରେ ପୌରୋହିତ୍ୟ... କରିଥିଲେ ଓ ଢେଙ୍କାନାଳ, କେନ୍ଦୁଝର, ଆଠଗଡ଼, ତଥା ତାଳଚେର ...

ଏଥିରେ ଯୋଗ ଦେଇଥିଲେ । ବିଚ୍ଛିନ୍ନ ଓଡ଼ିଆ ଭାଷାବାସୀ ଏକତ୍ର କରି ଏକ ବିଶାଳ ଓଡ଼ିଶା ଗଠନ କରିବା ନିମନ୍ତେ କେନ୍ଦୁଝରର ରାଜା ସାହେବ ଏକ ପ୍ରସ୍ତାବ ଆଣିଥିଲେ ।

ପାଇଁ ସାଧାରଣ ଯଜ୍ଞ ଥିଲା ଉତ୍କଳ ୟୁନିୟନ ସମ୍ମିଳନୀ । ୟୁନିଅନ ସମ୍ମିଳନୀ ପାଇଁ ୪ ଗୋଟି ପ୍ରଧାନ ଲକ୍ଷ୍ୟ ସ୍ଥିର ଥିଲା । ସେଗୁଡ଼ିକ ହେଲା : (୧) ସମଗ୍ର ଓଡ଼ିଶାର ଏକୀକରଣ, (୨) ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି, (୩) ସମସ୍ତ ଓଡ଼ିଆ ଭାଷା-ଭାଷୀମାନଙ୍କୁ ଗୋଟିଏ ଶାସନାଧୀନ କରିବା ଓ ଓଡ଼ିଶାର ବାହାରେ ବହିଃସ୍ଥିତ ଓଡ଼ିଆମାନଙ୍କର ସ୍ୱାର୍ଥ ସୁରକ୍ଷା କରିବା । (ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଅତୀତରୁ ଅବହେଳିତ ଆସୁଥିବା ଓଡ଼ିଆର ସ୍ୱାର୍ଥ, ଭାଷା ଓ ସଂସ୍କୃତି ସୁରକ୍ଷା ନିମନ୍ତେ ଆମର ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ଓ ଶ୍ରୀ ରାଧାନାଥ ରଥ ଚଳାଇଛନ୍ତି ଓ ନିକଟରେ ସେମାନେ ସିଂହଭୂମ ଜିଲ୍ଲାର ଅଞ୍ଚଳ ପରିଦର୍ଶନ କରିଥିଲେ ) ।

ମିଷ୍ଟର ଦାସ ୧୮୯୬ ମସିହାରେ ପ୍ରଥମେ ବଙ୍ଗଳା ବିଧାନ ପରିଷଦକୁ ନିର୍ବାଚିତ ହୋଇଥିଲେ । ସେ ଉକ୍ତ ପରିଷଦରେ ୧୮୯୬, ୧୯୦୦–୧୯୦୩ ଓ ୧୯୦୮ରୁ ୧୯୧୧ ପର୍ଯ୍ୟନ୍ତ ସଭ୍ୟ ରହି ଆସିଥିଲେ । ରଥ ଯାତ୍ରା ସମୟରେ ମାଲ ଗାଡ଼ିରେ ପୁରୀକୁ ଯାତ୍ରୀ ବୋହି ନେବାର ଯେଉଁ ବ୍ୟବସ୍ଥା ଥିଲା ସେ ସମ୍ପର୍କରେ ମିଷ୍ଟର ଦାସ ୧୯୦୯ ମସିହାରେ ତୀବ୍ର ସମାଲୋଚନା କରିଥିଲେ । ଏହି ସମାଲୋଚନା ଫଳରେ ସେ ବ୍ୟବସ୍ଥାର ପରିବର୍ତ୍ତନ କରାଯାଇଥିଲା

ବଙ୍ଗଳାଠାରୁ ବିହାର ଓଡ଼ିଶା ଅଲଗା ହେବାପରେ ମଧୁସୂଦନ ବିହାର ବିଧାନ ପରିଷଦରେ ୧୯୧୩ ରୁ ୧୯୨୩ ପର୍ଯ୍ୟନ୍ତ ସଭ୍ୟ ରହିଥିଲେ । ଏହି ସମୟ ମଧ୍ୟରେ ସେ ବିହାର ଓ ଓଡ଼ିଶା ବିଧାନପରିଷଦର ପ୍ରତିନିଧି ରୂପେ କେନ୍ଦ୍ରୀୟ ଆସେମ୍ବ୍ଲିରେ ଯୋଗ ଦେଇଥିଲେ । ୧୯୧୧ ମସିହା ଜାନୁଆରୀ ମାସରେ ମଧୁସୂଦନ ବିହାର ଓ ଓଡ଼ିଶା ପ୍ରଦେଶର ଜଣେ ମନ୍ତ୍ରୀ ହେଲେ । ତାଙ୍କର ମନ୍ତ୍ରୀତ୍ୱ ଖୁବ୍ କ୍ଷଣସ୍ଥାୟୀ ଥିଲା କାରଣ ସେ ମନ୍ତ୍ରୀ ହିସାବରେ କୌଣସି ଦରମା ନେବାକୁ ଅସମ୍ମତ ହୋଇ ମନ୍ତ୍ରୀତ୍ୱରୁ ଇସ୍ତଫା ଦେଇଥିଲେ । ସେତେବେଳେ ତାଙ୍କୁ ମାତ୍ର ୭୫ ବର୍ଷ ବୟସ ହୋଇଥିଲା ।

ସାମ୍ବାଦିକ ମଧୁସୂଦନ—୧୯୧୭ ମସିହାରେ ମଧୁସୂଦନ ଏକ ଓଡ଼ିଆ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । "ମାତୃଭୂମି ଓଡ଼ିଶା ଓ ଓଡ଼ିଆଙ୍କ ନିମନ୍ତେ ଓଡ଼ିଆମାନେ ସଂଗ୍ରାମ ଚଳାଇବା ଆବଶ୍ୟକ ।" ଓଡ଼ିଆ ଆନ୍ଦୋଳନର ଏକ ଶକ୍ତିଶାଳୀ ଅଙ୍ଗରୂପେ ସେ ଏହାକୁ ଗ୍ରହଣ କରିଥିଲେ ।

( ଓଡ଼ିଶା ଟାଇମ୍ସରୁ ଗୃହୀତ )

*With best complements from*

# ORISSA CEMENT LIMITED

***Manufacturers of***

- CEMENT
- SPUN RCC PIPES
- PRESTRESSED CONCRETE POLES
- REFRACTORIES

***Contact*:**

**ORISSA CEMENT LIMITED**
**Rajgangpur, Dt. Sundargarh**

Grams : 'ORISACEMNT'

Phone : Rajgangpur 32

ଯୋଗାଚାର୍ଯ୍ୟ ରମାକାନ୍ତ କର

# ଜଗନ୍ନାଥ ସଂସ୍କୃତି ଓ ଉତ୍କଳୀୟ ସ୍ଥାପତ୍ୟ

ଜଗନ୍ନାଥ ସଂସ୍କୃତି ହିଁ ହିନ୍ଦୁ ସଂସ୍କୃତି । ଭାରତର ଚତୁର୍ଦ୍ଦିଗରେ ଚାରୋଟି ପୁଣ୍ୟ ଧାମ ଅବସ୍ଥିତ । ତନ୍ମଧ୍ୟରୁ ପୁରୀ ଜଗନ୍ନାଥ ଧାମ ଶଙ୍ଖ କ୍ଷେତ୍ର ନାମରେ ସାରା ଭାରତ ପ୍ରସିଦ୍ଧ ହୋଇ ତାହାର ଐତିହାସିକ ମହିମା ଦ୍ୱାରା ସାରା ବିଶ୍ୱକୁ ପ୍ରଭାବିତ କରୁଛି । ଏହି ଶଙ୍ଖ କ୍ଷେତ୍ରରେ ବିଜେ କରିଥିବା ଜଗତର ନାଥ ସ୍ୱୟଂ ପରବ୍ରହ୍ମ ପରମାତ୍ମା ଜଗନ୍ନାଥ ବ୍ରହ୍ମମୟଙ୍କର ଦର୍ଶନ ଉଦ୍ଦେଶ୍ୟରେ ପ୍ରତ୍ୟେକ ଦିନ ଭାରତର ତଥା ବିଶ୍ୱର ବିଭିନ୍ନ ସ୍ଥାନରୁ ଭକ୍ତଗଣ ଆଗମନ କରିଥାନ୍ତି । ଆବାଳ ବୃଦ୍ଧବନିତା ସମସ୍ତେ ଭକ୍ତି ସହକାରେ ନତମସ୍ତକ ହୋଇ ବିଭିନ୍ନ ସ୍ତୁତି ଗାଇବାରେ ମୁଖଶାଳା ମୁଖରିତ କରିପକାନ୍ତି, କିନ୍ତୁ ବିକଳାଙ୍ଗ ବିଗ୍ରହର ରହସ୍ୟ କଣ ତାହା ଭାବୁକ ବା ଚିନ୍ତାଶୀଳ ବ୍ୟକ୍ତି ବ୍ୟତିରେକେ ଅନ୍ୟମାନଙ୍କୁ ସମ୍ପୂର୍ଣ୍ଣ ଅଗୋଚର । ଜଗନ୍ନାଥଙ୍କୁ ଦର୍ଶନ କରିବାରେ ଅନେକଙ୍କର ଶିକ୍ଷା ସମ୍ପୂର୍ଣ୍ଣ ହୋଇଥାଏ । ଭାରତର ଏହି ମହାନ୍ ପରମ୍ପରାଯୁକ୍ତ ସଂସ୍କୃତି, ଆଜି ସାରା ବିଶ୍ୱରେ ତା'ର ଗୌରବମୟ ସ୍ଥାପତ୍ୟ କଳା ନିମନ୍ତେ ନୂତନ ଯୁଗର ସନ୍ଧାନ ଆଣିଦେଇଛି ।

ଏହି ଜଗନ୍ନାଥ ସଂସ୍କୃତି ହିଁ ଉତ୍କଳୀୟ ସ୍ଥାପତ୍ୟର ଗୌରବର ନିଦର୍ଶନ । ଓଡ଼ିଶା ତାର ମନ୍ଦିର ସ୍ଥାପତ୍ୟ ପାଇଁ ଭାରତରେ ପ୍ରସିଦ୍ଧ । ଜଗନ୍ନାଥ ମନ୍ଦିରର ଚିତ୍ରପଟ ଓ ପଥର ମର୍ତ୍ତି ବିଶେଷ ଉତ୍କଳୀୟ ସ୍ଥାପତ୍ୟର ଉତ୍କର୍ଷତା ପୂର୍ଣ୍ଣଭାବରେ ପ୍ରତିପାଦନ କରେ ।

ଭାରତ ଆଜି ସାରା ଭାରତ ତଥା ବିଶ୍ୱରେ ତା'ର ଗୌରବମୟ ସ୍ଥାପତ୍ୟ କଳା ନିମନ୍ତେ ନୂତନ ଯୁଗର ସନ୍ଧାନ ଆଣିଦେଇଛି । ଅତୀତ ଓ ବର୍ତ୍ତମାନ ମଧ୍ୟରେ ଯେଉଁ ସମୟର ବ୍ୟବଧାନ ରହିଯାଇଥାଏ, ତାରି ଭିତରେ ମାନବସମାଜରେ ଅନେକ ଦିଗରୁ ନୂତନ ପରିସ୍ଥିତି ତଥା ନୂତନ ଧରଣର ସମସ୍ୟାର ସମାଧାନ ନିମନ୍ତେ ଏହି ଭାରତରେ ଅନେକ ଦିଗରୁ ନୂତନ ପରିସ୍ଥିତି ତଥା ନୂତନ ଧରଣର ସମସ୍ୟାର ସୃଷ୍ଟି ହୋଇଥାଏ । ସ୍ଥାପତ୍ୟ ( Architectures ) କଳା ପ୍ରତ୍ୟେକ କ୍ଷେତ୍ରରେ ମାନବ ଜୀବନ ସହିତ ସମ୍ପୃକ୍ତ । ସ୍ଥାପତ୍ୟର ପୁରାତନ ଅବସ୍ଥାକୁ ଅନୁଧ୍ୟାନ କଲେ ଦେଶର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସନ୍ଧାନ ମିଳିଥାଏ । ସମସ୍ତ କଳା ସ୍ଥାପତ୍ୟ ସଂଖ୍ୟା ଅଧିକ । ଓଡ଼ିଶାର ବର୍ତ୍ତମାନ ମନ୍ଦିର ସଂଖ୍ୟା ଭାରତର ଅବଶିଷ୍ଟ ମନ୍ଦିରମାନଙ୍କର ମୋଟ ସଂଖ୍ୟାଠାରୁ ଅଧିକ ବୋଲି ଫରଗୁସନଙ୍କର ମତ । ତାଙ୍କ ଭାଷାରେ—"There are more temples now in Orissa than in all the rest of

Hindusthan put together" ଭାରତୀୟ ସ୍ଥାପତ୍ୟ ମାନବ ସମାଜର ମୌଳିକ ଆବଶ୍ୟକତାଠାରୁ ଆରମ୍ଭ କରି, ସାମାଜିକ ଚରିତ୍ର ( Social character ) ପର୍ଯ୍ୟନ୍ତ, ଯୁଗ ଯୁଗ ଧରି ବାସ୍ତବ ଧାରଣା ସୃଷ୍ଟି କରିଥାଏ । ଶିଳ୍ପ ସ୍ଥାପତ୍ୟ ହିଁ ଜଗତର ଏକ ବିଭୂତିମାନ୍ ପଦାର୍ଥ । ତେଣୁ ଏହି କଳାର ପ୍ରତ୍ୟେକ ତେଣୁ ଭଗବାନଙ୍କର ଅଂଶ ସ୍ୱରୂପ ଅଟନ୍ତି ।

"ଯଦ୍ ଯଦ୍ ବିଭୂତି ମତ୍ ସତ୍ତ୍ୱଂ
ଶ୍ରୀ ମଦୂର୍ଜିତ ମେବବା
ତଦ୍ ତଦେବାବ ଗଚ୍ଛତ୍ୱଂ
ମମ ତେଜୋଂଶ ସମ୍ଭବମ୍ ।"

'ସ୍ଥାପତ୍ୟ ହେଉଛି ଅତୀତ ମାନବ ଜୀବନର ଇତିହାସ' । ଭାରତ ବର୍ଷରେ ଯେତେଗୁଡ଼ିଏ ମନ୍ଦିର ପ୍ରତିଷ୍ଠିତ ହୋଇଛି ତାର ପ୍ରାରମ୍ଭିକ ସମୟ ହେଉଛି 'ଗୁପ୍ତଯୁଗ' । କିନ୍ତୁ ଓଡ଼ିଶାରେ ଗୁପ୍ତ ଯୁଗର ଯେତେଗୁଡ଼ିଏ ମନ୍ଦିର ରହିଛି, ସେହି ମନ୍ଦିରମାନଙ୍କ ମଧ୍ୟରୁ କୌଣସି ମନ୍ଦିର ନିଖୁଣ ଅବସ୍ଥାରେ ଥିବାର ସନ୍ଧାନ ମିଳିନାହିଁ । କେନ୍ଦୁଝର ଜିଲ୍ଲାର ଅସନ ପାଟରୁ ମିଳିଥିବା ମହାରାଜା ଶତ୍ରୁଭଞ୍ଜଙ୍କର ଲିଖିତ ଏକ ଶିଳାରୁ ସ୍ପଷ୍ଟ ଅନୁମିତ ହୁଏ ଯେ ତୃତୀୟ-ଚତୁର୍ଥ ଶତାବ୍ଦୀରେ ମଧ୍ୟ ଓଡ଼ିଶାରେ ମନ୍ଦିର ନିର୍ମାଣର ବ୍ୟବସ୍ଥା ଥିଲା । ଓଡ଼ିଶାର ଦର୍ଶନୀୟ ସ୍ଥାପତ୍ୟ ମଧ୍ୟରେ ବିଂଶ ଶତାବ୍ଦୀରେ ମଧ୍ୟ ପୁରୀର ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର, ମୁକ୍ତେଶ୍ୱର ଓ ରାଜରାଣୀ ଇତ୍ୟାଦି ଶ୍ରେଷ୍ଠ ସ୍ଥାପତ୍ୟରୂପେ ପରିଗଣିତ ହୁଏ । ସେଗୁଡ଼ିକର ବୈଶିଷ୍ଟ୍ୟ ଆଜି ମାନବ ସମାଜ ସମ୍ମୁଖରେ ଅତି ଅମୂଲ୍ୟ । ତେଣୁ Sir Banister Fleture ତାଙ୍କର ରଚିତ History of architecture ନାମକ ପୁସ୍ତକରେ ଲେଖିଛନ୍ତି— ". Architecture is mother of all arts " ଶିଳ୍ପ ଶାସ୍ତ୍ରରେ ଭାରତୀୟ ମନ୍ଦିରଗୁଡ଼ିକର ଶ୍ରେଣୀ ବିଭାଗ ତିନିପ୍ରକାର ବୋଲି କୁହାଯାଇଛି । (୧) ନାଗର, (୨) ଦ୍ରାବିଡ଼, (୩) ବେସର । ଉତ୍ତର ଭାରତର ମନ୍ଦିରମାନଙ୍କୁ ନାଗର ଶ୍ରେଣୀ ବୋଲି କୁହାଯାଏ । ଭାରତୀୟ ଶ୍ରେଣୀର ମନ୍ଦିରମାନଙ୍କ ମଧ୍ୟରୁ କେତେକ ନାଗର ଶ୍ରେଣୀର ଏକ ଉପରାଂଶ ବୋଲି ଅନୁମିତ ହୁଏ । କେତେକ ବିଶେଷଜ୍ଞଙ୍କ ମତରେ ଭାରତୀୟ ମନ୍ଦିରଗୁଡ଼ିକ ବେସର ଶ୍ରେଣୀର ଅନ୍ତର୍ଭୁକ୍ତ । ଓଡ଼ିଶାର ପ୍ରାୟ ସମସ୍ତ ମନ୍ଦିରମାନଙ୍କୁ ଦୁଇ ଅଂଶରେ ବିଭକ୍ତ କରାଯାଇଛି । (୧) ମନ୍ଦିର, (୨) ମୁଖଶାଳା । ମନ୍ଦିରକୁ ମୂଳ ମନ୍ଦିର କୁହାଯାଏ । ଯେଉଁ ମନ୍ଦିରରେ ଦେବତା ପୂଜିତ ହୁଅନ୍ତି ଏବ. ତା'ର ସମ୍ମୁଖରେ ଅବସ୍ଥିତ ଥିବା ଛୋଟ ମନ୍ଦିରକୁ ନାଟ ମନ୍ଦିର ମୁଖଶାଳା ବୋଲି କୁହାଯାଏ । ନାଟ ମନ୍ଦିରଟି ରେଖା ସଦୃଶ ଓ ତନ୍ମଧ୍ୟରେ ଥିବା ପ୍ରାଙ୍ଗଣକୁ ସିଂହାସନ ଓ ପିଢ଼ା ସଦୃଶ ମୁଖଶାଳାରେ ଥିବା ପ୍ରାଙ୍ଗଣକୁ ଜଗମୋହନ ବୋଲି କହନ୍ତି । ଉଭୟର ମିଶ୍ରଣରେ ସମ୍ପୂର୍ଣ୍ଣ ମନ୍ଦିର ହୋଇଥାଏ । ସମସ୍ତ ମନ୍ଦିରର ମୂଳ ମନ୍ଦିରାଂଶର ଚତୁଃପାର୍ଶ୍ୱରେ ଗଜସିଂହ ମୂର୍ତ୍ତି ବାହାରକୁ ଲାଗିଥାଏ । ପ୍ରତ୍ୟେକ ମନ୍ଦିରର ଚୂଡ଼ା, ଖପୁରୀ, କଳସ ଓ ଆୟୁଧ ନେଇ ଗଠିତ । ଯେତେକ ଶିବ ମନ୍ଦିର, ତାହାର ଚୂଡ଼ାରେ ଶିବଙ୍କ ଆୟୁଧ ତ୍ରିଶୂଳ । ବିଷ୍ଣୁଙ୍କର ମନ୍ଦିରର ଚୂଡ଼ାରେ ବିଷ୍ଣୁଙ୍କର ଆୟୁଧ ଚକ୍ର ଓ ହରିହରଙ୍କର ମନ୍ଦିରର ଚୂଡ଼ାରେ ଅର୍ଦ୍ଧ ତ୍ରିଶୂଳ ଓ ଅର୍ଦ୍ଧଚକ୍ର ସ୍ଥାପିତ ହୋଇଥାଏ ।

କେତେକ ମନ୍ଦିରରେ ମଧ୍ୟ ଜଗମୋହନ ନଥାଏ । ତନ୍ମଧ୍ୟରୁ ଭୁବନେଶ୍ୱରର ଭରତେଶ୍ୱର, ଶତ୍ରୁଘ୍ନେଶ୍ୱର, ଲକ୍ଷ୍ମଣେଶ୍ୱର ପ୍ରଧାନ । ଶତାବ୍ଦୀ କ୍ରମରେ ଓଡ଼ିଶାର ମନ୍ଦିରଗୁଡ଼ିକ ନିର୍ମିତ ହୋଇଅଛି । ସପ୍ତମ ଶତାବ୍ଦୀରେ ଭୁବନେଶ୍ୱରର ପରଶୁରାମ ମନ୍ଦିର, ଦଶମ ଶତାବ୍ଦୀରେ ମୁକ୍ତେଶ୍ୱର ମନ୍ଦିର, ଏକାଦଶ ଶତାବ୍ଦୀରେ ରାଜରାଣୀ ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ଲିଙ୍ଗରାଜ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ଦ୍ୱାଦଶ ଶତାବ୍ଦୀରେ ପୁରୁଷୋତ୍ତମ କ୍ଷେତ୍ରରେ ଜଗନ୍ନାଥ ମନ୍ଦିର ବୋଲି ସୂଚନା ମିଳିଥାଏ । ପୁରୁଷୋତ୍ତମ ଜଗନ୍ନାଥ ମନ୍ଦିର ନିର୍ମାଣ ସମ୍ବନ୍ଧରେ ଗଙ୍ଗତାମ୍ର ଶାସନମାନଙ୍କରେ ଲେଖାଅଛି—

"ପାଦୌ ଯସ୍ୟ ଧରାତରୀ କ୍ଷମଖିଳଂ
ନାଭିଶ୍ଚ ସର୍ବାଦିଶଃ
ଶୋତ୍ରେ ନେତ୍ରଯୁଗଂ ରବୀନ୍ଦୁ ଯୁଗଳଂ
ମୂର୍ଦ୍ଧା ପି ଚ ଦ୍ୟୌରସୌ
ପ୍ରସାଦଂ ପୁରୁଷୋତ୍ତମସ୍ୟ ନୃପତିଃ
କୋ ନାମ କର୍ତ୍ତୁଂ କ୍ଷମଃ
ତସ୍ୟୋତ୍ୟାଦି, ନୃପୈରୁ ପେକ୍ଷିତ ମିୟଂ
ଚକ୍ରେଥ ଗଙ୍ଗେଶ୍ୱରଃ ।"

ଓଡ଼ିଶାର ଯେତେଗୁଡ଼ିଏ ମନ୍ଦିର ସମ୍ବନ୍ଧରେ କୁହାଗଲା, ସମସ୍ତମାନଙ୍କ ମଧ୍ୟରେ ପୁରୀର ଜଗନ୍ନାଥ ମନ୍ଦିର ଓ କୋଣାର୍କ ସୂର୍ଯ୍ୟ ମନ୍ଦିରର କଳା ସର୍ବୋତ୍କୃଷ୍ଟ । ଏହାର କାରୁକାର୍ଯ୍ୟ ଓ ସ୍ଥାପତ୍ୟ

ମନ୍ଦିର ତଥା ଭାରତ ଭିତରେ ସର୍ବଶ୍ରେଷ୍ଠ ବୋଲି କୁହାଯାଏ। ଶିଳ୍ପ କଳାର ସନ୍ଦର୍ଭରେ କୋଣାର୍କର ଉଦାହରଣ ଦେଇ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ସାର୍ ମାର୍ଶାଲ୍ ଜନ୍ ଲେଖିଛନ୍ତି—

"There is no monument of Hinduism, I think, that is at once so stupendous and so perfectly propotioned, as the Black Pagoda, and none which leaves so deep an impression on the memory"

ଜଗନ୍ନାଥ ମନ୍ଦିରକୁ ଅନୁଧ୍ୟାନ କଲେ ଅତୀତ ସମାଜର କଳା ଭାବନାର ସୁସ୍ପଷ୍ଟତା ପରିଲକ୍ଷିତ ହୋଇଥାଏ। ଜଗନ୍ନାଥଙ୍କର ବିଭିନ୍ନ ବେଶର ଆୟୋଜନ ଏପରି ଭାବରେ ହୋଇଛି ଯଦ୍ୱାରା କି ଭକ୍ତ ତଥା ସମଗ୍ର ଭାରତର ଦେଶବାସୀ ବିଭିନ୍ନ ଅଂଶଗୁଡ଼ିକରୁ ବିଭିନ୍ନ ଶିକ୍ଷା ପାଇଥାନ୍ତି।

ଜଗନ୍ନାଥ ମହାପ୍ରଭୁଙ୍କର ଚକ୍ଷୁଦ୍ୱୟ ଉପରେ ଦୃଷ୍ଟିପାତ କଲେ ଆମକୁ ଏହି ଶିକ୍ଷା ମିଳିଥାଏ ଯାହାକି ସ୍ୱୟଂ ଜଗନ୍ନାଥ ଜଣାଇ ଦେଉଛନ୍ତି ହେ ଜଗତବାସୀ! ତୁମେ ପ୍ରକାଶ୍ୟରେ ହେଉ ବା ଅପ୍ରକାଶ୍ୟରେ ହେଉ ଯେଉଁ ସ୍ଥାନରେ ଯାହା କରୁଛ ବା କରିଛ ତାହା ମୋର ଦୃଷ୍ଟି ପଥାରୂଢ଼ ହୋଇଛି। ମୋ ଦୃଷ୍ଟିରୁ କୌଣସି ଦୋଷ ବାଦ ଯାଉନାହିଁ। ସେହିପରି କର୍ଣ୍ଣରୁ ସୁନ୍ଦର ଭଜନ ଶୁଣିବାର ପ୍ରୟାସ, ଘ୍ରାଣେନ୍ଦ୍ରିୟରୁ ସୁଗନ୍ଧ ବା ସୌରଭ ଆହରଣ, ପାଟିବନ୍ଦ କରିଥିବା ଶ୍ରୀ ମୁଖରୁ ଲକ୍ଷ କଲେ ନିଜେ କିଛି ନଖାଇ ପରର ସେବା କରିବା ସଂକଳ୍ପ ଇତ୍ୟାଦି ଶିକ୍ଷା ମିଳିଥାଏ।

ଓଡ଼ିଶାର ପ୍ରତ୍ୟେକ ମନ୍ଦିରର ସ୍ଥାପତ୍ୟ ସେହି ମନ୍ଦିର ଅଥବା ମୂର୍ତ୍ତିର ଚରିତ୍ର, ଆକାର, ବ୍ୟବହାର ଓ ଅତୀତ ଇତିହାସ ସମ୍ବନ୍ଧରେ ସୂଚନା ଦିଏ। ଆମର ଭବିଷ୍ୟତ ସମାଜର ସାମାଜିକ ଜୀବନକୁ ଶୃଙ୍ଖଳିତ ତଥା ଆନନ୍ଦିତ କରିବାରେ ସହଯୋଗ ନକଲେ ବିଂଶ ଶତାବ୍ଦୀରେ ଆମେ ଆମ ସମଗ୍ର ଜାତିର ସମୂହ ଉନ୍ନତି ତଥା ସଂସ୍କୃତି ନିମନ୍ତେ କିଛି ଆଦର୍ଶ ରଖିଯାଇଛେ ବୋଲି କହିବା ହୁଏତ ସମ୍ଭବ ହୋଇ ନପାରେ। ତେଣୁ ଆମର ଏହି ପାରମ୍ପରିକ ସଂସ୍କୃତିକୁ ଆମର ସଂସ୍କାର ବଳରେ ରକ୍ଷାକରି ଦେଶର ସମୂହ ଉନ୍ନତିକୁ ଉନ୍ନତତର କରି ଦେଶକୁ ସୁଦୃଢ଼ କରିବା ବିଧେୟ।

(ଯୋଗାସ୍ପର୍ଶ କର ହେଉଛନ୍ତି ପୁରୀର ଜଣେ ଉଦୀୟମାନ ଯୁବଲେଖକ)

## ଆପଣ ଜାଣନ୍ତି କି ?

*୧୯୭୧ ମସିହା ଜନଗଣନା ଅନୁଯାୟୀ ଭାରତର ଲୋକସଂଖ୍ୟା ହେଉଛି ୫୪ କୋଟି ୭୦ ଲକ୍ଷ। ଏଥି ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୨୮ କୋଟି ୩୦ ଲକ୍ଷ ଏବଂ ମହିଳାଙ୍କ ସଂଖ୍ୟା ହେଉଛି ୨୬ କୋଟି ୪୦ ଲକ୍ଷ।

*ଭାରତର ଲୋକ ସଂଖ୍ୟା ଯୁକ୍ତରାଷ୍ଟ୍ର ଆମେରିକା, ସୋଭିଏଟ୍ ରୁଷ ଓ ଜାପାନର ମୋଟ ଲୋକସଂଖ୍ୟା ସହିତ ସମାନ।

*ସମଗ୍ର ବିଶ୍ୱରେ ଚୀନ ପ୍ରଜାତନ୍ତ୍ରକୁ ଛାଡ଼ିଦେଲେ ଭାରତ ହେଉଛି ଦ୍ୱିତୀୟ ଜନ ବହୁଳ ରାଷ୍ଟ୍ର।

*ବିଶ୍ୱରେ ପ୍ରତି ସାତଜଣ ଲୋକଙ୍କ ମଧ୍ୟରେ ଜଣେ ହେଉଛନ୍ତି ଭାରତୀୟ।

*ଭାରତରେ ପ୍ରତି ଦେଢ଼ ସେକେଣ୍ଡରେ ଗୋଟିଏ ଲେଖାଏଁ ଶିଶୁ ଜନ୍ମ ଲାଭ କରିଥାନ୍ତି ଏବଂ ପ୍ରତିଦିନ ୫୭,୫୦୦ ଓ ପ୍ରତିବର୍ଷ ୨୧୦ ଲକ୍ଷ ଶିଶୁ ଜନ୍ମଲାଭ କରିଥାନ୍ତି।

*୧୯୭୧ ମସିହାର ଜନଗଣନା ଅନୁଯାୟୀ ଭାରତରେ ଶତକଡ଼ା ୨୯ ଭାଗ ଲୋକ ଲେଖାପଢ଼ା ଜାଣନ୍ତି। ସାକ୍ଷର ଲୋକମାନଙ୍କ ମଧ୍ୟରେ ପୁରୁଷଙ୍କ ସଂଖ୍ୟା ଅଧିକ ଅର୍ଥାତ୍ ଶତକଡ଼ା ୩୯·୫ ଭାଗ ଏବଂ ସାକ୍ଷର ମହିଳାଙ୍କ ସଂଖ୍ୟା ହେଉଛି ଶତକଡ଼ା ୧୮·୫ ଭାଗ।

*୧୯୭୧ ଜନଗଣନା ଅନୁଯାୟୀ ପ୍ରତି ୧,୦୦୦ ପୁରୁଷଙ୍କ ଅନୁପାତରେ ମହିଳାମାନଙ୍କ ସଂଖ୍ୟା ହେଉଛି ୯୩୨।

## ଆଉ ଗୋଟିଏ ସନ୍ତାନ ହେବା ଆଗରୁ

# ଭାବନ୍ତୁ

ଯେଉଁ ପୁଅଟି ଅଛି, ଆପଣ ତାର ଠିକ୍ ଭାବରେ ଲାଳନ-ପାଳନ କରି ପାରୁଛନ୍ତି ତ ?



ଆପଣଙ୍କର ପିଲା କୁଆଡ଼େଇ ପୁଅଟିକୁ ପଢ଼ା ପଢ଼ିବେ ରୋଗରୁ ରକ୍ଷାକରିବା — ତାର ସମସ୍ତ ସୁବିଧା ପୂରଣ କରି ତାକୁ ଦକ୍ଷନାଗରିକ କରିବାକୁ । କିନ୍ତୁ ଏସବୁ ବ୍ୟବସ୍ଥା କରିବା ପୂର୍ବରୁ ହଠାତ୍ ଯଦି ଆଉ ଗୋଟିଏ ସନ୍ତାନ ଆସିଯାଏ···ତେବେ ? ଏସବୁ ଖର୍ଚ୍ଚ ତୁଲାଇବା ଆପଣଙ୍କ ପକ୍ଷରେ ଅସମ୍ଭବ ହେବ ନାହିଁ କି ? ଆପଣ କଣ ତାକୁ ଏଡ଼ାଇବାକୁ ଚାହିଁବେ ନାହିଁ ?

ଆଜି ଦୁନିଆର କୋଟି କୋଟି ଦମ୍ପତି ଏହି ବ୍ୟବସ୍ଥା କରୁଛନ୍ତି । ଯେଉଁ ପର୍ଯ୍ୟନ୍ତ ... ପ୍ରସ୍ତୁତ ନ ହୋଇଛନ୍ତି ସେମାନେ ଆଉ ଗୋଟିଏ ସନ୍ତାନର କଥା ଭାବୁ ନାହାନ୍ତି । ନିରୋଧ ଜରିଆରେ ଆପଣ ମଧ୍ୟ ଏହା କରି ପାରିବେ । ନିରୋଧ ସାରା ପୃଥିବୀରେ ପୁରୁଷମାନଙ୍କ ଦ୍ୱାରା ଅଧିକ ବ୍ୟବହୃତ ରବର ତିଆରି ଜନ୍ମନିରୋଧକ । ନିରାପଦରେ ଓ ସହଜରେ ବ୍ୟବହାର କରିହେବା ଯୋଗୁଁ ଜନ୍ମନିରୋଧ ପାଇଁ ପୁରୁଷ ପୁରୁଷ ଧରି ଲୋକେ ନିରୋଧ ବ୍ୟବହାର କରି ଆସୁଛନ୍ତି । ତେଣୁ ଆପଣ ବା କାହିଁକି ନିରୋଧ ବ୍ୟବହାର ନ କରିବେ ?

**ସରକାରୀ ସହାୟତା ବ୍ୟବସ୍ଥା ଯୋଗୁଁ ସବୁ ଜାଗାରେ 15 ପଇସାରେ 3ଟି ହିସାବରେ ନିରୋଧ ମିଳେ ।**




ଆଉ ଗୋଟିଏ ସନ୍ତାନ ଆଶା ନ କରିବାପାଇଁ ବ୍ୟବହାର କରନ୍ତୁ

# ନିରୋଧ ▼

ଲକ୍ଷ ଲକ୍ଷ ଲୋକଙ୍କର ମନବୁଝା ପାଇବା ଭଳି, ନିରାପଦ ଓ ସହଜରେ ବ୍ୟବହାରଯୋଗ୍ୟ ରବର ତିଆରି ଜନ୍ମନିରୋଧକ

● **ଔଷଧ ଦୋକାନ, ଷ୍ଟୁଡିଓ ସାଧାରଣ ଦୋକାନ ଓ ଡେରିଷ୍ଟ — ସମସ୍ତଙ୍କ ପାଖରେ ମିଳେ ।**

ଜଗଦୀଶ ପଟ୍ଟନାୟକ

# କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନର ନୂତନ ସମ୍ଭାବନା

ଭାରତର ବିଭିନ୍ନ ରାଜ୍ୟରେ ଥିବା ଶିଳ୍ପ ନିର୍ଦ୍ଦେଶାଳୟଗୁଡ଼ିକ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରିଥାନ୍ତି । କିନ୍ତୁ କ୍ଷୁଦ୍ର ଶିଳ୍ପର ବିକାଶ ଏବଂ ଭବିଷ୍ୟତ୍ ସମ୍ଭାବନା ପ୍ରତି ଦୃଷ୍ଟି ଦେଇ ଶ୍ରେଣୀ ବିଭାଗ କରାଗଲେ ଏହାକୁ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ । ପ୍ରଥମ ଶ୍ରେଣୀର ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ହେଲ, ପାରମ୍ପରିକ ଧରଣର କ୍ଷୁଦ୍ର ଶିଳ୍ପ ଏବଂ ଦ୍ୱିତୀୟ ଶ୍ରେଣୀର ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ହେଲ, ଆଧୁନିକ ଧରଣର କ୍ଷୁଦ୍ର ଶିଳ୍ପ । ଏହି ଉଭୟ ଧରଣର କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ବିକାଶ ଏବଂ ଭବିଷ୍ୟତ ସମ୍ଭାବନା ପାଇଁ ଅଲଗା ଅଲଗା ଭାବେ ବିସ୍ତର କରିବାର ଆବଶ୍ୟକତା ରହିଛି ।

କ୍ଷୁଦ୍ର ଶିଳ୍ପ କହିଲେ ଆଧୁନିକ ସଂଜ୍ଞା ଅନୁଯାୟୀ ଯେଉଁ ଶିଳ୍ପ ପ୍ରତିଷ୍ଠାନରେ ଯନ୍ତ୍ରପାତି, କଳକବ୍ଜା, କୋଠାବାଡ଼ି ପ୍ରଭୃତିରେ ୭ ଲକ୍ଷ ୫୦ ହଜାର ଟଙ୍କା ମଧ୍ୟରେ ମୂଳଧନ ବିନିଯୁକ୍ତ ହୋଇଥାଏ ତାହାକୁ ହିଁ ବୁଝାଯାଏ । ଜଣେ ବ୍ୟକ୍ତିର ମାଲିକାନାରେ ପରିଚାଳିତ କାରିଗରୀ କାରଖାନା, ହସ୍ତ ଶିଳ୍ପ କିମ୍ବା ସେବା ସଂସ୍ଥା ଗୁଡ଼ିକୁ ପାରମ୍ପରିକ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନ ଭାବେ ଗ୍ରହଣ କରାଯାଇ ପାରେ ଏବଂ ଦ୍ୱିତୀୟ ଶ୍ରେଣୀର ଆଧୁନିକ ଧରଣର ଶିଳ୍ପରେ କ୍ଷୁଦ୍ର ଶିଳ୍ପ ସଂସ୍ଥା ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ଶିଳ୍ପ ଗୁଡ଼ିକୁ ନିଆଯାଇଥାଏ ।

ଏହି ଉଭୟ ଶ୍ରେଣୀରେ ଶିଳ୍ପ ପ୍ରତିଷ୍ଠାନ ମଧ୍ୟରୁ ପାରମ୍ପରିକ ଧରଣର କ୍ଷୁଦ୍ର ଶିଳ୍ପ ଗୁଡ଼ିକର ବିକାଶ ଲୋକଙ୍କର ଆୟ ବୃଦ୍ଧି ଏବଂ ସହରାଞ୍ଚଳର ପରିସର ବୃଦ୍ଧି ଉପରେ ନିର୍ଭର କରେ । ଗ୍ରାମାଞ୍ଚଳର ଅନୁପାତ ଅଧିକ ହୋଇଥିବାରୁ ଏବଂ ସେଗୁଡ଼ିକର ଯଥାଯଥ ଉନ୍ନୟନ ଅଭାବରୁ ଏ ଧରଣର କ୍ଷୁଦ୍ର ଶିଳ୍ପର ବିକାଶ ବାଧା ପ୍ରାପ୍ତ ହେଉଛି । ବର୍ତ୍ତମାନ ଗ୍ରାମାଞ୍ଚଳକୁ ବିଦ୍ୟୁତ ଯୋଗାଣ, ଯାତାୟତ ଓ ପରିବହନ ସୁବିଧା ଉନ୍ନତ ଧରଣର ଯାନ ବାହନ ବ୍ୟବସ୍ଥା ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳକୁ ଧୀରେ ଧୀରେ ଉନ୍ନତ କରାଯାଇ ସହରରେ ପରିଣତ କରାଯାଉଛି । ସୁତରାଂ କ୍ଷୁଦ୍ର ଶିଳ୍ପର ବିକାଶ ଦିଗରେ ଏହା ଏକ ଶୁଭ ସୂଚନା ।

ସେହିପରି ଅନ୍ୟାନ୍ୟ ଆଧୁନିକ ଧରଣର କ୍ଷୁଦ୍ର ଶିଳ୍ପ ଗୁଡ଼ିକର ବିକାଶ ବିସ୍ତୃତ କଲେ ଚାହିଦା ସମୟ ଏବଂ କଞ୍ଚାମାଲ ଅବ୍ୟାହତ ଭାବେ ମିଳିବା ଦ୍ୱାରା ହିଁ ସେଗୁଡ଼ିକର ବିକାଶ ଘଟିଥାଏ । ସହର ବାସିନ୍ଦାଙ୍କ ଚାହିଦା ପୂରଣ ପାଇଁ ଏପରି ଶିଳ୍ପ ଗୁଡ଼ିକ ଗଢ଼ି ଉଠୁଥିବାରୁ

ଯେତେ ତୀବ୍ର ସହର ସଂଖ୍ୟା ବଢ଼ି ଉଠିବ ଏବଂ ଶିକ୍ଷା ଓ ସଭ୍ୟତାର ପ୍ରସାର ଘଟିବ ଏହି ଶିଳ୍ପର ବିକାଶ ସେତେ ତୀବ୍ର ସମ୍ଭବ ।

ନିଖିଳ ଭାରତ କ୍ଷୁଦ୍ର ଶିଳ୍ପ ବୋର୍ଡ଼ର ଗତ ଭୁବନେଶ୍ୱର ଅଧିବେଶନ ସମୟରେ ବର୍ତ୍ତମାନ ପରିସ୍ଥିତିର ସୁବିଧାକୁ ଦୃଷ୍ଟିଦେଇ ଏକ ଉଲ୍ଲେଖ-ଯୋଗ୍ୟ ଦିଗ୍ ଦର୍ଶନ ଦିଆ ଯାଇ ପାରିଛି । ଦେଶର କ୍ରମବର୍ଦ୍ଧିଷ୍ଣୁ ବେକାର ସମସ୍ୟା ଏବଂ ଆଞ୍ଚଳିକ ବୈଷମ୍ୟର ଦୂରୀକରଣ ଲାଗି କ୍ଷୁଦ୍ର ଶିଳ୍ପର ବିକାଶ ପ୍ରତି ଏଥିରେ ଯୋର ଦିଆ ଯାଇଛି ।

ଓଡ଼ିଶା ଏକ ଅନୁନ୍ନତ ରାଜ୍ୟ ହୋଇଥିବା ଦୃଷ୍ଟିରୁ ଏହାର ଉନ୍ନତି ପାଇଁ କ୍ଷୁଦ୍ର ଶିଳ୍ପର ବିକାଶ ଏକାନ୍ତ କାମ୍ୟ । ଯୋଜନା କମିଶନଙ୍କ ଏକ ପରିସଂଖ୍ୟାନରୁ ଜଣାପଡ଼େ ଗତ ତୃତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ଦେଶର କ୍ଷୁଦ୍ର ଶିଳ୍ପ ଶତକଡ଼ା ବାର୍ଷିକ ମାତ୍ର ୧୫ ହାରରେ ବୃଦ୍ଧି ପାଇଥିଲା । ଓଡ଼ିଶାର ବୃଦ୍ଧିହାର ଏହି ହିସାବ ଅନୁପାତରେ ଅତି ଅଳ୍ପ । ଅବଶ୍ୟ ତୃତୀୟ ପଞ୍ଚ ବାର୍ଷିକ ଯୋଜନା କାଳରେ ପାକିସ୍ଥାନ ଓ ଚୀନ ଆକ୍ରମଣଜନିତ ପରିସ୍ଥିତି ହେତୁ କଞ୍ଚାମାଲ ମିଳିବାରେ ଅସୁବିଧା ଘଟି ଥିବାରୁ କ୍ଷୁଦ୍ର ଶିଳ୍ପ ବିକାଶ ହାର ଏତେ ନିମ୍ନକୁ ଖସି ଯାଇଛି । ପ୍ରଥମ ଓ ଦ୍ୱିତୀୟ ପଞ୍ଚ ବାର୍ଷିକ ଯୋଜନାରେ ଦେଶର କ୍ଷୁଦ୍ର ଶିଳ୍ପ ଗୁଡ଼ିକର ବିକାଶ ଦୃଷ୍ଟିରୁ କୌଣସି ପଦକ୍ଷେପ ନିଆ ନ ଯାଇ ବଡ଼ ବଡ଼ ଶିଳ୍ପ ପ୍ରତି ଦୃଷ୍ଟି ଦିଆଗଲା । ସୁତରାଂ ତୃତୀୟ ଯୋଜନା କାଳରେ କ୍ଷୁଦ୍ର ଶିଳ୍ପର ଅଗ୍ରଗତିର ହାର ନ୍ୟୁନ ହେବାର ତାହା ମଧ୍ୟ ଏକ କାରଣ । ଯାହା ହେଉ କ୍ଷୁଦ୍ର ଶିଳ୍ପର ବିକାଶ ପାଇଁ ପରବର୍ତ୍ତୀ କାଳରେ ଏହି ବଡ଼ ବଡ଼ ଶିଳ୍ପ ଗୁଡ଼ିକ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି ।

ଓଡ଼ିଶା ବାହାରୁ ବଡ଼ ବଡ଼ ଶିଳ୍ପପତି ଆସି ଓଡ଼ିଶାରେ ପୁଞ୍ଜି ବିନିଯୋଗ କରି ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ଓଡ଼ିଶାର ଶିଳ୍ପ ନୀତି ପ୍ରଦର୍ଶନ କରାଯାଇ ସେମାନଙ୍କୁ ଆହ୍ୱାନ କରାଯାଉଛି । ଏହା ଫଳରେ ଓଡ଼ିଶାରେ ଆନୁସଙ୍ଗିକ ଓ ସାହାଯ୍ୟକାରୀ ଶିଳ୍ପଗୁଡ଼ିକ ଗଢ଼ି ଉଠିବା ପାଇଁ ଉପଯୁକ୍ତ ଅବସ୍ଥା ସୃଷ୍ଟି ହେବ ବୋଲି ବୁଝାଯାଉଛି । ଏହି କାର୍ଯ୍ୟକ୍ରମ ଅନୁସାରେ ଶିଳ୍ପପତିମାନଙ୍କୁ ରାଜ୍ୟ ସରକାର ଲାଇ-ସେନ୍ସ ତଥା ଆବଶ୍ୟକ ସ୍ଥଳେ ବୈଦେଶିକ ବିନିମୟ ମୁଦ୍ରା ପାଇବାରେ ସାହାଯ୍ୟ କରିବେ ଏବଂ ଶିଳ୍ପ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ସମ୍ଭାବନା ରିପୋର୍ଟ ଓ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ ବାବଦକୁ ଯାହା ଖର୍ଚ୍ଚ ହେବ ତାର ଶତକଡ଼ା ୫୦ ଭାଗ ପର୍ଯ୍ୟନ୍ତ ବହନ କରିବେ ।

ନୂତନ ଶିଳ୍ପପ୍ରତିଷ୍ଠାନକୁ ସାହାଯ୍ୟ କରିବା ପାଇଁ ଶିଳ୍ପ ନିର୍ଦ୍ଦେଶାଳୟ ଏବଂ ଯୋଜନା ଓ ରୂପାୟନ ସେଲ ବୈଷୟିକ ଓ କାରିଗରୀ ସହାୟତା ପ୍ରତି ଦୃଷ୍ଟି ଦେଉଛନ୍ତି ।

ଭାରତ ସରକାରଙ୍କ ବିଜ୍ଞାନ ଓ ଶିଳ୍ପ ଗବେଷଣା ପରିଷଦ ପକ୍ଷରୁ ଭୁବନେଶ୍ୱରଠାରେ ଅବସ୍ଥିତ ରିଜିଓନାଲ ରିସର୍ଚ୍ଚ ଲାବୋରେଟୋରୀ ମଧ୍ୟ ଏ ଦିଗରୁ ସାହାଯ୍ୟ କରିବ । ଏହାଛଡ଼ା ଶ୍ରୀରାମ ପ୍ରତିଷ୍ଠାନ ମଧ୍ୟ କାରିଗରୀ ସହାୟତା କରୁଛନ୍ତି ।

ଶିଳ୍ପ ବିକାଶ କ୍ଷେତ୍ରରେ ପୁଞ୍ଜି ଯୋଗାଣ ଦୃଷ୍ଟିରୁ "ଷ୍ଟେଟ ଏଡ଼ ଟୁ ଇଣ୍ଡଷ୍ଟ୍ରିଜ୍" ଆଇନ ଅନୁସାରେ ଓଡ଼ିଶା ସରକାର ଶିଳ୍ପ ପ୍ରତିଷ୍ଠା ପାଇଁ ଅଂଶଧନ, ଋଣ ବା ଗାରେଣ୍ଟି ପ୍ରଭୃତିର ବ୍ୟବସ୍ଥା କରିଛନ୍ତି । ଏହା ଛଡ଼ା ଓଡ଼ିଶା ଷ୍ଟେଟ ଫାଇନାନ୍ସିଆଲ କର୍ପୋରେସନ ମଧ୍ୟ ଋଣ ଦେଇଥାଏ ଏବଂ କେତେକ କ୍ଷେତ୍ରରେ ରାଜ୍ୟ ଶିଳ୍ପ ଉନ୍ନୟନ କର୍ପୋ-ରେସନ ଇକ୍ୱିଟି ସେୟାର ଆକାରରେ ମୂଳଧନ ଯୋଗାଇଥାଏ ।

ଜାତୀୟକରଣ କରାଯାଇଥିବା ବ୍ୟାଙ୍କ ଗୁଡ଼ିକ ମଧ୍ୟ ଶିଳ୍ପ ପ୍ରତିଷ୍ଠା ପାଇଁ ମୂଳଧନ ଯୋଗାଇବାର ସୁଯୋଗ ରଖିଛନ୍ତି ।

ଏହାଛଡ଼ା ଶିଳ୍ପ ପ୍ରତିଷ୍ଠାର ପ୍ରଥମ ପାଞ୍ଚ ବର୍ଷପାଇଁ ଶିଳ୍ପ ଗୁଡ଼ିକୁ ସେଲସ ଟାକ୍ସ, ଅକଟ୍ରଏ ଡିଉଟି ଛାଡ଼ କରାଯାଇ ଶତକଡ଼ା ସାଢ଼େ ବାର ଭାଗ ରିହାତି ହାରରେ ବିଦ୍ୟୁତ୍ ମଧ୍ୟ ଯୋଗାଇ ଦିଆଯାଉଛି । ରିହାତି ହାରରେ ଜମି ଯୋଗାଇ ଦେବାପାଇଁ ମଧ୍ୟ ରାଜ୍ୟ ସରକାର ନୀତି ଘୋଷଣା କରିଛନ୍ତି ।

ରାଉରକେଲା, କାଂସବାହାଲ, ରାଜଗାଙ୍ଗପୁର, ପାରାଦ୍ୱୀପ, ସୁନାବେଡ଼ା, ତାଳଚେର ଏବଂ ଯାଜପୁର ରୋଡ଼ରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ବିଦ୍ୟୁତ୍ ଓ ଜଳ ଯୋଗାଣ, ପରିବହନ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗର ବ୍ୟବସ୍ଥା କରାଯାଉଛି ।

ରାଉରକେଲା, କଟକ, ଝାରସୁଗୁଡ଼ା, ଭୁବନେଶ୍ୱର ଭଳି ସହର ଗୁଡ଼ିଏ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ସେଡ଼ମାନ ତିଆରି କରାଯାଇ ଶିଳ୍ପ ପ୍ରତିଷ୍ଠା ପାଇଁ ସେଗୁଡ଼ିକ ଯୋଗାଇ ଦିଆଯିବାର ମଧ୍ୟ ବ୍ୟବସ୍ଥା ହୋଇଛି ।

ସରକାରୀ ଓ ଅର୍ଦ୍ଧ ସରକାରୀ ଅଫିସ ଗୁଡ଼ିକର ଷ୍ଟୋର ସାମଗ୍ରୀ କିଣିବା ସମୟରେ କ୍ଷୁଦ୍ର ଶିଳ୍ପଜାତ ଦ୍ରବ୍ୟ କିଣିବା ପ୍ରତି ଅଧିକ ଦୃଷ୍ଟି ଦିଆଯିବ ଏବଂ କ୍ଷୁଦ୍ର ଶିଳ୍ପଜାତ ଦ୍ରବ୍ୟଗୁଡ଼ିକୁ ବିକ୍ରୀ କରିବାପାଇଁ ମଧ୍ୟ ସରକାର ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଓଡ଼ିଶା ସରକାର ଘୋଷଣା କରିଛନ୍ତି ।

ଚଳିତ ବର୍ଷଠାରୁ ଓଡ଼ିଶାରେ ବାର୍ଷିକ ୩ ହଜାର କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନ ଆରମ୍ଭ କରିବା ପାଇଁ ଓଡ଼ିଶା ସରକାର ଲକ୍ଷ୍ୟ ସ୍ଥିର କରିଛନ୍ତି । ଏଥିରେ ପ୍ରତିବର୍ଷ ୬୦ କୋଟି ଟଙ୍କା ମୂଳଧନ ବିନିଯୋଗ କରିବାକୁ ପଡ଼ିବ ଏବଂ ୧୮ ହଜାର ବ୍ୟକ୍ତି କାମ ପାଇପାରିବେ । ଓଡ଼ିଶାର ଶିଳ୍ପ ପ୍ରତିଷ୍ଠା ପାଇଁ ନୂତନ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକୁ ଜମି, ବିଦ୍ୟୁତ, ପୁଞ୍ଜି, କଞ୍ଚା ଯୋଗାଣ ପ୍ରଭୃତିର ସୁବିଧା ତଥା ସମ୍ଭାବନା ରିପୋର୍ଟ ଓ ପ୍ରୋଜେକ୍ଟ ରିପୋର୍ଟର ପ୍ରସ୍ତୁତି ଦୃଷ୍ଟିରୁ ସାହାଯ୍ୟ କରିବା ପାଇଁ ମଧ୍ୟ ଏକ ନୂତନ ସଂସ୍ଥା ଗଠନ ପାଇଁ ଓଡ଼ିଶା ସରକାର ସିଦ୍ଧାନ୍ତ କରିଛନ୍ତି ।

କଞ୍ଚାମାଲ ଯୋଗାଣ, ପୁଞ୍ଜି ବିନିଯୋଗରେ ସୁଲଭତା, ବିଦ୍ୟୁତ, ଜଳ ଏବଂ ବିଭିନ୍ନ ପ୍ରକାର ଟିକସ ଆଦିରେ ରିହାତି ଛଡ଼ା କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ବିଶିଷ୍ଟ ଦୁଇଟି ଦିଗ ହେଲା ଶିଳ୍ପ ଗବେଷଣା ଏବଂ ବୈଷୟିକ ତାଲିମ । ବଡ଼ ବଡ଼ ଶିଳ୍ପ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ବିଜ୍ଞାନାଗାର ରହି ଗବେଷଣା କରାଯାଇପାରେ ଏବଂ କାରିଗରୀ ଆଦି ମଧ୍ୟ ତାଲିମ ଦିଆଯାଇପାରେ । ମାତ୍ର କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନର ସୀମିତ ସମ୍ବଳ ମଧ୍ୟରେ ଏହା ସହଜ ନୁହେଁ । ଏହି ସମସ୍ୟାର ସମାଧାନ ପାଇଁ କଟକ ଏବଂ ପୁନାଠାରେ ଦୁଇଟି ବିଜ୍ଞାନାଗାର ପ୍ରତିଷ୍ଠା କରାଯାଇ କ୍ଷୁଦ୍ର ଶିଳ୍ପ ସମ୍ପର୍କରେ ଗବେଷଣା କରାଯାଉଛି, ଛୋଟ ଛୋଟ ଶିଳ୍ପ ଉଦ୍ୟୋଗଗୁଡ଼ିକୁ ଯେଉଁସବୁ ବୈଷୟିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ, ସେଥିରୁ ସହଜ ବାଟ ବାହାର କରି ଆଧୁନିକ ଯନ୍ତ୍ରପାତିର ଉଦ୍ଭାବନ ଏହି ବିଜ୍ଞାନାଗାରର କାର୍ଯ୍ୟ । କ୍ଷୁଦ୍ର ଶିଳ୍ପ ଜାତ ଦ୍ରବ୍ୟ ଗୁଡ଼ିକର ମାନ ନିର୍ଦ୍ଧାରଣ କରାଯାଇ ଗୁଣାତ୍ମକ ବିକାଶ କରିବା ଦିଗରେ ମଧ୍ୟ ଦୃଷ୍ଟି ଦିଆ ଯାଉଛି । ଏହି କାର୍ଯ୍ୟକ୍ରମ ଅନୁସାରେ ଆଇ. ଏସ. ଆଇ ସଂସ୍ଥା ଦ୍ୱାରା ମାନ ନିର୍ଦ୍ଧାରଣ କରାଯାଇଥାଏ ।

ସେଜନ୍ତୁ ବୈଷୟିକ ତାଲିମ ଦେଇ ଦକ୍ଷ କାରିଗର କରିବା ଦୃଷ୍ଟିରୁ ଶିଳ୍ପ ଡାଇରେକ୍ଟରଙ୍କ ଅଫିସରେ ସ୍ୱତନ୍ତ୍ର ସେଲ ଖୋଲାଯାଇ ଏ ଦିଗ ପ୍ରତି ସମ୍ୟକ ଦୃଷ୍ଟି ଦିଆ ଯାଉଛି । ଏ ଦିଗରେ ଜାତୀୟ ପ୍ରଡକ୍ଟିଭିଟି କାଉନସିଲର ଭୂମିକା ଉଲ୍ଲେଖଯୋଗ୍ୟ । ସମ୍ପ୍ରତି ସାରା ଦେଶରେ ଏହି କାଉନସିଲ ଅଧୀନରେ ୧୬ଟି କ୍ଷୁଦ୍ର ଶିଳ୍ପ ସର୍ଭିସ ଇନଷ୍ଟିଚ୍ୟୁଟ ଏବଂ ୬୨ଟି ଏକ୍ସଟେନସନ ଏଣ୍ଡ ପ୍ରଡକସନ ସେଣ୍ଟର ସ୍ଥାପନ କରାଯାଇ ବୈଷୟିକ ଓ ପରିଚାଳନାଗତ ସମସ୍ୟା ଗୁଡ଼ିକ ଉପରେ ବିଶେଷ ଦୃଷ୍ଟିପାତ କରୁଛନ୍ତି । ଏହା ବ୍ୟତୀତ ହାଇଦ୍ରାବାଦଠାରେ ଥିବା ସ୍ମଲ ଇଣ୍ଡଷ୍ଟ୍ରିଜ ଏକ୍ସଟେନସନ ଟ୍ରେନିଂ ଇନଷ୍ଟିଚ୍ୟୁଟ ବୈଷୟିକ ତାଲିମ କ୍ଷେତ୍ରରେ ଆବଶ୍ୟକତା ଅନୁଯାୟୀ ବ୍ୟବସ୍ଥା କରୁଛନ୍ତି । ବୈଷୟିକ ତାଲିମ ଦେବା ସଙ୍ଗେ ସଙ୍ଗେ ଉତ୍ପାଦନ ଗୁଡ଼ିକର ଗୁଣାତ୍ମକ ବିକାଶ ଘଟାଇବା ଦୃଷ୍ଟିରୁ ମଧ୍ୟ ଜାତୀୟ ପ୍ରଡକ୍ଟିଭିଟି କାଉନସିଲ ପଦକ୍ଷେପ ନେଇଛନ୍ତି ।

ଏ ସବୁ ପରିପ୍ରେକ୍ଷୀରୁ ବିଚାର କଲେ କ୍ଷୁଦ୍ର ଶିଳ୍ପର ଭବିଷ୍ୟତ ସମ୍ଭାବନା ଯେ ଅତି ଉଜ୍ଜ୍ୱଳ ଏହା ସହଜରେ ଅନୁମାନ କରାଯାଇ ପାରେ । ବ୍ୟବହାରିକ ଅର୍ଥନୀତି ଗବେଷଣାର ଜାତୀୟ ପରିଷଦ ଏ ସମ୍ପର୍କରେ ଗବେଷଣା କରି କ୍ଷୁଦ୍ର ଶିଳ୍ପଗୁଡ଼ିକର ନୂତନ ସମ୍ଭାବନା ସମ୍ପର୍କରେ ଯେଉଁ ରିପୋର୍ଟ ପ୍ରସ୍ତୁତ କରିଛନ୍ତି ସେଥିରେ ଉଲ୍ଲେଖ କରାଯାଇଛି, ସାଧାରଣ ଇଞ୍ଜିନିୟରିଂ ଯନ୍ତ୍ରପାତି, କୃଷି ସମ୍ବନ୍ଧୀୟ ଯନ୍ତ୍ରପାତି, କୋଠାବାଡ଼ି ନିର୍ମାଣ ପାଇଁ ଆବଶ୍ୟକ ଲୌହ ଉପକରଣ ପ୍ରଭୃତି ଉତ୍ପାଦନ ପାଇଁ ଓଡ଼ିଶାରେ ଯଥେଷ୍ଟ ସୁଯୋଗ ରହିଛି ।

ଅଣ ଇଞ୍ଜିନିୟରିଂ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକ ମଧ୍ୟରେ କୃଷିଜାତ ଦ୍ରବ୍ୟ ଉପରେ ଭିତ୍ତି କରି ଶିଳ୍ପ ପ୍ରତିଷ୍ଠାନ ଗଢ଼ିବା ପାଇଁ ଓଡ଼ିଶାରେ ପ୍ରକୃଷ୍ଟ କ୍ଷେତ୍ର ଓ ସୁଯୋଗ ରହିଥିବା ଉକ୍ତ ପରିଷଦ ମତ ଦେଇଛନ୍ତି । ଏ ଗୁଡ଼ିକ ମଧ୍ୟରେ ରାଇସ ମିଲ, ଅଏଲ ମିଲ, ଧୂଆଁ ପତ୍ର, ଆଖୁ, ଜଙ୍ଗଲଜାତ ଦ୍ରବ୍ୟ ଗୁଡ଼ିକ ଉପରେ ଗଢ଼ି ଉଠୁଥିବା ଶିଳ୍ପ ପ୍ରଭୃତି ପ୍ରଧାନ । ପରିବା ପତ୍ର ଏବଂ ଫଳ ଉପରେ ଭିତ୍ତି କରି ଗଢ଼ି ଉଠୁଥିବା ଶିଳ୍ପର ଚାହିଦା ଅତି ଅଧିକ ଏବଂ ଏହା ବୈଦେଶିକ ବଜାରରେ ମଧ୍ୟ ଆଦୃତ ହେବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

(ଆକାଶବାଣୀ ସୌଜନ୍ୟରୁ)

———

## ଏପ୍ରିଲ ପହିଲାରେ ଓଡ଼ିଶା ପୁଲିସର ୩୭ତମ ସଂଗଠନ ଦିବସ ଉପଲକ୍ଷେ—

# ପ୍ରଗତିପଥେ ଓଡ଼ିଶା ପୁଲିସ

୧୯୭୧ ମସିହା ଦେଶର ସ୍ୱାଧୀନତା ତଥା ଗଣତନ୍ତ୍ର ପକ୍ଷରେ ଯେପରି ଘୋର ପରୀକ୍ଷାର ବର୍ଷଥିଲା, ଓଡ଼ିଶାବାସୀଙ୍କ ପକ୍ଷରେ ମଧ୍ୟ ତତୋଧିକ ସଙ୍କଟମୟ ହୋଇଥିଲା । ବର୍ଷର ପ୍ରଥମ ଭାଗରେ ଲୋକସଭା ଏବଂ ରାଜ୍ୟ ବିଧାନ ସଭା ଭାଙ୍ଗିଦିଆଯାଇଥିବାରୁ ରାଜ୍ୟରେ ରାଜନୈତିକ ଅସ୍ଥିରତା ପରିଲକ୍ଷିତ ହୋଇଥିଲା । ଏହାର ପରିସମାପ୍ତି ଘଟିଲା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପରେ । ମାତ୍ର ଗୋଟିଏ ଦିନରେ ଲୋକସଭା ଏବଂ ବିଧାନସଭା ଆସନଗୁଡ଼ିକ ପାଇଁ ହୋଇଥିବା ସାଧାରଣ ନିର୍ବାଚନ କରିଥାରେ ରାଜ୍ୟବାସୀ ଶାନ୍ତି ଶୃଙ୍ଖଳାର ସହିତ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ପୁଲିସ ବିଭାଗର ମଧ୍ୟ ପ୍ରଶଂସନୀୟ ଅବଦାନ ରହିଥିଲା ।

ସେହିପରି ବର୍ଷର ଶେଷ ଭାଗରେ ଦେଖାଦେଇଥିବା ପ୍ରବଳ ବନ୍ୟା ଓ ବାତ୍ୟା ପରି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ପୁଲିସ ବାହିନୀ ବିପଦର ବନ୍ଧୁ ରୂପେ ପ୍ରପୀଡ଼ିତ ଜନତାକୁ ସାହାଯ୍ୟ ସହାନୁଭୂତି ପ୍ରଦାନ କରିଥିଲେ । ତା'ପରେ ଯୁଦ୍ଧ ପରି ଏକ ସର୍ବଗ୍ରାସୀ ସଙ୍କଟଜନକ ପରିସ୍ଥିତିରେ ଯେତେବେଳେ ଦେଶର ସ୍ୱାଧୀନତା ଓ ସଂହତି ବିପନ୍ନ ହୋଇପଡ଼ିଥିଲା ସେତେବେଳେ ତା'ର ସୁରକ୍ଷା ଦିଗରେ ଓଡ଼ିଶାବାସୀଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ପୁଲିସକୁ ଅତ୍ୟନ୍ତ ଦାୟିତ୍ୱମୂଳକ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପଡ଼ିଥିଲା । ଏତଦ୍‌ବ୍ୟତୀତ ରାଜ୍ୟର ସୀମାନ୍ତ ଅଞ୍ଚଳମାନଙ୍କରେ ଲାଗି ରହିଥିବା ନକ୍‌ସଲ୍‌ପନ୍ଥୀମାନଙ୍କର ଉପଦ୍ରବ ସାଙ୍ଗକୁ ରାଜ୍ୟ ଭିତରେ ଦେଖା ଦେଇଥିବା ବିଭିନ୍ନ ଛୋଟ ବଡ଼ ଆନ୍ଦୋଳନ ଏବଂ ଅପରାଧଗୁଡ଼ିକର ପ୍ରତିକାର ଓ ପ୍ରତିରୋଧ ଦିଗରେ ପୁଲିସ ବିଭାଗକୁ ସୁଚିନ୍ତିତ ତଥା ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିଥିଲା । ନିମ୍ନରେ ଏ ସମ୍ପର୍କରେ ସମ୍ୟକ ସୂଚନା ଦିଆଗଲା :—

## ଦୁର୍ଦ୍ଦିନର ସାଥୀ

ଅକ୍‌ଟୋବର ତା ୨୯-୩୦ ରିଖ, ପ୍ରାୟ ୧୮ ଘଣ୍ଟାରେ ପ୍ରଳୟଙ୍କରୀ ବାତ୍ୟାରେ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି ହୋଇଥିଲା । ବାସହୀନ, ସମ୍ବଳହୀନ ଅଗଣିତ ଜନତା ଅସହାୟ ଭାବରେ ସାହାଯ୍ୟ ଅପେକ୍ଷାରେ ରହିଥିଲେ । ମହାକୁମ ଠାରୁ ଆରମ୍ଭ କରି ଟେଲିଗ୍ରାଫ ଓ ଟେଲିଫୋନ ଖୁଣ୍ଟସବୁ ଧରାଶାୟୀ

ଜେତାସ୍ତ ସମ୍ବାଦ ସରବରାହ କରିବା ତ ଦୂରର କଥା, ରାସ୍ତା ଅବରୋଧ ହୋଇଥିବାରୁ ଯାନବାହନ ଚଳାଚଳ ଅସମ୍ଭବ ହୋଇଯାଇଥିଲା । ଜନତାର କରୁଣ ପରିସ୍ଥିତି ସମ୍ପର୍କରେ ସଂଗୃହୀତ ବିବରଣୀମାନ ପୁଲିସ ବେତାର ମାଧ୍ୟମରେ ସରକାରଙ୍କ ନିକଟରେ ତୁରନ୍ତ ପହଞ୍ଚାଇବା ଏବଂ ରିଲିଫ୍ ବଣ୍ଟନ ସମ୍ପର୍କରେ ସରକାରୀ ନିର୍ଦ୍ଦେଶ ତଥା ବିଭିନ୍ନମାନ ଜିଲ୍ଲା, ସବ୍‌ଡିଭିଜନ ତଥା ବ୍ଲକ କର୍ତ୍ତୃପକ୍ଷଙ୍କ ନିକଟରେ ଯଥାଶୀଘ୍ର ପହଞ୍ଚାଇବା ଥିଲା ପୁଲିସ ବିଭାଗର ପ୍ରଥମ ଦାୟିତ୍ୱ । ବାତ୍ୟାବିଧ୍ୱସ୍ତ ୬ ଗୋଟି ଜିଲ୍ଲା ଏବଂ ଭୁବନେଶ୍ୱର ମଧ୍ୟରେ ନିବିଡ଼ ଯୋଗାଯୋଗ ସ୍ଥାପନ କରିବାକୁ ପୁଲିସ ବେତାର ଶାଖାର କର୍ମଚାରୀମାନେ ଅବିରାମ ଦିବାନିଶି କାର୍ଯ୍ୟ କରିଥିଲେ । ସେହିପରି କଷ୍ଟସାଧ୍ୟ ଥିଲା ରାସ୍ତାରୁ ଗଛ ଇତ୍ୟାଦି ପ୍ରତିବନ୍ଧକ ପରିଷ୍କାର କରି ଯାନବାହନ ପାଇଁ ସୁଗମ କରିବା । ବିଭିନ୍ନ ରାସ୍ତା ଘାଟରେ ପଡ଼ିଥିବା ଗଛସବୁ ସାମରିକ ପୁଲିସ୍‌ବାହିନୀର ଜବାନ୍‌ମାନେ ପ୍ରଥମେ କାଟି ସଫା କରିଥିଲେ । କୁଜଙ୍ଗ ଓ ରାଜନଗର ଅଞ୍ଚଳରେ ଇତସ୍ତତଃ ପଡ଼ିଥିବା ଅସଂଖ୍ୟ ମନୁଷ୍ୟ ଓ ପଶୁମାନଙ୍କର ଶବଗୁଡ଼ିକୁ ସ୍ଥାନାନ୍ତରିତ କରିବାରେ ମଧ୍ୟ ପୁଲିସ ଆଗଭର ହୋଇଥିଲେ । ତାଳଚୁଆଁ, ସାତଭାୟା, କୃଷ୍ଣି ଓ ଅନ୍ୟାନ୍ୟ ଯେଉଁ ସବୁ ସମୁଦ୍ର ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ଯିବା ଆଦୌ ସମ୍ଭବପର ହେଉନଥିଲା ସେଠାକୁ ପ୍ରଥମେ ଗୋଟିଏ ପୁଲିସ ଦଳକୁ ପଠାଯାଇ କ୍ଷୁଧାର୍ତ୍ତ ଲୋକଙ୍କୁ ଖାଦ୍ୟଦ୍ରବ୍ୟ ବଣ୍ଟନ କରାଯାଇଥିଲା । ପାରାଦ୍ୱୀପ ବନ୍ଦର ଅଞ୍ଚଳରେ ସ୍ଥାନୀୟ ପୁଲିସ ଅଫିସରଙ୍କ ତତ୍ତ୍ୱାବଧାନରେ ସେମାନଙ୍କୁ ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ରିଲିଫ ଦିଆଯାଇଥିଲା । ବାତ୍ୟାର ପ୍ରକୋପ କମିବାର ମାତ୍ର ୨୪ ଘଣ୍ଟା ମଧ୍ୟରେ କଟକ ପୁଲିସ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ୨ ଜଣ ପୁଲିସ ଅଫିସର ପାରାଦ୍ୱୀପ, କୁଜଙ୍ଗ ଓ ରାଜନଗର ପରି ଦୁର୍ଗମ ଅଞ୍ଚଳକୁ ଯାତ୍ରା କରିଥିଲେ ଏବଂ ଶତାଧିକ ବୁଭୁକ୍ଷୁ ଓ ବାତ୍ୟାହତ ଜନତାଙ୍କୁ ଖାଦ୍ୟ ବିତରଣ କରିଥିଲେ । ଉକ୍ତ ପୁଲିସ ଦଳସବୁ ସରକାରୀ ରିଲିଫ ଦଳମାନଙ୍କ ମଧ୍ୟରେ ସର୍ବପ୍ରଥମେ ବାତ୍ୟାବିଧ୍ୱସ୍ତ ଅଞ୍ଚଳରେ ପହଞ୍ଚିଥିଲେ ।

## ଜାତୀୟ ସଙ୍କଟ କାଳରେ ପୁଲିସର ଭୂମିକା

ଡିସେମ୍ବର ମାସରେ ଦେଶବିରୁଦ୍ଧରେ ଯେତେବେଳେ ଶତ୍ରୁପକ୍ଷରୁ ଯୁଦ୍ଧର ଆହ୍ୱାନ ଦିଆଗଲା, ସେତେବେଳେ ସରକାରଙ୍କ ଏକ ସଙ୍ଗଠିତ ସୁଶୃଙ୍ଖଳ ଏବଂ ତାଲିମ ପ୍ରାପ୍ତ ବିଭାଗରୂପେ ପୁଲିସ ବିଭାଗ ଶତ୍ରୁର ବିଧ୍ୱଂସାତ୍ମକ ସମ୍ଭାବ୍ୟ ଚକ୍ରାନ୍ତରୁ ସାଧାରଣ ସମ୍ପତ୍ତି ଓ ଅତ୍ୟାବଶ୍ୟକୀୟ ପ୍ରତିଷ୍ଠାନ ସବୁ ରକ୍ଷା କରିବା ସଙ୍ଗେ ସଙ୍ଗେ ସାମ୍ପ୍ରଦାୟିକ ସଦ୍‌ଭାବ ଅକ୍ଷୁର୍ଣ୍ଣ ରଖିପାରିଥିଲେ । ଆଶଙ୍କିତ ସ୍ଥାନମାନଙ୍କରେ ସଶସ୍ତ୍ରପୁଲିସ ପହରା ଦେବା, ଶତ୍ରୁଦେଶ ଦଲାଲମାନେ ରାଜ୍ୟଭିତରକୁ ଅନୁପ୍ରବେଶ କରିବା ଭଳି ଥିବା ସାମ୍ଭାବ୍ୟ ପଥ ଗୁଡ଼ିକୁ କଡ଼ା ନଜରରେ ରଖିବା ଏବଂ ସନ୍ଦେହ ଜନକ ବ୍ୟକ୍ତିମାନଙ୍କ ଗତିବିଧି ଉପରେ ସତର୍କ ଦୃଷ୍ଟି ରଖିବା, ପ୍ରତିରକ୍ଷା-ବାହିନୀପାଇଁ ଆବଶ୍ୟକ ଖାଦ୍ୟପଦାର୍ଥ ଓ ସୈନ୍ୟବିଭାଗ ନିରାପଦରେ ଚଳାଚଳ କରିବା ଉଦ୍ଦେଶ୍ୟରେ ରେଳପଥରେ ବିଶେଷ ସତର୍କତା-ମୂଳକ ବ୍ୟବସ୍ଥା କରିବା ଇତ୍ୟାଦି ସମସ୍ତ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ପୁଲିସକୁ ସଂପାଦନ କରିବାକୁ ପଡ଼ିଥିଲା । ପୁଲିସ ସଙ୍ଗଠନର ଗୁପ୍ତ ସମ୍ବାଦ ସଂଗ୍ରହକାରୀ ସଂସ୍ଥାକୁ ଯୁଦ୍ଧକାଳୀନ ଗୁପ୍ତ ସମ୍ବାଦ ସବୁ ସଂଗ୍ରହ କରିବା କାର୍ଯ୍ୟରେ ସଫଳତାର ସହିତ ନିଯୁକ୍ତ କରାଯାଇଥିଲା । କେତେକ ସ୍ଥାନରେ ସଂଖ୍ୟାଲଘୁ ସଂପ୍ରଦାୟର କେତେକ ଲୋକଙ୍କୁ ଶତ୍ରୁପକ୍ଷରଦଲାଲ ବୋଲି ଅଯଥା ସନ୍ଦେହ କରି ଯେପରି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ନ ପଡ଼େ, ସେଥିପ୍ରତି ବିଶେଷ ସତର୍କତା ଅବଲମ୍ବନ କରାଯାଇଥିଲା । ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠାକରିବା ଓ ଜରୁରୀକାଳୀନ ପରିସ୍ଥିତି ସମ୍ପର୍କରେ ସରକାରଙ୍କୁ ଯଥାଶୀଘ୍ର ସଠିକ୍ ସମ୍ବାଦ ପରିବେଷଣ କରିବା ଓ ଅଭିସନ୍ଧିମୂଳକ ଗୁଜବର ପ୍ରସାର ଦ୍ୱାରା ଆତଙ୍କ ଯେପରି ବିସ୍ତାର ଲାଭ ନ କରେ ଏହି ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ କନ୍‌ଟ୍ରୋଲ ରୁମ୍ ସ୍ଥାପନ କରାଯାଇଥିଲା ।

## ନକସଲ୍ ବିରୋଧୀ କାର୍ଯ୍ୟାନୁଷ୍ଠାନ

ରାଜ୍ୟର ଉତ୍ତର ସୀମାନ୍ତରେ ଥିବା ମୟୂରଭଞ୍ଜ ଜିଲ୍ଲାର ସୁଳିଆପଦା, ଶୁନ୍‌ଟା ପ୍ରଭୃତି କେତେକ ସ୍ଥାନଦେଇ ରାଜ୍ୟଭିତରୁ ପଶ୍ଚିମ-ବଙ୍ଗର ଚରମପନ୍ଥୀମାନେ ଅନୁପ୍ରବେଶ କରିଥିଲେ ମଧ୍ୟ ପୁଲିସର ସତର୍କତା ଦୃଷ୍ଟି ଯୋଗୁ ସେମାନେ କିଛି କରି ପାରି ନ ଥିଲେ । ଶୁନ୍‌ଟା ଥାନା ଅଞ୍ଚଳରେ ୪ ଜଣ ଚରମପନ୍ଥୀଙ୍କୁ ଗିରଫ କରାଯାଇ ଚୀନର ପ୍ରଚାରପତ୍ର ସମେତ କେତେକ ମାରଣାସ୍ତ୍ର ସେମାନଙ୍କ ନିକଟରୁ ଜବତ କରାଯାଇଥିଲା । ଫଳରେ ସେମାନେ ପ୍ରତିହିଂସା ପରାୟଣ ହୋଇ ଜୁନମାସରେ ଅତର୍କିତ ଭାବରେ ପୁଲିସ ବାହିନୀର ଏକ ଘାଟୀ ଉପରେ ଚଢ଼ାଉ କରିଥିଲେ । ସେହି ଉପଦ୍ରୁତ ଅଞ୍ଚଳ ୧୭ ଟି ଗ୍ରାମରେ ଓଡ଼ିଶା ପୁଲିସ ଏବଂ ବିହାର ପୁଲିସଙ୍କ ମିଳିତ ଉଦ୍ୟମରେ ବ୍ୟାପକ ଖାନତଲାସ ହେବାରୁ ଅବସ୍ଥା ଶାନ୍ତ ହୋଇଥିଲା ।

ସେହିପରି ବ୍ରହ୍ମପୁର ସହରରେ କୌଣସି ଏକ ଅନୁଷ୍ଠାନର କେତେକ ଉଗ୍ରପନ୍ଥୀ ବାର୍ତ୍ତି କାନ୍ଥବାଡ଼ରେ 'ମାଓ' ସ୍ଲୋଗାନ୍ ଲେଖିଥିଲେ ଓ ବିଭିନ୍ନ ସ୍ଥାନରେ ବୋମା ଫିଙ୍ଗିଥିଲେ । ସେମାନେ ସ୍ଥାନୀୟ କଲେଜରେ ଉପଦ୍ରବ କରି ନିକଟସ୍ଥ ଏକ ଗ୍ରାମରେ ମଧ୍ୟ ଡକାୟତି କରିଥିଲେ । ୧୨ ଜଣଙ୍କୁ ଗିରଫ କରାଯାଇଥିଲା । ଏସବୁ ଘଟଣାରେ ସଂପୃକ୍ତ ପଶ୍ଚିମବଙ୍ଗରେ ଜଣେ ବିଶିଷ୍ଟ ନକ୍ସଲପନ୍ଥୀ ପ୍ରଥମେ ପୁଲିସ କବଳରୁ ଖସି ଯାଇଥିଲେ ମଧ୍ୟ ଡିସେମ୍ବର ମାସରେ ସଦଳବଳେ ଗିରଫ ହେଲେ ।

ଗଞ୍ଜାମ, କୋରାପୁଟ ଏବଂ ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତବର୍ତ୍ତୀ ମାଳଅଞ୍ଚଳମାନଙ୍କରେ ଆନ୍ଧ୍ର ଓ ପଶ୍ଚିମ ବଙ୍ଗଳାର ଉଗ୍ରପନ୍ଥୀ ମାନେ ହିଂସାତ୍ମକ କାଣ୍ଡ ଘଟାଇବାକୁ ପ୍ରବଳ ଉଦ୍ୟମ କରିଥିଲେ । ସେମାନେ ଗଞ୍ଜାମ ଜିଲ୍ଲାର ରାମଗିରି, ଲାବଣ୍ୟଗୋଡ଼ା ଓ ଆର. ଉଦୟଗିରି ଅଞ୍ଚଳରେ ସକ୍ରିୟ ହୋଇଉଠିଥିଲେ ଏବଂ ଗୋଟିଏ ଘଟଣାରେ ଜଣକୁ ହତ୍ୟାକରି ୧୪ ହଜାର ଟଙ୍କାର ସମ୍ପତ୍ତି ଲୁଟି ନେଇଥିଲେ । ଏ ସମ୍ପର୍କରେ କେତେଜଣ ସଉରା ଲୋକଙ୍କୁ ଗିରଫ କରାଯାଇଥିଲା । ଅନ୍ୟଏକ ଘଟଣାରେ ସେମାନେ ଗୋଟିଏ ବନ୍ଧୁକ ଛଡ଼ାଇ ନେଇଥିଲେ । ସଶସ୍ତ୍ରପୁଲିସ ଏଅଞ୍ଚଳରେ ବ୍ୟାପକ ଅନୁସନ୍ଧାନ ଓ ଖାନତଲାସ କରି ଅନେକାଂଶରେ ସେମାନଙ୍କ ଉଦ୍ୟମକୁ ପଣ୍ଡକରି ଦେଇଥିଲେ । ଏପରିକି ପୁଲିସ ସହିତ ସଶସ୍ତ୍ର ସଂଘର୍ଷରେ ଜଣେ ନକ୍ସଲନେତା ସମେତ ଅନ୍ୟ ୨ଜଣ ମୃତ୍ୟୁବରଣ କରିଥିଲେ ଏବଂ ଜଣେ ନାରୀକର୍ମୀ ଆହତ ଅବସ୍ଥାରେ ଖସିଯାଇଥିଲା । ସେମାନଙ୍କ ଗୁପ୍ତ ଆସ୍ଥାନରୁ ଏବଂ ଅନ୍ୟାନ୍ୟ କେତେକ ସ୍ଥାନରୁ ମାରଣାସ୍ତ୍ର ଜବତ କରାଯାଇଥିଲା । ପୁଲିସର ତତ୍ପରତା ଫଳରେ ସେ ଦଳର ଅନ୍ୟ କର୍ମୀମାନେ ତାଙ୍କର ଉଦ୍ଦେଶ୍ୟ ସାଧନରେ ପରାହତ ହୋଇଥିଲେ । ସେହିପରି ଅନ୍ୟକେତେଜଣ ବଡ଼ବିଲ୍ ଥାନାର ବଲାଣୀ ଖଣି ଅଞ୍ଚଳରେ ତାଙ୍କର ଗୁପ୍ତ ଅଡ୍ଡା ସ୍ଥାପନ କରି ଡକାୟତି ଓ ନରହତ୍ୟା ଇତ୍ୟାଦି ଜଘନ୍ୟ ଅପରାଧ ସବୁ କରିବାକୁ ପରିକଳ୍ପନା କରିଥିଲେ । ପୁଲିସର ତତ୍ପରତା ଫଳରେ କେତେକ କୁଖ୍ୟାତ ନକ୍ସଲ୍ ନେତା ଧରା ପଡ଼ିଯିବାରୁ ସେମାନଙ୍କ ହୀନଚକ୍ରାନ୍ତ ବିଫଳ ହୋଇଯାଇଥିଲା ଏବଂ ଅସ୍ତ୍ରଶସ୍ତ୍ର ସଂଗ୍ରହ କରିଥିବା ହେତୁ ସେମାନଙ୍କୁ ବିଭିନ୍ନ କେନ୍ଦ୍ର- ମାନଙ୍କରେ ଚଲାଣ କରାଯାଇଥିଲା । ସାମରିକ ପୁଲିସର ୨ୟ ବାଟାଲିଅନ୍‌କୁ ପଶ୍ଚିମବଙ୍ଗର ହାଓଡ଼ା ଓ ଦମ୍‌ଦମ୍ ପରି ନକ୍ସଲପନ୍ଥୀ ଅଞ୍ଚଳରେ ସଫଳତାର ସହିତ ନିୟୋଜିତ କରାଯାଇଥିଲା । ଏହି ବାଟାଲିଅନର ଜମାଦାର ଜଲାଲଉଦ୍ଦିନଖାଁଙ୍କ ନେତୃତ୍ୱରେ ଉଗ୍ରପନ୍ଥୀଙ୍କର ଏକଗୁପ୍ତ ଆଡ୍ଡା ଉପରେ ଚଢ଼ାଉ କରାଯାଇ ବହୁମାରାତ୍ମକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା । ଏହି ବାହିନୀକୁ ବାଲେଶ୍ୱର ଓ ପଶ୍ଚିମବଙ୍ଗଳାର ସୀମାନ୍ତରେ, ୪ର୍ଥ ବାଟାଲିଅନକୁ ମୟୂରଭଞ୍ଜ-ବାଲେଶ୍ୱର ସୀମାନ୍ତରେ ଓ ୬ଷ୍ଠ ବାଟାଲିଅନକୁ ଅନ୍ୟାନ୍ୟ ସୀମାନ୍ତରେ ଏବଂ ୩ୟ ବାଟାଲିଅନକୁ ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଉଗ୍ରପନ୍ଥୀଙ୍କର ହିଂସାତ୍ମକ ଉପଦ୍ରବରୁ ଜନତାକୁ ରକ୍ଷାକରିବାପାଇଁ ମୁତୟନ କରାଯାଇଥିଲା । ସେମାନଙ୍କର କାର୍ଯ୍ୟ- ଦକ୍ଷତା ଓ କର୍ତ୍ତବ୍ୟ ପରାୟଣତା ପାଇଁ ସେମାନେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତଥା ଅନ୍ୟ ରାଜ୍ୟରେ ଉଚ୍ଚ ପ୍ରଂଶସିତ ହୋଇଥିଲେ ।

## ଆଇନ୍‌ଶୃଙ୍ଖଳା ପରିସ୍ଥିତି

ଗତବର୍ଷ ମଧ୍ୟରେ ରାଜ୍ୟରେ ଗୋଟିଏ ବା ଦଉଟି ଘଟଣା ବ୍ୟତୀତ ସେପରି କୌଣସି ଗୁରୁତର ଆଇନ ଶୃଂଖଳା ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା । କେତେକ ଜିଲ୍ଲାର ଜମିହୀନ ଆଦିବାସୀ ଓ ହରିଜନମାନଙ୍କ ମଧ୍ୟରେ ଜମିଜମା ସଂକ୍ରାନ୍ତରେ ଅସନ୍ତୋଷ ପ୍ରକାଶ ପାଇଥିଲା । ସ୍ଥାନୀୟ ପୁଲିସର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଫଳରେ ଉତ୍ତେଜନା ଶାନ୍ତ ହୋଇଥିଲା । ପାରାଦ୍ୱୀପ, ରାଉରକେଲା ଠାରେ ସ୍ଥାନୀୟ ଘଟଣାରେ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇ ଗୁରୁତର ଆଇନ ଶୃଂଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା । ପରିସ୍ଥିତିକୁ ଆୟତ୍ତାଧୀନ କରିବା ପାଇଁ ପୁଲିସକୁ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଥିଲା ।

## ଅପରାଧ ନିୟନ୍ତ୍ରଣ

୧୯୭୦ ମସିହା ତୁଳନାରେ ଗତବର୍ଷ ଅଳ୍ପ ସଂଖ୍ୟାରେ ପୁଲିସ କର୍ତ୍ତବ୍ୟ ଅପରାଧ ହୋଇଥିଲା । ଗତବର୍ଷ ଏହାର ସଂଖ୍ୟା ୩୧,୮୦୫ ଥିବା ସ୍ଥଳେ ତା' ପୂର୍ବବର୍ଷ ଏହା ୩୨,୫୪୪ ଥିଲା । ଗତବର୍ଷ ହୋଇଥିବା ମୋଟ୍ ୪୧୯ଟି ନରହତ୍ୟା ଘଟଣା ମଧ୍ୟରୁ ୧୯୪ ଘଟଣାରେ ଏବଂ ୧୩୨ଟି ଡକାୟତ ଘଟଣା ମଧ୍ୟରୁ ୨୮ ଘଟଣାରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା । ଡକାୟତି ବୃଦ୍ଧି ପାଇବାର କାରଣ ହେଉଛି ଯେ ପଶ୍ଚିମବଙ୍ଗ ଆସାମୀମାନେ ବାଲେଶ୍ୱର ଜିଲ୍ଲାରେ ସକ୍ରିୟ ହୋଇ ଉଠିଥିଲେ । ମେଦିନପୁର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଶତାଧିକଲୋକ ସମ୍ମିଳିତ

ଏକ ନିର୍ଦ୍ଦିଷ୍ଟ ଡକାୟତ ଦଳକୁ ଗିରଫ କରିବାକୁ ଉପଯୁକ୍ତ ବ୍ୟବସ୍ଥା କରାଯାଉଛି । ଗିରଫ ହୋଇଗଲେ ଡକାୟତ ସଂଖ୍ୟା ବହୁତ କମିଯିବ । ଗତ ୫ ବର୍ଷର ଅପରାଧ ବିବରଣୀରୁ ଜଣାଯାଏ ଯେ ଦଙ୍ଗା ହେଙ୍ଗାମ ଘଟଣାର ଯଥେଷ୍ଟ ହ୍ରାସ ଘଟିଛି । ଯଥା ସମୟରେ ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଥିବାରୁ ଏହା ସମ୍ଭବ ହୋଇ ପାରିଛି । ଗତବର୍ଷ ତମ୍ବାତାର ଚୋରୀ ସଂଖ୍ୟା ବୃଦ୍ଧିପାଇଥିଲା । ପଶ୍ଚିମବଙ୍ଗର ଏକ ଚୋର ଦଳକୁ ପୁରୀ ଜିଲ୍ଲାରେ ଏବଂ ଏକ ଅନ୍ତଃରାଜ୍ୟ ଚୋରଦଳକୁ ସମ୍ବଲପୁର ଜିଲ୍ଲାରେ ଗିରଫ କରାଯିବା ପରେ ସେମାନେ ବହୁ ଚୋରୀ ଘଟଣାରେ ସଂପୃକ୍ତ ଥିଲେ ବୋଲି ଜଣାଯାଇଛି । ତମ୍ବାତାର ଚୋରୀ ବିରୁଦ୍ଧରେ ଅଭିଯାନ ଚଳାଇବାକୁ ରେଳବାଇ, ଡାକ ଓ ତାର ବିଭାଗ ସହିତ ସହଯୋଗ ସ୍ଥାପନ କରାଯାଇଛି ଏବଂ ପଶ୍ଚିମବଙ୍ଗ ପୁଲିସର ସହାୟତାରେ ବ୍ୟାପକ ଅନୁସନ୍ଧାନ କରାଯାଇଛି ।

## ରାଜ୍ୟ ଫରେନ୍‌ସିକ ଲାବୋରେଟୋରୀ

ଅପରାଧ ଗୁଡ଼ିକୁ ବୈଜ୍ଞାନିକ ପ୍ରଣାଳୀରେ ଅନୁସନ୍ଧାନ କରିବା ପାଇଁ ଆବଶ୍ୟକ ହେଉଥିବା ସମସ୍ତ ବିଜ୍ଞାନ ସମ୍ମତ ତଥ୍ୟ, ମତାମତ ଏ ସାହାଯ୍ୟ ବିଜ୍ଞାନାଗାରରୁ ସୁବିଧାରେ ମିଳିପାରୁଛି । ଓଡ଼ିଶାରେ ୧୯୬୮ ଠାରୁ ଏହା ସ୍ଥାପିତ ହେବା ଫଳରେ ରାଜ୍ୟ ବାହାରେ ଥିବା ବିଜ୍ଞାନାଗାର ମାନଙ୍କରେ ଜିନିଷ ପରୀକ୍ଷା କରିବା ବାବଦରେ ପୂର୍ବରୁ ଯେଉଁ ବିପୁଳ ପରିମାଣରେ ଅର୍ଥ ବ୍ୟୟ କରାଯାଉଥିଲା, ତାହା ସଞ୍ଚିତ ହୋଇପାରିଛି । ଗତବର୍ଷ ଏଠାରେ ୩ହଜାରରୁ ବେଶୀ ପରୀକ୍ଷା କରାଯାଇଥିଲା । ରାଜ୍ୟସ୍ତରୀୟ ଏହି ବିଜ୍ଞାନାଗାର ବ୍ୟତୀତ ଛତ୍ରପୁର, ବାଲେଶ୍ବର ଓ ସମ୍ବଲପୁର ଠାରେ ୩ଟି ଜିଲ୍ଲାସ୍ତରୀୟ ବିଜ୍ଞାନାଗାର ସ୍ଥାପନ କରାଯାଇ ଆଞ୍ଚଳିକ ଭିତ୍ତିରେ କେତୋଟି ଜିଲ୍ଲାର ଅପରାଧ ନିବାରଣ ସଂପର୍କରେ ତଦନ୍ତକାରୀ ପୁଲିସ ଅଫିସରଙ୍କୁ ବୈଜ୍ଞାନିକ ତଥ୍ୟ ଯୋଗାଇ ଦିଆଯାଉଛି ।

## ସନ୍ଧାନୀ କୁକୁର

୨ଟି ତାଲିମପ୍ରାପ୍ତ କୁକୁରଙ୍କୁ ନେଇ ୧୦ ବର୍ଷ ତଳେ କଟକରେ ଯେଉଁ "ଡଗସ୍କ୍ୱାଡ"ର ଯୋଜନା ଆରମ୍ଭ କରାଯାଇଥିଲା, ତାହା କ୍ରମଶଃ ରାଜ୍ୟର ବିଭିନ୍ନ ସ୍ଥାନକୁ ସଂପ୍ରସାରିତ ହୋଇଛି । ଅପରାଧୀଙ୍କୁ ଖୋଜି ବାହାର କରିବା ଦିଗରେ ଏହି ତାଲିମପ୍ରାପ୍ତ କୁକୁରମାନେ ବିଶେଷ ସହାୟକ ହେଉଥିବାରୁ ବ୍ରହ୍ମପୁର ରାଉରକେଲା, ସମ୍ବଲପୁର ଓ କୋରାପୁଟଠାରେ କେତେକ କୁକୁର ରଖାଯାଇଛି । କଟକରେ ଥିବା କୁକୁର ତାଲିମ କେନ୍ଦ୍ରରେ ୧୦ ଟି କୁକୁରଙ୍କୁ ତାଲିମ ଦିଆଯାଇ ବିଭିନ୍ନ ଜିଲ୍ଲାର ପଠାଇଦିଆଯାଇଛି ।

## ଫଟୋଗ୍ରାଫ ସଂସ୍ଥା

ଘଟଣାସ୍ଥଳରୁ ଅପରାଧର, ଜେଲ୍ ବନ୍ଦୀମାନଙ୍କର, ଅପମୃତ୍ୟୁରେ ବିକୃତ ହୋଇ ଯାଇଥିବା ଅଚିହ୍ନା ଶବର, ଦୁର୍ଘଟଣା ସ୍ଥାନରେ ଅପରାଧୀର ପଦ ଓ ଅଙ୍ଗୁଳି ଚିହ୍ନ ଇତ୍ୟାଦିର ଫଟୋ ଉଠାଇବା ଏ ସଂସ୍ଥାର କାର୍ଯ୍ୟ ।

## ହସ୍ତାକ୍ଷର ପରୀକ୍ଷା ସଂସ୍ଥା

ପୁଲିସ କ୍ରାଇମବ୍ରାଞ୍ଚ ଅଧୀନରେ ଥିବା ଏହି ସଂସ୍ଥା ଜାଲ, ଠକେଇ, ହତ୍ୟା, ଲୁଟତରାଜ, ରାଷ୍ଟ୍ରବିରୁଦ୍ଧରେ ଷଡ଼ଯନ୍ତ୍ର, ଅର୍ଥ ଆତ୍ମସାତ୍ ଇତ୍ୟାଦି ଅପରାଧ ସହିତ ସଂପୃକ୍ତ ବିଭିନ୍ନ କାଗଜ ପତ୍ରସବୁ ପରୀକ୍ଷା କରିଥାନ୍ତି । ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ବିଭାଗୀୟ ତଦନ୍ତ ବା ଫୌଜଦାରୀ ଅଭିଯୋଗ ସମ୍ପର୍କୀୟ ସମସ୍ତ ପ୍ରକାର କାଗଜପତ୍ର ମଧ୍ୟ ଏଠାରେ ପରିକ୍ଷିତ ହୁଏ । ଏହା ବ୍ୟତୀତ ହାତଲେଖା ଦସ୍ତଖତ, ଟାଇପ୍, ସିଲ, ରବର ଷ୍ଟାମ୍ପ ମୋହର, ଡାକ ମୋହର, ଛିଭାଇ ବା ଚପାଇ ଦିଆଯାଇଥିବା ଲେଖା ଇତ୍ୟାଦି ସବୁ ପ୍ରକାର ସଂଦେହଜନକ ଜିନିଷକୁ ପରୀକ୍ଷା କରି ଏହି ସଂସ୍ଥାର ବିଶେଷଜ୍ଞମାନେ ମତାମତ ଦେଇଥାନ୍ତି ।

## ପୁଲିସ ବେତାର ବିଭାଗ

ରାଜ୍ୟର ପ୍ରତ୍ୟେକ ଜିଲ୍ଲା, ସବଡିଭିଜନ ଓ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବେତାର କେନ୍ଦ୍ର ଗୁଡ଼ିକ ବ୍ୟତୀତ ନକ୍ସଲପନ୍ଥୀଙ୍କର ଉପଦ୍ରବ ରୋକିବାପାଇଁ ସଂପୃକ୍ତ ଜିଲ୍ଲାମାନଙ୍କରେ ସୀମାନ୍ତ ଅଞ୍ଚଳରେ ମଧ୍ୟ ଅଧିକ ୧୫ ଟି ବେତାର କେନ୍ଦ୍ର ସ୍ଥାପନ କରାଯାଇଛି । ଏହା ବ୍ୟତୀତ ଆନ୍ଧ୍ର, ପଶ୍ଚିମବଙ୍ଗ, ଓ ବିହାର ରାଜ୍ୟମାନଙ୍କ ସହିତ ଏ ଉଦ୍ଦେଶ୍ୟରେ ଘନିଷ୍ଠ ଯୋଗସୂତ୍ର ରକ୍ଷିବାପାଇଁ ଅଧିକ ବେତାର ସେଟ ମଧ୍ୟ ଖଞ୍ଜାଯାଇଛି ।

ଗତବର୍ଷ ବନ୍ୟା ଓ ବାତ୍ୟା ବିଧ୍ୱସ୍ତ ଅଞ୍ଚଳରେ ରିଲିଫ କାର୍ଯ୍ୟ ଇତ୍ୟାଦି ସୁପରିଚାଳନା ଦିଗରେ ବାର୍ତ୍ତାବିନିମୟ କରିବାକୁ

ସର୍ବମୋଟ ୩୮ ଟି ଅସ୍ଥାୟୀ ବେତାର କେନ୍ଦ୍ର ସ୍ଥାପନ କରାଯାଇ-ଥିଲା । ସାଧାରଣ ନିର୍ବାଚନ ସମୟରେ ଅତିରିକ୍ତ ଶକ୍ତି ସମ୍ପନ୍ନ ୪୫ଟି ବେତାର କେନ୍ଦ୍ର ସ୍ଥାପନ କରାଯାଇଥିଲା । ଗତବର୍ଷ ପୁଲିସ ବେତାର କେନ୍ଦ୍ରଗୁଡ଼ିକ ଜରିଆରେ ସର୍ବମୋଟ ୧,୩୨,୦୨୬ ଗୋଟି ବାର୍ତ୍ତା ବିଭିନ୍ନ ସ୍ଥାନକୁ ପ୍ରେରଣ କରାଯାଇଥିଲା ଏବଂ ୧,୨୫,୬୨୬ ଗୋଟି ବାର୍ତ୍ତା ଗ୍ରହଣ କରାଯାଇଥିଲା ।

ଗତବର୍ଷ ପୁଲିସ ପାରାମାନଙ୍କର ସାହାଯ୍ୟରେ ଦୂରଦୂରାନ୍ତର ଅତ୍ୟନ୍ତ ଦୁର୍ଗମ ସ୍ଥାନକୁ ସର୍ବମୋଟ ୩୩,୧୫୮ଟି ବାର୍ତ୍ତା ପ୍ରେରଣ କରାଯାଇଥିଲା ।

## ନିଆଁ ଲିଭା କେନ୍ଦ୍ର

ରାଜ୍ୟରେ ଥିବା ୨୫ଟି ନିଆଁଲିଭା କେନ୍ଦ୍ର ୧,୩୮୮ଟି ଅଗ୍ନିକାଣ୍ଡ ଘଟଣାରେ ଖବର ପାଇ ବିପଦଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିଥିଲେ । ଅଗ୍ନି କବଳରୁ ସମୁଦାୟ ଟ ୫,୧୭,୬୧,୧୦୨ ମୂଲ୍ୟର ସମ୍ପତ୍ତି ଏବଂ ୮ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଥିଲା । ନଦୀ ଓ କୂପରେ ବୁଡ଼ିଯାଇଥିବା ଅବସ୍ଥାରେ ୩ଟି ମନୁଷ୍ୟ ଓ ୧୧ଟି ଗୃହପାଳିତ ପଶୁଙ୍କୁ ଉଦ୍ଧାର କରାଯାଇଥିଲା । ଅନୁଗୁଳ, କାମାକ୍ଷାନଗର, କେନ୍ଦୁଝର, ସୁନ୍ଦରଗଡ଼, ରାଇରଙ୍ଗପୁର, ବାଙ୍କୀ, ବୌଦ୍ଧ ଓ ଯୋରନ୍ଦା ଠାରେ ନୂତନ ୮ଟି ନିଆଁଲିଭା କେନ୍ଦ୍ରସ୍ଥାପନ କରିବାକୁ ସରକାର ମଞ୍ଜୁର କରିଛନ୍ତି ଏବଂ ଏଗୁଡ଼ିକ ଯଥାଶୀଘ୍ର କାର୍ଯ୍ୟକାରୀ ହେବ ।

## ଜାଣନ୍ତି କି ?

### ମେଣ୍ଢା ଫୁସ୍‌ଫୁସ୍‌ରୁ କୃମି ପ୍ରତିଷେଧକ ଇଂଜେକ୍‌ସନ୍ ତିଆରି ସମ୍ଭବ

ମେଣ୍ଢାକୁ ଏକ ପ୍ରକାର ଫୁସ୍ ଫୁସ୍ କୃମି ରୋଗ ହୋଇଥାଏ ଏବଂ ଏହାଦ୍ୱାରା ତା'ର ଶରୀର ଦୁର୍ବଳ ହୁଏ ଓ ଶେଷରେ ମୃତ୍ୟୁ ହୁଏ । ଏହି ରୋଗର ପ୍ରତିଷେଧ ପାଇଁ ଏକ ଇଞ୍ଜେକ୍‌ସନ୍ ତିଆରି କରାଯାଇଛି । ଜାମ୍ମୁ ଓ କାଶ୍ମୀରଠାରେ ଏହି ଇଞ୍ଜେକ୍‌ସନକୁ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯାଇଛି ।

ଭାରତରେ ପାଳିତ ହେଉଥିବା ମେଣ୍ଢାଙ୍କ ସଂଖ୍ୟା ୪୨ ନିୟୁତ ଏବଂ ଏଥିରୁ ଜାମ୍ମୁ ଓ କାଶ୍ମୀର ସମେତ ଉତ୍ତର ପାଖ ଓ ଉତ୍ତର-ପଶ୍ଚିମାଞ୍ଚଳରେ ଏକ ନିୟୁତ ମେଣ୍ଢା ପାଳନ କରାଯାଏ । ଏହି ଅଞ୍ଚଳର ଅଧିକାଂଶ ମେଣ୍ଢାକୁ ଫୁସ୍ ଫୁସ୍ କୃମି ରୋଗ ଆକ୍ରାନ୍ତ କରିଥାଏ । ଶୀତ ଓ ବର୍ଷା ଋତୁରେ ଏହି ରୋଗ ବେଶୀ ପରିମାଣରେ ବ୍ୟାପିଥାଏ । ଏହି ରୋଗ ଦ୍ୱାରା ମେଣ୍ଢା ଛୁଆଗୁଡ଼ିକ ବର୍ଷକ ମଧ୍ୟରେ ବହୁ ସଂଖ୍ୟାରେ ପ୍ରାଣ ହରାଉଥାଆନ୍ତି ।

ଏହି ରୋଗ ପାଇଁ ଦୁଇପ୍ରକାରର ଇଞ୍ଜେକ୍‌ସନ୍ ପ୍ରସ୍ତୁତ ହୋଇଛି । ଗୋଟିଏ ପ୍ରକାରର ଇଞ୍ଜେକ୍‌ସନ୍ ଇଜ୍ଜତ ନଗରସ୍ଥିତ ଭାରତୀୟ ପଶୁ ଚିକିତ୍ସା ଗବେଷଣା ପ୍ରତିଷ୍ଠାନ ତିଆରି କରିଛି । ଅନ୍ୟ ପ୍ରକାର ଇଞ୍ଜେକସନ୍‌ଟି ତିଆରି ହୋଇଛି ଯୁଗୋସ୍ଲୋଭିଆର କେମୁନସ୍ଥିତ ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ ସଂସ୍ଥା ଦ୍ୱାରା ।

ଫୁସ୍ ଫୁସ୍ କୃମିର ଲାର୍ଭାକୁ ଆଣବିକ ରେଡ଼ିଏସନ ପ୍ରକ୍ରିୟାରେ ଏଇ ଇଞ୍ଜେକ୍‌ସନ୍ ପ୍ରସ୍ତୁତ ହେଉଛି । କେମୁନ ଓ ଇଜ୍ଜତ ନଗରଠାରେ ଗତ ୧୯୭୦ ମଇ—ନଭେମ୍ବର ସମୟ ମଧ୍ୟରେ ୩,୨୧୫ଟି ମେଣ୍ଢାକୁ ଏଇ ଇଞ୍ଜେକ୍‌ସନ୍ ଦିଆଯାଇ ଫଳପ୍ରଦଭାବେ ସେମାନଙ୍କୁ ରୋଗମୁକ୍ତ କରାଯାଇଛି । ବର୍ତ୍ତମାନ ଏହି ପ୍ରତିଷେଧକ ଇଞ୍ଜେକ୍‌ସନ୍ ସ୍ଥିରିଆଡ଼େ ଦିଆଯିବାର ବ୍ୟବସ୍ଥା ହେଉଛି ।

ଭାରତରେ ଆଣବିକ ଶକ୍ତି ପ୍ରୟୋଗ କରି କୃଷି ଉତ୍ପାଦନ ବୃଦ୍ଧି କରିବା ଲାଗି ଇଜ୍ଜତନଗରସ୍ଥିତ ପଶୁ ଚିକିତ୍ସା ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ତିନି ନିୟୁତ ଡଲାର (ଦୁଇକୋଟି ୨୫ ଲକ୍ଷ ଟଙ୍କା) ବ୍ୟୟର ଏକ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏଥିପାଇଁ ଜାତିସଂଘ ଉନ୍ନୟନ ସଂସ୍ଥା ୧.୫ ନିୟୁତ ଡଲାର ବା ଏକ କୋଟି ୧୨ ଲକ୍ଷ ପାଞ୍ଚହଜାର ଟଙ୍କା ସାହାଯ୍ୟ ଦେବ । ଅବଶିଷ୍ଟ ୧.୫ ନିୟୁତ ଡଲାର ବା ଏକ କୋଟି ୧୨ ଲକ୍ଷ ପାଞ୍ଚ ହଜାର ଟଙ୍କା ଭାରତ ଯୋଗାଇ ଦେବ । ଭାରତୀୟ କର୍ମଚାରୀ ତଥା ବିଶେଷଜ୍ଞମାନେ ଏହି ଯୋଜନା କାର୍ଯ୍ୟକାରୀ କରିବେ ।

# ମାତୃଭୂମି ସେବାରେ ଓଡ଼ିଆ ଯୁବକ



…ନାଣ୍ଟ ବିବେକାନନ୍ଦ ପରେଇ : ଶ୍ରୀ ପରେଇ …ଜିଲ୍ଲା ବାଣପୁର ଗ୍ରାମର ଅବସର ପ୍ରାପ୍ତ …ଶ୍ରୀ ବୃନ୍ଦାବନ ପରେଇଙ୍କ ପୁତ୍ର । ବୁର୍ଲା …ଇଞ୍ଜିନିୟରିଂ ଡିଗ୍ରୀ ହାସଲ ପରେ ସେ …ୟ ସାମରିକ ବାହିନୀରେ ଯୋଗ ଦେଇଛନ୍ତି ।



ଲେଫ୍‌ଟନାଣ୍ଟ ଶ୍ରୀ ସୁବୋଧଚନ୍ଦ୍ର ମହାନ୍ତି : ଲେଫ୍‌ଟନାଣ୍ଟ ଶ୍ରୀ ମହାନ୍ତି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ଶ୍ରୀ ଲକ୍ଷ୍ମୀଧର ମହାନ୍ତିଙ୍କର ୨ୟ ପୁତ୍ର । ଏମ୍, ବି. ବି. ଏସ୍. ଡିଗ୍ରୀ ପାଇସାରିବା ପରେ ସେ ଭାରତୀୟ ଆକାଶ ବାହିନୀରେ ଯୋଗ ଦେଇଥିଲେ ଏବଂ ବର୍ତ୍ତମାନ ସେ ଫ୍ଲାଇଟ୍ ଲେଫ୍‌ଟନାଣ୍ଟ ଭାବରେ ଆଗ୍ରାଠାରେ ନିଯୁକ୍ତି ପାଇଅଛନ୍ତି ।



…ଭାଗୀରଥି ବେହେରା : ଶ୍ରୀ ବେହେରା …ପୁର ଜିଲ୍ଲା ଆନନ୍ଦପୁରର ଶ୍ରୀ ନରସିଂହ ଚରଣ …ଙ୍କ ପୁତ୍ର । ଭାରତୀୟ ସାମରିକ …ରେ ସେ ଓ୍ୱାୟରଲେସ୍ ଅପରେଟର ଅଛନ୍ତି ।



ସେକେଣ୍ଡ ଲେଫ୍‌ଟନାଣ୍ଟ ମହେଶ୍ୱର ପ୍ରସାଦ ସାହୁ : ଶ୍ରୀ ସାହୁ ବଲାଙ୍ଗୀର ଟାଉନର ଶ୍ରୀ ଗୁଣନିଧି ସାହୁଙ୍କ ପୁତ୍ର । ଭାରତୀୟ ଆକାଶ ବାହିନୀରେ ସେକେଣ୍ଡ ଲେଫ୍‌ଟନାଣ୍ଟ ରୂପେ କାର୍ଯ୍ୟ କରୁଛନ୍ତି ।



ଶ୍ରୀ ଦୁଷ୍ମନ୍ତ କୁମାର ଜେନା : ଶ୍ରୀ ଜେନା ପୁରୀ ଜିଲ୍ଲା ଦଣପଲ୍ଲୀ ଗ୍ରାମର ଶ୍ରୀ ମଧୁସୂଦନ ଜେନାଙ୍କ ଜ୍ୟେଷ୍ଠ-ପୁତ୍ର । ସେ ଭାରତୀୟ ସାମରିକ ବାହିନୀରେ ମୋଟର ମେକାନିକ ରୂପେ କାର୍ଯ୍ୟ କରୁଛନ୍ତି ।



ଶ୍ରୀ ମୁରଲୀଧର ସାହୁ : ଶ୍ରୀ ସାହୁ ବାଲେଶ୍ୱ
ର ମୁକିଆ ଗ୍ରାମର ଶ୍ରୀ ଲକ୍ଷ୍ମୀଧର ସାହୁ
ପୁତ୍ର । ଭାରତ-ପାକିସ୍ଥାନ ଯୁଦ୍ଧ ସ
ପୂର୍ବାଞ୍ଚଳ ] ରଣାଙ୍ଗନରେ ଜଓ୍ୱାନ ରୂ
କରୁଥିଲେ ।



ଶ୍ରୀ ସନାତନ ସୁତାର : ବାଲେଶ୍ୱର ଜିଲ୍ଲାର କୋଇଣ୍ଡ ଗ୍ରାମରେ ଶ୍ରୀ ସୁତାରଙ୍କ ଜନ୍ମ । ସେ ଭାରତୀୟ ସାମରିକ ବାହିନୀରେ ଜଓ୍ୱାନ୍ ଅଛନ୍ତି ।



ଶ୍ରୀ ସଂଗ୍ରାମ ସିଂହ : ଶ୍ରୀ ସିଂହ ମ
ସାଇଗୋଡ଼ା ଗ୍ରାମର ଶ୍ରୀ ଅର୍ଜୁନ ସିଂ
ପୁତ୍ର । ସେ ଭାରତୀୟ ସାମରିକ ବ
ଜଓ୍ୱାନ୍ ଅଛନ୍ତି ।



ଶ୍ରୀ ଇବ୍ରାହିମ୍ ସାରିଫ୍ : ଶ୍ରୀ ସାରିଫ୍ ବର୍ତ୍ତମାନ ଭାରତୀୟ ସୈନ୍ୟ ବାହିନୀର ସିଗ୍ନାଲ ବିଭାଗରେ ଅଛନ୍ତି ।



ଶ୍ରୀ ଲଛମନ ବେହେରା : ଶ୍ରୀ ବେହେରା ତାଙ୍କର ତାଲିମ୍ ଶେଷ କରି ସାରିବା ପରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ସିଗ୍ନାଲ କେନ୍ଦ୍ରରେ ନିଯୁକ୍ତି ପାଇଛନ୍ତି ।



ଶ୍ରୀ ଲକ୍ଷ୍ମୀରାମ ସାଇ : ଶ୍ରୀ ସାଇ ବଲାଙ୍ଗୀର ସହରର ଶ୍ରୀ ମହାଦେବ ସାଇଙ୍କ ଜ୍ୟେଷ୍ଠ ପୁତ୍ର । ବର୍ତ୍ତମାନ ସେ ଭାରତୀୟ ଆକାଶ ବାହିନୀରେ ଗାଜିଆବାଦ ଠାରେ ଏୟାରମ୍ୟାନ୍ ଭାବରେ ନିଯୁକ୍ତି ପାଇଅଛନ୍ତି ।



ଶ୍ରୀ ଭାଗୀରଥି ଶବର:—ଶ୍ରୀ ଶବର କୋରାପୁଟ ଜିଲାର ପନଡୀ ଗ୍ରାମର ଶ୍ରୀ ଚିନ୍ତା ଶବରଙ୍କ ପୁତ୍ର । ସେ ବର୍ତ୍ତମାନ ଭାରତୀୟ ଆକାଶ ବାହିନୀରେ ରାଡର୍ ଅପରେଟର ଭାବରେ ପଞ୍ଜାବର ପାଟିଆଲ୍ ଠାରେ କାର୍ଯ୍ୟ କରୁଅଛନ୍ତି ।



ଶ୍ରୀ ମହେନ୍ଦ୍ର କୁମାର ସ୍ୱାଇଁ : ଶ୍ରୀ ସ୍ୱାଇଁ ପୁରୀ ଜିଲା ଲକ୍ଷ୍ମୀସାଗର ଗ୍ରାମର ଶ୍ରୀ ସର୍ବେଶ୍ୱର ସ୍ୱାଇଁଙ୍କ ପୁତ୍ର । ପଶ୍ଚିମ ରଣାଙ୍ଗନରେ ସେ କପ୍ତାନ୍ ରୂପେ ନିଯୁକ୍ତ ହୋଇଅଛନ୍ତି ।



ଶ୍ରୀ ନିର୍ମଳ କୁମାର ସାମନ୍ତରାୟ : ଶ୍ରୀ ସାମନ୍ତରାୟ ପୁରୀ ଜିଲା ଭୁବନେଶ୍ୱର ଥାନା ଅନ୍ତର୍ଗତ ସିଙ୍ଗୁଆ ଗ୍ରାମର ସ୍ୱର୍ଗତ ବାଉରିବନ୍ଧୁ ସାମନ୍ତରାୟଙ୍କ ପୁତ୍ର । ବର୍ତ୍ତମାନ ସେ ଭାରତୀୟ ଆକାଶ ବାହିନୀରେ ଅଛନ୍ତି ।



ଶ୍ରୀ ନାଗମଣୀ ମଲ୍ଲିକ :—ଶ୍ରୀ ମଲ୍ଲିକ କଟକ ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ କରିଲେପଟଣା ଗ୍ରାମର ଶ୍ରୀ ନିଶାମଣୀ ମଲ୍ଲିକଙ୍କ ପୁତ୍ର । ସେ ବର୍ତ୍ତମାନ ଭାରତୀୟ ସୈନ୍ୟ ବାହିନୀରେ ସିଗ୍ନାଲମ୍ୟାନ୍ ପଦରେ କାର୍ଯ୍ୟ କରୁଅଛନ୍ତି ।



ଶ୍ରୀ ବନବାସୀ ପଟ୍ଟନାୟକ:—ଶ୍ରୀ ପଟ୍ଟନାୟକ ଗଞ୍ଜାମ ଜିଲ୍ଲା ଖଲିକୋଟ ଗ୍ରାମର ଶ୍ରୀ ବାଞ୍ଛାନିଧି ପଟ୍ଟନାୟକଙ୍କର କନିଷ୍ଠ ପୁତ୍ର । ବର୍ତ୍ତମାନ ସେ ଭାରତୀୟ ସୈନ୍ୟ ବାହିନୀରେ ହାବିଲ୍‌ଦାର୍ ଅଛନ୍ତି ।



ଶ୍ରୀ ଭୀମସେନ୍ ସେଠୀ:—ପୁରୀ ଜିଲ୍ଲାର ଜୁନାମୁହାଁ ଗ୍ରାମରେ ଶ୍ରୀ ସେଠୀଙ୍କ ଜନ୍ମ । ବର୍ତ୍ତମାନ ସେ ଭାରତୀୟ ନୌବାହିନୀ ଯୁଦ୍ଧ ଜାହାଜରେ କପ୍ତାନ ପଦରେ କାର୍ଯ୍ୟ କରୁଅଛନ୍ତି ।



ଶ୍ରୀ ଏସ୍. କେ. ହାଜରା:—ଶ୍ରୀ ହାଜରା ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ରାସ୍ତା ଓ କୋଠାବାଡ଼ି ନିର୍ମାଣ ବିଭାଗର କର୍ମଚାରୀ ଶ୍ରୀ ରାଧାକୃଷ୍ଣ ହାଜରାଙ୍କର ୨ୟ ପୁତ୍ର । ବର୍ତ୍ତମାନ ସେ ପୁନାସ୍ଥିତ ଭାରତୀୟ ଆକାଶ ବାହିନୀରେ ନିଯୁକ୍ତି ପାଇଛନ୍ତି ।



ଲ୍ୟାନ୍ସ୍ ନାୟକ ଶଙ୍କର ପତି:—କଟକ ଜିଲ୍ଲାର ଯାଜପୁର ତାଲୁକରେ ଶ୍ରୀ ପତିଙ୍କ ଜନ୍ମ । ସେ ବଙ୍ଗଳା ଇଞ୍ଜିନିୟରିଙ୍ଗ୍ ଗ୍ରୁପରେ କାର୍ଯ୍ୟ କରୁଅଛନ୍ତି ।



ନାଏବ ସୁବେଦାର ଚିନ୍ତାମଣୀ ମହାନ୍ତି:—ଶ୍ରୀ ମହାନ୍ତି ଭାରତୀୟ ସୈନ୍ୟବାହିନୀରେ ଜଣେ ଜଓ୍ୱାନ ରୂପେ କାର୍ଯ୍ୟ କରୁଛନ୍ତି ।



ଶ୍ରୀ ଦେବେନ୍ଦ୍ର କୁମାର ଦାସ:—ଶ୍ରୀ ଦାସ ପୁରୀ ଜିଲ୍ଲାର ପିପିଲି ଥାନା ଅନ୍ତର୍ଗତ ନୂଆଶାସନ ଗ୍ରାମର ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଜ୍ୟେଷ୍ଠ ପୁତ୍ର । ସେ ବର୍ତ୍ତମାନ ଭାରତୀୟ ଆକାଶ ବାହିନୀର ଇଞ୍ଜିନିୟରିଙ୍ଗ୍ ଉଇଙ୍ଗ୍‌ରେ ଆରମୋର ଭାବରେ କାର୍ଯ୍ୟ କରୁଅଛନ୍ତି ।

ଶ୍ୟାମମୋହନ ମିଶ୍ର

# ମାଛର ଖାଦ୍ୟ ଓ ତାହାର ପ୍ରସ୍ତୁତି ପ୍ରଣାଳୀ

ଆମ ଦେଶରେ ସାଧାରଣତଃ ଚାରି ପ୍ରକାର ମାଛ ଚାଷ କରା ଯାଇଥାଏ । ସେଗୁଡ଼ିକ ହେଲା, ରୋହି, ଭାକୁର, ମିରିକାଳି ଓ କଳାବାଇଁଶୀ । ଏହି ମାଛ ଶୀଘ୍ର ଶୀଘ୍ର ବଢୁ ଥିବାରୁ ଓ ଏ ଗୁଡ଼ିକର ଲାଭ ଅନ୍ୟାନ୍ୟ ମାଛ ତୁଳନାରେ ବେଶି ଥିବାରୁ ଏହି ଜାତିଆ ମାଛ ପୋଖରୀରେ ଚାଷ କରାଯାଏ । ଏହାଛଡ଼ା ପୋଖରୀରେ ବିଲାତି ରୋହି, ଗ୍ରାସକାର୍ପ ଓ ସିଲଭରକାର୍ପ ପ୍ରଭୃତି ବିଦେଶୀ ମାଛ ମଧ୍ୟ ଆମେ ଚାଷ କରି ଥାଉଁ ।

ପୋଖରୀରେ ମାଛ ଚାଷ କରିବାକୁ ହେଲେ ଆମମାନଙ୍କୁ କେତେକ ବିଷୟ ପ୍ରତି ପ୍ରଧାନତଃ ଧ୍ୟାନ ଦେବାକୁ ହେବ ଏବଂ ତନ୍ନ ତନ୍ନ କରି ଦେଖିବାକୁ ହେବ ଯେ ଏହା ମାଛ ଚାଷ ପାଇଁ ଉପଯୁକ୍ତ କି ଅନୁପଯୁକ୍ତ । ପୋଖରୀର ମାଟି ଦୋରସା ମଟାଳ ହେବା ଉଚିତ ଏବଂ ଏଥିରେ ଉପଯୁକ୍ତ ପରିମାଣରେ ନାଇଟ୍ରେଟ୍, ଫସ୍‌ଫେଟ କାଲସିୟମ ରହିବା ଦରକାର । ଆଉମଧ୍ୟ ମାଛ ଚାଷ ପୋଖରୀରେ ଆବଶ୍ୟକ ବେଳେ ପାଣି ଭର୍ତ୍ତି କରିବା ଓ ପାଣି ନିଷ୍କାସନ କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ଥିବା ଦରକାର । ମାଛ ଚାଷ ହେଉଥିବା ପୋଖରୀ ପାଣିରେ ଅମ୍ଳତ୍ୱ (ପି. ଏଚ୍.) ୫·୫ ରୁ ୮·୫ ଭିତରେ ଥିଲେ ତାହା ମାଛ ଚାଷ ପାଇଁ ଉପଯୋଗୀ ହୋଇଥାଏ ।

ପୋଖରୀରେ ଥିବା ପ୍ରାକୃତିକ ଖାଦ୍ୟ, ଉପଯୁକ୍ତ ପରିମାଣରେ ପାଇଲେ ମାଛ ଶୀଘ୍ର ବଢିଥାଏ । ଏହି ପ୍ରାକୃତିକ ଖାଦ୍ୟ ହେଲା ପ୍ଲାଙ୍କଟନ୍ (ଉଦ୍ଭିଦ ଓ କୀଟାଣୁ) । ଯଦି ପୋଖରୀର ମାଟି ଓ ପାଣି ଅନୁକୂଳ ଅବସ୍ଥାରେ ଥାଏ ତାହାହେଲେ ଏହି ମାଛ ଖାଦ୍ୟ ପୋଖରୀରେ ଆପଣା ଛାଏଁ ଜନ୍ମିଥାଏ । କିନ୍ତୁ ଏହି ଖାଦ୍ୟ ବେଶୀ ପରିମାଣରେ ମାଛଙ୍କ ପାଇଁ ଯଥେଷ୍ଟ ହୋଇ ନ ଥାଏ । ତେଣୁ ଆମମାନଙ୍କୁ ଏହି ମାଛ ଖାଦ୍ୟ ଜନ୍ମାଇବା ପାଇଁ ପାଣିରେ କୃତ୍ରିମ ଉପାୟରେ ସାର ପ୍ରୟୋଗ କରି ଏହାର ପରିମାଣ ବଢ଼ାଇ ଦିଆଯାଏ । ଏହି ସାର ସାଧାରଣତଃ ଦୁଇ ପ୍ରକାର, ଯଥା— ଜୈବିକ ଓ ରାସାୟନିକ । ଜୈବିକ ସାର ହେଲା କଞ୍ଚା ଗୋବର ଓ କମ୍ପୋଷ୍ଟ ଖତ ଓ ଅନ୍ୟାନ୍ୟ ଜୈବିକ ଖତ ଯାହାକି ସହଜରେ ମିଳିପାରେ । ସୁପର ଫସଫେଟ, ଆମୋନିୟମ ନାଇଟ୍ରେଟ, ସୋଡ଼ିୟମ ନାଇଟ୍ରେଟ୍ ଇତ୍ୟାଦି ରାସାୟନିକ ସାର ପ୍ରୟୋଗ କଲେ ମାଛର ଖାଦ୍ୟ ପାଣିରେ ଶୀଘ୍ର ବଢ଼େ ଓ ସେଗୁଡ଼ିକୁ ମାଛ ଖାଆନ୍ତି । କଞ୍ଚା ଗୋବର ଯଦି ଏକର ପିଛା ୪ ଟନ୍ ବା ୪ ହଜାର କିଲୋ ପୋଖରୀରେ ପ୍ରୟୋଗ କରାଯାଏ ତାହାହେଲେ ପ୍ରାୟ ୧୦ ଦିନ ଭିତରେ ପୋଖରୀରେ ମାଛର ଖାଦ୍ୟ ବଢ଼ି ଥାଏ ।

ପୋଖରୀରେ ମାଛ ଛାଡ଼ିବାର ୧୫ କିମ୍ବା ୨୦ ଦିନ ଆଗରୁ ଏହି ଜୈବିକ ସାର ପ୍ରୟୋଗ କରିବା ଉଚିତ । ମାଛ ପୋଖରୀରେ ଥିବା ଅବସ୍ଥାରେ ଯଦି ପୋଖରୀରେ ମାଛ ଖାଦ୍ୟ କମିଯାଏ ତେବେ ଏହି ସାର ଏକର ପିଛା ୧୦୦୦ କିଲୋ ପାକ୍ଷିକ ବା ମାସିକ ପ୍ରୟୋଗ କରିବା ଉଚିତ । ଏହାକୁ ପୋଖରୀ ପାଣି ଧାରରେ କେତୋଟି ଗୁଡ଼ିରେ ପୁରାଇ ଗୁଡ଼ିର ମୁହାଁ ପାଣିରେ ବୁଡ଼ାଇ ରଖିଲେ ଏହା ଆସ୍ତେ ଆସ୍ତେ ପଚେ ଓ ମାଛ ଖାଦ୍ୟ ପ୍ରସ୍ତୁତ ହୁଏ । କିନ୍ତୁ ଏହାଦ୍ୱାରା ପୋଖରୀର ପାଣି ପଚି ନଷ୍ଟ ହୁଏ ନାହିଁ । ଅନ୍ୟାନ୍ୟ ଖାଦ୍ୟ ବା ସାର ତୁଳନାରେ ଏହି କଞ୍ଚା ଗୋବର ପ୍ରୟୋଗ ସବୁଠାରୁ ଶସ୍ତା ଏବଂ ସହଜ । ଏହି କଞ୍ଚା ଗୋବର ପ୍ରୟୋଗ ଦ୍ୱାରା ସବୁଠାରୁ ଭଲ ଫଳ ମିଳେ । ପୋଖରୀର ମାଛଙ୍କ ଖାଦ୍ୟ ପ୍ଲାଙ୍କଟନ ପରିମାଣ ପରୀକ୍ଷା କରି ଏହି କଞ୍ଚା ଗୋବର ପ୍ରୟୋଗ କରିବା ଆବଶ୍ୟକ । ଯଦି ପ୍ଲାଙ୍କଟନ୍ ପରିମାଣ ଠିକ୍ ଥାଏ । ତେବେ ୩ ମାସରେ ଥରେ ଏହି ସାର ପ୍ରୟୋଗ କରିବା ବିଧେୟ ।

ରାସାୟନିକ ସାର ଯଥା—ସୁପର ଫସ୍‌ଫେଟ୍, ଆମୋନିୟମ ନାଇଟ୍ରେଟ୍ ଇତ୍ୟାଦି ପ୍ରୟୋଗ କଲାବେଳେ ସତର୍କତା ଅବଲମ୍ବନ କରିବାକୁ ପଡ଼େ । ଏହି ସାର ପ୍ରୟୋଗ କରିବା ପୂର୍ବରୁ ମାଟି ଓ ପାଣିର ରାସାୟନିକ ଗୁଣ ପରୀକ୍ଷା କରିବା ଏକାନ୍ତ ପ୍ରୟୋଜନ କାରଣ ଉକ୍ତ ସାର ପ୍ରୟୋଗ କରିବା ଦ୍ୱାରା ପୋଖରୀରେ ଦଳ ବୃଦ୍ଧିର ଆଶଙ୍କା ବେଶୀ ଥାଏ ।

ପୋଖରୀରେ ପ୍ରୟୋଗ ହେଉଥିବା ସାରର ପୂର୍ଣ୍ଣ ଉପଯୋଗ କରିବା ପାଇଁ ସେଥିରେ ଚୂନ ପ୍ରୟୋଗ କରିବା ଦରକାର । ସାର ପ୍ରୟୋଗ କରିବାର ୧୦।୧୫ ଦିନ ଆଗରୁ ଏହି ଚୂନ ପ୍ରୟୋଗ କରିବା ଦରକାର । ଏକର ପିଛା ୧୦୦ ରୁ ୨୦୦ କିଲୋ ଗାଣ୍ଡେଣୀ ଚୂନ ( Slake Lisme ) ପାଣି ଉପରେ ଛିଞ୍ଚି ପ୍ରୟୋଗ କରାଯାଏ । ଏହାଫଳରେ ପାଣିର ଖରା ଅଂଶ ନଷ୍ଟ ହୁଏ ଓ ପାଣି ମଧୁର ହୁଏ ଏବଂ ପୋଖରୀରେ ଦଳ ହେବା ମଧ୍ୟ କମିଯାଏ । ତେଣୁ ପ୍ରତି ପୁରୁଣା ପଙ୍କୁଆ ପୋଖରୀରେ ଚୂନ ପ୍ରୟୋଗ ବିଶେଷ ଫଳପ୍ରଦ ପାଣିର ଅମ୍ଳତ୍ୱ ପରୀକ୍ଷା କରି ଆବଶ୍ୟକ ହେଲେ ଚୂନ ପ୍ରୟୋଗ କରାଯିବା ଉଚିତ ।

ପୋଖରୀରେ ମାଛର ଖାଦ୍ୟ ପ୍ଲାଙ୍କଟନ୍ ଉପଯୁକ୍ତ ପରିମାଣରେ ଅଛି କି ନାହିଁ ତାହା ଜାଣିବାକୁ ହେଲେ ପୋଖରୀରୁ ୧୨ ଗ୍ୟାଲେନ୍ ପାଣି ଆଣି ପତଳା କନାରେ ତିଆରି ହୋଇଥିବା ଶଙ୍କୁଆକୃତି ଜାଲ ଦ୍ୱାରା ଛାଣିଲେ, ଏହି ଜାଲ ତଳେ ବନ୍ଧା ହୋଇଥିବା ଗୋଟିଏ ଏକ ଇଞ୍ଚ ବ୍ୟାସ ବିଶିଷ୍ଟ କାଚ ନଳୀରେ ଉକ୍ତ ପ୍ଲାଙ୍କଟନ୍ ଗୁଡ଼ିକ ରହି ଯାଆନ୍ତି ଏବଂ ଏହି କାଚ ନଳୀରେ ଲୁଣ ପକାଇ ଦେଲେ ସେଥିରେ ଥିବା ପ୍ଲାଙ୍କଟନ ଗୁଡ଼ିକ ୨।୩ ମିନିଟ ଭିତରେ ମରି ତଳେ ବସିଯାନ୍ତି । ଯଦି ଏହି ମୃତ ପ୍ଲାଙ୍କଟନଗୁଡ଼ିକ କାଚ ନଳୀର ୧।୪" ବା ବେଶୀ ଅଂଶ ଅଧିକାର କରେ ତାହାହେଲେ ସେ ପୋଖରୀରେ ଏକର ପିଛା ୫,୦୦୦ ( ୪"ରୁ ୬" ବିଶିଷ୍ଟ ) ମାଛ ଜାଆଁଳ ଛଡ଼ା ଯାଇ ପାରିବ ।

ମାଛଚାଷ ହେଉଥିବା ପୋଖରୀରେ ସୋରିଷ, ବାଦାମ, ରାଶି, ନଡ଼ିଆ ବା କପାମଞ୍ଜୀ ପିଡ଼ିଆ ଖାଦ୍ୟ ରୂପେ ଦିଆଯାଏ । ଏକର ପିଛା ପ୍ରତି ମାସରେ ୯୦୦ କିଲୋ ଏହି ପିଡ଼ିଆ ଗୁଣ୍ଡ କରି ଚାରି କୋଣରେ ପକାଇଲେ ମାଛଗୁଡ଼ିକ ସିଧା ସଳଖ ଭାବେ ପିଡ଼ିଆ ଖାଇବେ । ଅବଶିଷ୍ଟ ବଳକା ପିଡ଼ିଆ ପାଣିରେ ଆସ୍ତେ ଆସ୍ତେ ପଚି ପ୍ଲାଙ୍କଟନ୍ ଜାତ କରାଏ । ଉକ୍ତ ପ୍ଲାଙ୍କଟନ୍‌କୁ ମାଛ ଖାଇ ଭଲ ବଢ଼ିବେ । ପୋଖରୀ ହୁଡ଼ାରେ ଧନିଶ୍ ଗଛ ଲଗାଇଲେ ଧନିଶ୍ ଗଛର ପତ୍ର ପଡ଼ି ପଚିଲେ ସେଥିରୁ ପ୍ଲାଙ୍କଟନ ଜାତ ହୋଇ ମାଛର ଖାଦ୍ୟ ପ୍ରସ୍ତୁତ ହୁଏ ଏବଂ ଧନିଶ୍ ଗଛ ଚେରରେ ବାୟୁରୁ ନାଇଟ୍ରୋଜେନ ଗ୍ରହଣ କରିବାର ବ୍ୟାକ୍‌ଟେରିଆ ଶକ୍ତି ଥିବାରୁ ଏହି ଗଛ ପୋଖରୀ ହୁଡ଼ାରେ ଲଗାଇବା ଦ୍ୱାରା ଏହା ହୁଡ଼ାର ମାଟିକୁ ଉର୍ବର କରିବା ସଙ୍ଗେ ସଙ୍ଗେ ପୋଖରୀ ମାଟିକୁ ଉର୍ବର କରେ ।

ସବୁଜ ପତ୍ର, ପୋଖରୀରେ ହେଉଥିବା ଦଳ ଓ ଅନ୍ୟାନ୍ୟ ପଶୁ ଆବର୍ଜନାକୁ ଗୋଟିଏ ଖାତରେ ଗୋରୁ ମୂତ୍ରଦ୍ୱାରା କମ୍ପୋଷ୍ଟ କରି ପାଞ୍ଚ ସପ୍ତାହ ପରେ ପୋଖରୀରେ ପକାଇଲେ ପୋଖରୀରେ ପ୍ଲାଙ୍କଟନ୍ ବେଶୀ ପରିମାଣରେ ଜନ୍ମେ ହୋଇ ମାଛମାନଙ୍କୁ ଉପଯୁକ୍ତ ଖାଦ୍ୟ ଯୋଗାଏ । ଏକର ପିଛା ଏହି କମ୍ପୋଷ୍ଟ ମାସକୁ ୫୦୦ କିଲୋ ଦେଲେ ଭଲ ଫଳ ମିଳେ ।

ଶୀତ ଦିନରେ ମାଛ ମାନେ କମ୍ ଖାଦ୍ୟ ପାଆନ୍ତି । ତେଣୁ ଶୀତ ଦିନରେ ପୋଖରୀରେ ଆପଣା ଛାଏଁ ଜନ୍ମ ହେଉଥିବା ମାଛ ଖାଦ୍ୟ (ପ୍ଲାଙ୍କଟନ୍ ମାଛମାନଙ୍କ ପକ୍ଷେ ଯଥେଷ୍ଟ ହୁଏ । ତେଣୁ ଶୀତ ଦିନରେ କୃତ୍ରିମ ଖାଦ୍ୟ ନ ହେଲେ ଚଳିବ । କିନ୍ତୁ ପୋଖରୀରେ ପ୍ଲାଙ୍କଟନ୍ ପରିମାଣ କମ୍ ଥିବାର ଜଣାପଡ଼ିଲେ ଉପରୋକ୍ତ ମତେ କୃତ୍ରିମ ଖାଦ୍ୟ ବା ସାର ପ୍ରୟୋଗ କରାଯିବା ଆବଶ୍ୟକ ।

ମାନଙ୍କ ଅନ୍ୟାନ୍ୟ ଖାଦ୍ୟ ଭିତରେ କୁଣ୍ଡା, ମାଛଗୁଣ୍ଡ, ଶକ ଖରାରେ ଶୁଖାଇ ତାର ଗୁଣ୍ଡ, ଶୁଖିଲା ପୋକ, ରେଶମ ପୋକ ଗୁଣ୍ଡ, ଚିଙ୍ଗୁଡ଼ି ମାଛ ଖୋଳପାର ଗୁଣ୍ଡ, ଛୋଟ ଛୋଟ ଜିଆ, ମଣିଷ ହେଲେ ତାକୁ କାଟି କରି ଖଣ୍ଡ ଖଣ୍ଡ କରି ଦିଆ ଯାଇ-ପାରେ । କିନ୍ତୁ ଏସବୁ ଖାଦ୍ୟ ସହଜରେ ବେଶୀ ପରିମାଣରେ ମିଳୁ ନଥିବାରୁ ଧାରାବାହିକ ଭାବେ ଏ ଗୁଡ଼ିକୁ ମାଛର ଖାଦ୍ୟ ରୂପେ ପୋଖରୀରେ ଦେବା ସମ୍ଭବପର ନୁହେଁ ।

ଏହିଭଳି ମାଛର ଖାଦ୍ୟରୂପେ ଚିନାବାଦାମ ଗୁଣ୍ଡ, ଚିନାବାଦାମ ପିଡ଼ିଆ, ନଡ଼ିଆ ପିଡ଼ିଆ ସୋୟାବିନ୍ ପିଡ଼ିଆ, ... ମଞ୍ଜି ଗୁଣ୍ଡ, ଗୁଣ୍ଡିଲ ଗୁଣ୍ଡ, ଧାନ, ଗହମ ଗୁଣ୍ଡ, ମକା ଗୁଣ୍ଡ, କନ୍ଦମୂଳ ଓ ଆଳୁ ଗୁଣ୍ଡ, ମୂଳା ପତ୍ର ଇତ୍ୟାଦି ଉଦ୍ଭିଦ ଜାତୀୟ ଖାଦ୍ୟ ବ୍ୟବହାର ହେଉଅଛି । ରେଶମ ପୋକ ଗୁଣ୍ଡ, ଛୋଟ ଚିଙ୍ଗୁଡ଼ି ଗୁଣ୍ଡ, ଜିଆ ଓ ଗେଣ୍ଡା ଗୁଣ୍ଡ ଇତ୍ୟାଦି ପ୍ରାଣୀ ଜାତୀୟ ଖାଦ୍ୟ ମଧ୍ୟ ବ୍ୟବହାର ହେଉଅଛି । ଆମ ଭାରତ ବର୍ଷରେ ସାଧାରଣତଃ ଧାନ ଗୁଣ୍ଡ, ଚିନାବାଦାମ, ନଡ଼ିଆ ଓ ସୋରିଷ ପିଡ଼ିଆ ଇତ୍ୟାଦି ମାଛର ଖାଦ୍ୟ ରୂପେ ବ୍ୟବହାର କରାଯାଏ । ପରୀକ୍ଷା କରି ଦେଖା ଯାଇଅଛି ଯେ, ମାଛ ଜାଆଁଳ ପୋଖରୀରେ ଛାଡ଼ିବାର ପାଞ୍ଚ ଦିନ ପରେ ସେମାନେ ତାଙ୍କ ଓଜନର ଦୁଇ ଗୁଣ ଖାଦ୍ୟ ଖାଇଥାନ୍ତି । ରଖିବାର ଛ ଦିନରୁ ଦଶ ଦିନ ମଧ୍ୟରେ ସାଧାରଣତଃ ତିନି ଗୁଣ ଖାଦ୍ୟ ଖାଇଥାନ୍ତି ଏବଂ ୧୧ ଦିନରୁ ୨୦ ଦିନ ମଧ୍ୟରେ ପ୍ରାୟ ୪ ଗୁଣ ଖାଦ୍ୟ ଖାଆନ୍ତି । ଏହି ସମୟରେ ସେମାନଙ୍କୁ ରେଶମ ପୋକର ଗୁଣ୍ଡ ଓ ମାଛ ଗୁଣ୍ଡ ଇତ୍ୟାଦି ଖାଇବାକୁ ଦେଲେ ଭଲ ଫଳ ମିଳିଥାଏ । ମାଛ ଜାଆଁଳ ବଡ଼ ହୋଇଗଲେ ସେମାନଙ୍କୁ କୃତ୍ରିମ ଉପାୟରେ ଖାଦ୍ୟ ଦେଲେ ସେମାନେ ଭଲ ବଢ଼ିଥାନ୍ତି । ବଡ଼ ଜାଆଁଳ ବଢୁ ଥିବା ପୋଖରୀରେ କୃତ୍ରିମ ଖାଦ୍ୟ ଯଥା—ଗୁଣ୍ଡ ଧାନ ଓ ସୋରିଷ ପିଡ଼ିଆ ସମ ପରିମାଣରେ ମିଶାଇ ଖାଇବାକୁ ଦେଲେ ଏକର ପିଛା ପ୍ରାୟ ୮୦୦ କିଲୋ ମାଛ ଉତ୍ପାଦନ ହୋଇ ପାରୁଛି । ଏକର ପିଛା କୃତ୍ରିମ ଖାଦ୍ୟ ପ୍ରତିଦିନ ଲାଗି ପ୍ରାୟ ୧/୨ କିଲୋରୁ ୩ କିଲୋ ପର୍ଯ୍ୟନ୍ତ ଦେବାକୁ ହୋଇଥାଏ ।

ବିଗ୍ରତି ରୋହି ସାଧାରଣତଃ ପୋଖରୀର ଉପରିଭାଗ ଜଳରେ ଓ ଘରି ପାଖରେ ଥିବା ପତ୍ର ଦଳ, ପୋକ, ଜିଆ, ଉଦ୍ଭିଦ ଜାତୀୟ ଜୀବାଣୁ ଓ ଛୋଟ ଛୋଟ ଚିଙ୍ଗୁଡ଼ି ଜାତୀୟ ପ୍ରାଣୀ ଖାଇଥାଏ । ଏହି ପ୍ରାକୃତିକ ଖାଦ୍ୟ ସହିତ କୃତ୍ରିମ ଖାଦ୍ୟ ଯଥା—ଧାନ ଗୁଣ୍ଡ ଓ ସୋରିଷ ପିଡ଼ିଆ ଗୁଣ୍ଡ ସମ ପରିମାଣରେ ଖାଇବାକୁ ଦେଲେ ଏକର ପିଛା ପ୍ରାୟ ୧,୦୦୦ କିଲୋ ମାଛ ମିଳି ପାରିବ । ସିଲଭର କାର୍ପ, ପତ୍ର ଦଳ ଓ ସବୁ ପ୍ରକାର ଉଦ୍ଭିଦ ଓ ପ୍ରାଣୀ ଜାତୀୟ ଖାଦ୍ୟ ଖାଇଥାଏ । ଏମାନଙ୍କୁ ବଢ଼ାଇବା ଲାଗି ପୋଖରୀରେ କଞ୍ଚା ଗୋବର ଓ ସମ ପରିମାଣରେ ଧାନ ଗୁଣ୍ଡ ଓ ସୋରିଷ ପିଡ଼ିଆ ଖାଦ୍ୟ ରୂପେ ବ୍ୟବହାର କରାଯାଏ । ଗ୍ରାସ କାର୍ପ, ଚିଙ୍ଗୁଡ଼ିଆ ପୋକ ଓ ଘାଇଦୁଭି ଥିବା ପୋଖରୀରେ ସେଗୁଡ଼ିକ ଖାଇ ଭଲ ବଢ଼ନ୍ତି । ଏକର ପ୍ରତି ୨୦୦ ଗ୍ରାସ କାର୍ପର ଜାଆଁଳ ପାଇଁ ପଚିଶି କିଲୋ ଦଳ ପ୍ରତ୍ୟେକ ମାସରେ ଖାଇବାକୁ ଦେଲେ ଦ୍ୱିତୀୟ ମାସରେ ଏମାନଙ୍କର ସମୁଦାୟ ଓଜନ ପ୍ରାୟ ପଚିଶି କିଲୋ ପର୍ଯ୍ୟନ୍ତ ହୋଇଥାଏ । ଏହି ମାଛ ପ୍ରାୟ ପ୍ରତ୍ୟେକ ଦିନ ଦଳ ଖାଇ ଆଠରୁ ଦଶ ଗ୍ରାମ ପର୍ଯ୍ୟନ୍ତ ବଢ଼ି ଥାଏ । ଉପଯୁକ୍ତ ପରିମାଣରେ ଦଳ ଓ କୃତ୍ରିମ ଖାଦ୍ୟ ଦିଲେ ଏକର ପିଛା ପ୍ରାୟ ବାରଶହ ( ୧,୨୦୦) କିଲୋ ମାଛ ଉତ୍ପାଦନ କରାଯାଇ ପାରିବ ।

( ଆକାଶବାଣୀ ସୌଜନ୍ୟରୁ )

ବସନ୍ତ ଭୂଷଣ ରଥ

# ଟସର ପୋକ ପାଳନର କେତେକ ଉନ୍ନତ ଢଗ

ଟସର ପୋକ ପାଳନରେ ଆଦିବାସୀମାନଙ୍କର ଧର୍ମ ବିଶ୍ୱାସ ରହିଛି । ସେମାନଙ୍କର ବିଶ୍ୱାସ ଯେ ଟସର ଦେବତା ସନ୍ତୁଷ୍ଟ ହେଲେ ସେମାନଙ୍କର ଟସର ଚାଷ ଭଲ ହେବ ଏବଂ ଭଲ କୋଷା ଆମଦାନୀ ହେବ । ସେମାନେ ଟସର ଚାଷ ଆରମ୍ଭ କରିବା ପୂର୍ବରୁ ଏବଂ ପରେ ଟସର ଅଡ଼ା ପାହିରେ ପୂଜା କରନ୍ତି । ଟସର ଚାଷ ସମୟରେ ପ୍ରତ୍ୟେକ ସକାଳୁ ସ୍ନାନ କରି ପରିଷ୍କାର ଲୁଗା ପିନ୍ଧି ସେମାନେ ଅଡ଼ା ପାହିକୁ ଯାଆନ୍ତି । ଟସର ଚାଷ ସମୟରେ ସେମାନେ ଅଡ଼ା ପାହିରେ ଗୋଟିଏ ଛୋଟ କୁଡ଼ିଆ ଘର ତିଆରି କରି ବସବାସ କରି ଖାଇବା ପିଇବା ମଧ୍ୟ ସେଠାରେ କରନ୍ତି । ଟସର ଚାଷ ଶେଷ ହେବା ପର୍ଯ୍ୟନ୍ତ ସେମାନେ ଘରକୁ ଆସନ୍ତି ନାହିଁ । ଏପରିକି ସେମାନେ ସେମାନଙ୍କର ଅଡ଼ା ପାହିରେ ବାହାର ଲୋକଙ୍କୁ ପ୍ରବେଶ କରିବା ପାଇଁ ଅନୁମତି ଦିଅନ୍ତି ନାହିଁ । କିନ୍ତୁ ଆଜିକାଲି ଏହି ଧର୍ମ ବିଶ୍ୱାସ ଅନେକ ପରିମାଣରେ କମି ଯାଇଛି ଏବଂ ବର୍ତ୍ତମାନ ସେମାନେ ଉନ୍ନତ ଧରଣର ଟସର ଚାଷ କରିବାପାଇଁ ଆଗେଇ ଆସୁଛନ୍ତି ।

ଉନ୍ନତ ଧରଣର ଟସର ପୋକ ପାଳନ ପାଇଁ ଉତ୍କୃଷ୍ଟ ଧରଣର ବିହନ ଟସର ସଂଗ୍ରହ କରିବା ଉଚିତ । ବିହନ ଟସରଗୁଡ଼ିକ ଟାଣ ଏବଂ ଆକାର ବଡ଼ ହେବା ଆବଶ୍ୟକ । ତାହାହେଲେ ବହୁତ ମାଈ ପ୍ରଜାପତି ବାହାରିବା ଫଳରେ ଅଣ୍ଡା ସଂଖ୍ୟା ବା ରେଶମ ବେଶି ହେବ । ବିହନ ଟସରଗୁଡ଼ିକ ସଂଗ୍ରହ କରି ସାରିଲାପରେ ସେଗୁଡ଼ିକ ମାଳ କରି ଯେଉଁ ଜାଗାରେ ବାୟୁ ଚଳାଚଳ ଭଲ ଭାବରେ

ହେଉଥିବ ସେହି ଜାଗାରେ ମାଳଗୁଡ଼ିକ ଝୁଲାଇବା ଦରକା
ବିହନ ଟସର ରଖାଯାଉଥିବା ସ୍ଥାନଟି ପରିଷ୍କାର ପରିଚ୍ଛନ୍ନ ର
ଉଚିତ । ଶତକଡ଼ା ୨ଭାଗ ଫରମାଲିନ୍ ପାଣିରେ ଜାଗାଟିକୁ ଧୋ
ଦେଲେ ଭଲ । ମାଈ ପ୍ରଜାପତି କୋଷାରୁ ବାହାରି ସାରିଲା ପ
କେବଳ ସୁସ୍ଥ ଏବଂ ସବଳ ମାଈପ୍ରଜାପତିଗୁଡ଼ିକ ବାଛି ଦ୍ୱାଳିରେ ବ
ସୁଯୋଡ଼ କରିବା ପାଇଁ ନେବା ଉଚିତ । ଅଣ୍ଡିରା ପ୍ରଜାପତିଗୁ
କୋଷାରୁ ବାହାରି ସାରିବା ପରେ ଏବଂ ସେଗୁଡ଼ିକର ଡେଣା ଶ
ହେଲା ପରେ ବାହାରକୁ ଉଡ଼ାଇ ଦେବା ଉଚିତ । ଏହା ଫଳ
ଅନେକ ସୁଯୋଡ଼ ମାଈ ପ୍ରଜାପତି ମିଳିପାରିବ । ମାଈ ପ୍ରଜାପ
ଡେଣାକୁ ବାନ୍ଧିବା ବା ଭାଙ୍ଗିବା ଅନୁଚିତ । ଯେଉଁ ସୁଯୋଡ଼ ମା
ପ୍ରଜାପତିର ଡେଣା ଭାଙ୍ଗି ଯାଇଥାଏ ସେ ଭଲ ଅଣ୍ଡା ଦେଇ ପା
ନାହିଁ । ମାଈ ପ୍ରଜାପତି ସୁଯୋଡ଼ (—)ହୋଇ ସାରିଲା ପରେ ସେଗୁ
ନେଇ ଭଲ ଭାବରେ ବାୟୁ ଚଳାଚଳ ସ୍ଥାନରେ ରଖିବାକୁ ପଡ଼ି
ଏହି ଅବସ୍ଥାରେ ମାଈ ପ୍ରଜାପତିକୁ କୌଣସି ପ୍ରକାର ବାଧା ଦେ
ଠିକ୍ ନୁହେଁ ।

ଅଧିକାଂଶ ଟସର ଚାଷୀ ଚୋପା ବା କାଉଁଶ ତିଆରି ଡ଼ାଲ
୧୨ ବା ୧୬ ଟା ପର୍ଯ୍ୟନ୍ତ ସୁଯୋଡ଼ ମାଈ ପ୍ରଜାପତି ଅଣ୍ଡା ଦେବା ପ
ରଖିଥାନ୍ତି । ଏହା ଫଳରେ ଜାଗାର ଅଭାବରୁ ସୁଯୋଡ଼ ମ
ପ୍ରଜାପତି ଚୋପା ଭିତରେ ବେଶି ଅଣ୍ଡା ଦେଇ ପାରନ୍ତି ନା
ସେମାନଙ୍କର ଡେଣାକୁ ଡେଣା ଲାଗିବା ଫଳରେ ଅଣ୍ଡା ଦେବା
ବାଧା ସୃଷ୍ଟି ହୁଏ । ତେଣୁ ବେଶି ଅଣ୍ଡା ପାଇବା ପାଇଁ କୋ

ଗୋଟାରେ ୨ଟି ସୁଯୋଡ଼ ପ୍ରଜାପତି ରଖାଗଲେ ଭଲ । ତୋପା-ଗୁଡ଼ିକୁ ଶତକଡ଼ା ଦୁଇଭାଗ ଫରମାଲିନ୍ ପାଣିରେ ଧୋଇ ଖରାରେ ଶୁଖାଇ ଅଣ୍ଡାଗୁଡ଼ିକ ସଂଗ୍ରହ କଲେ ଭଲ । ମାଈ ସୁଯୋଡ଼ ପ୍ରଜାପତି ଅଣ୍ଡା ଦେଉଥିବା ସମୟରେ ତୋପାକୁ ହଲଚଲ କରିବା ଅନୁଚିତ । ଅଣ୍ଡା ଦେଇ ସାରିଲା ପରେ ମାଈ ପ୍ରଜାପତିକୁ ପରୀକ୍ଷା କରାଇ ତା'ର ଅଣ୍ଡା ବ୍ୟବହାର କରିବା ଉଚିତ ।

ଅଣ୍ଡାଗୁଡ଼ିକୁ ଶତକଡ଼ା ଦୁଇଭାଗ ଫରମାଲିନ୍ ପାଣିରେ ଧୋଇ ଛୋଟ ବାକ୍ସରେ ରଖାଯିବା ଆବଶ୍ୟକ । ଗୋଟିକରେ ୨୦୦ ପର୍ଯ୍ୟନ୍ତ ଅଣ୍ଡା ରଖିଲେ ଭଲ । ଅଧିକାଂଶ ତସର ଚାଷୀ ଗୋଟିଏ ଖୋଲିରେ ଗୋଟେ ଟା ପତଳା ବା ମାଈ ପ୍ରଜାପତିର ଅଣ୍ଡା ରଖିଥାନ୍ତି । ଅଣ୍ଡା-ଗୁଡ଼ିକ ଫୁଟିଲା ପରେ ଖୋଲିକୁ ନେଇ ଗଛରେ ଟିପାଯାଏ । ଏତେ ବେଶି ଅଣ୍ଡା ରଖିବା ଫଳରେ ଅଣ୍ଡାଗୁଡ଼ିକ ଭଲ ଭାବରେ ଫୁଟି ପାରେନାହିଁ । ଯେଉଁ ପୋକଗୁଡ଼ିକ ବାହାରନ୍ତି ସେମାନଙ୍କ ମଧ୍ୟରୁ ଅନେକ ଛାଟିଛାଟି ହୋଇ ମରିଯାଆନ୍ତି । କେତେକ ଜାଗାରେ ଦେଖାଯାଇଅଛି ଯେ ତସର ଚାଷୀ ଅଣ୍ଡା କେତେଟା ଫୁଟିଲା ପରେ ଖୋଲିକୁ ନେଇ ଗଛରେ ଟିପି ଦିଏ । ଯଦି ବର୍ଷାହୁଏ ତେବେ ଖୋଲି ଭିତରେ ପାଣି ପଶିଯାଇ ଅଣ୍ଡା ଭଲ ଫୁଟେ ନାହିଁ । ଅଣ୍ଡା-ଗୁଡ଼ିକ ଭଲଭାବେ ଅର୍ଥାତ ଶତକଡ଼ା ୬୦।୭୦ ଭାଗ ଫୁଟିଲାପରେ ଖୋଲି ଟିପିବା ଭଲ । ଯେଉଁ ଦିନ ବର୍ଷା ବା ଝଡ଼ ହେବ ସେଦିନ ଖୋଲି ଟିପିଲେ ବହୁତ ପୋକ ମରିଯିବାର ସମ୍ଭାବନା ଥାଏ । ତେଣୁ ସେଦିନ ଖୋଲି ନ ଟିପି ଛୋଟ ପୋକଗୁଡ଼ିକୁ ଘରେ ଅସନପତ୍ର ଦେଇ ପାଳନ କରାଯିବା ଉଚିତ । ପାଗ ଭଲ ହେଲେ ପୋକଗୁଡ଼ିକୁ ନେଇ ଗଛରେ ଛାଡ଼ି ଦେବା ଉଚିତ । ପୋକ ଛୋଟ ଥିଲା ସମୟରେ ନଷ୍ଟ ହେବାର ସମ୍ଭାବନା ବେଶି । ତେଣୁ ସେ ସମୟରେ ବେଶି ଯତ୍ନ ନେବା ଆବଶ୍ୟକ । ଯଦି ତସର ଚାଷୀ ପୋକର ୨ୟ ଅବସ୍ଥା ପର୍ଯ୍ୟନ୍ତ ଘରେ ପାଳନ କରି ତା'ପରେ ନେଇ ଅଡ଼ା ପାହିରେ ଛାଡ଼ନ୍ତେ ତାହାହେଲେ ପ୍ରଥମ ଏବଂ ୨ୟ ଅବସ୍ଥାରେ ଯେତେ ପରିମାଣରେ ପୋକ ବାହାରେ ନଷ୍ଟହୁଏ ସେତେ ହୁଅନ୍ତା ନାହିଁ ।

ଖୋଲି ଟିପିବା ପୂର୍ବରୁ ଅଡ଼ା ପାହିରେ ଥିବା ଅନାବନା ଗଛ କାଟି ସଫା କରିଦେବା ଉଚିତ । ଅଡ଼ା ପାହିରେ ଥିବା ଗାତ, ଝାଡ଼ ଏବଂ ବୁଦା ଇତ୍ୟାଦି ସଫା ହେବା ଆବଶ୍ୟକ । ଅସନ ଗଛରେ ଖୋଲି ଟିପିବା ପୂର୍ବରୁ ଗଛମୂଳ ସଫା କରି ଗଛ ମୂଳର ଚାରିପଟେ ଗ୍ୟାମାକ୍ସିନ୍ ପକାଇଲେ ଗଛ ଉପରକୁ କୌଣସି ତସର ପୋକର ଶତ୍ରୁ ସହଜରେ ଚଢି ପାରିବ ନାହିଁ । ଖୋଲି ଟିପିବା ପୂର୍ବରୁ ଗଛକୁ ଭଲ ଭାବେ ଝାଡ଼ିଦେଇ ସେଠାରେ ଥିବା ଯେଉଁ ପିମ୍ପୁଡ଼ିକୁ ବାହାର କରିଦେବା ଉଚିତ । ଖୋଲିକୁ କର୍ଣ୍ଣିକିଆ ବା ନରମ ପତ୍ରଥିବା ଡାଳରେ ନେଇ ଟିପିବାକୁ ହେବ । ବୁଢ଼ା ପତ୍ରଥିବା ଡାଳରେ ନେଇ ଟିପିଲେ ଛୋଟ ପୋକଗୁଡ଼ିକ ପତ୍ର ଖାଇ ନ ପାରି ମରିଯିବାର ସମ୍ଭାବନା ବେଶି । ରୋଗ ପଡ଼ିଥିବା ଗଛରେ ଖୋଲି ଟିପିବା ଉଚିତ ନୁହେଁ । କାରଣ ଏହି ପତ୍ର ଖାଇଲେ ପୋକଗୁଡ଼ିକ ରୋଗାକ୍ରାନ୍ତ ହେବାର ସମ୍ଭାବନା ବେଶି । ଯେଉଁ ଗଛରେ ବଡ଼ ଏବଂ ଭଲ ପତ୍ର ଥିବ ସେହି ଗଛରେ ଖୋଲି ଟିପିବା ଉଚିତ । କେତେକ ଗଛରେ ପୋକ ଗଛ ମୂଳକୁ ଓହ୍ଲାଇ ଆସେ ସେ ଗଛରୁ ଅନ୍ୟ ଗଛକୁ ସାଙ୍ଗେ ସାଙ୍ଗେ ପୋକଗୁଡ଼ିକୁ ନେଇ ଛାଡ଼ିଦେବା ଉଚିତ । ପୋକଗୁଡ଼ିକୁ ଯେତେକମ୍ ହାତରେ ଧରିବା ଉଚିତ । ଏଗୁଡ଼ିକୁ ହାତରେ ଧରିଲେ କେଳିଆ କେଳିଆ ପତ୍ର ଭଙ୍ଗ ପରି ବାନ୍ତି କରି ପକାନ୍ତି । ତା'ପରେ ଗଛରେ ନେଇ ଛାଡ଼ିଲେ ରୋଗାକ୍ରାନ୍ତ ହୋଇ ଏମାନଙ୍କ ମଧ୍ୟରୁ ଅନେକ ମରିଯାଆନ୍ତି ।

ପୋକଗୁଡ଼ିକ ପତ୍ର ଖାଇ ସାରିଲାପରେ ଡାଳ ସହିତ ସାଙ୍ଗେ ସାଙ୍ଗେ ଅନ୍ୟ ଗଛରେ ନେଇ ଛାଡ଼ିଦେବା ଉଚିତ । ପୋକଗୁଡ଼ିକ ସକାଳେ କିମ୍ବା ଅପରବେଳା ନେଇ ଅନ୍ୟ ଗଛରେ ଛାଡ଼ିବା ଭଲ । ଖରାବେଳେ ପୋକଗୁଡ଼ିକୁ ଅନ୍ୟ ଗଛକୁ ବଦଳାଇବା ଠିକ୍ ନୁହେଁ । ପୋକ ଯେତେବେଳେ କାତି ଛାଡ଼ିବା ପାଇଁ ବସିଥିବ ସେତେବେଳେ ତାକୁ ଅନ୍ୟ ଗଛକୁ ବଦଳାଇବେ ନାହିଁ କିମ୍ବା ତାକୁ ବାଧା ଦେବେ ନାହିଁ । ଏହି ଅବସ୍ଥାରେ ଅନେକ ଶତ୍ରୁ ଆକ୍ରମଣ କରି ନଷ୍ଟ କରିଥାଆନ୍ତି । ତେଣୁ ଭଲ ଭାବରେ ଜଗିଲେ ପୋକଗୁଡ଼ିକ ନଷ୍ଟ ହୁଅନ୍ତି ନାହିଁ । ପୋକଗୁଡ଼ିକ ଗଛର ଗୁଡ଼ିଆଡ଼େ ଖେଳେଇ ହୋଇ ପତ୍ର ଖାଇଲେ ଭଲ । ଗୋଟିଏ ଗଛରେ ପତ୍ର ଅନୁଯାୟୀ ପୋକ ଛାଡ଼ିବା ଉଚିତ । ଗୋଟିଏ ଡାଳରେ ବେଶି ପୋକ ଛାଡ଼ିବା ଅନୁଚିତ । ଡାଳଗୁଡ଼ିକ ଛାଡ଼ି ଛାଡ଼ି ରହିବା ଦରକାର ।

ପୋକଗୁଡ଼ିକୁ ରୋଗ ଆକ୍ରମଣ କଲେ ରୋଗାକ୍ରାନ୍ତ ପୋକ-ଗୁଡ଼ିକୁ ସାଙ୍ଗେ ସାଙ୍ଗେ ନେଇ ପୋଡ଼ିଦେବେ ବା ଗାତ ଖୋଳି ପୋତି ଦେବେ । ତାହାହେଲେ ଅନ୍ୟ ପୋକ ରୋଗାକ୍ରାନ୍ତ ହେବେ ନାହିଁ ଏବଂ ରୋଗ ସହଜରେ ବ୍ୟାପି ପାରିବ ନାହିଁ ।

ପୋକ କୋଷା ବାନ୍ଧି ସାରିବାପରେ ଅଡ଼ା ପାହିରେ ବେଶି ଦିନ କୋଷା ନ ରଖି କାଟି ଆଣିବା ଭଲ ।

ଉପରୋକ୍ତ କେତେକ ବିଷୟ ପ୍ରତି ଦୃଷ୍ଟିଦେଲେ ତସର ପୋକ ପାଳନକାରୀ ଅଧିକ ପରିମାଣରେ କୋଷା ଆମଦାନୀ କରି ପାରିବ ବୋଲି ଆଶା କରାଯାଏ ।

ହରିଚନ୍ଦ୍ର ଶତପଥୀ

# କୃଷୀର ସମ୍ବଳ ଅଭାବ

ଭାରତର ସବୁଆଡ଼େ କୃଷୀ କୁଳର ସମ୍ବଳ ଅଭାବ। ଗୋଟିଏ ଧର କୃଷ କରିବାକୁ ମଧ୍ୟ ତାହା ହାତରେ ଯଥେଷ୍ଟ ଅର୍ଥ ନ ଥାଏ। ଏଥିରେ ସେ ପୁଣି ଦୋହରି କୃଷ କରିବ କିପରି ? ଏହି ସମସ୍ୟାର ସମାଧାନ ଲାଗି ଏବେ ବାଟ ପିଟିଛି। ଷ୍ଟେଟ୍ ବ୍ୟାଙ୍କ, ସମବାୟ ବ୍ୟାଙ୍କ ତଥା ସରକାରଙ୍କ ତରଫରୁ କୃଷୀକୁ ଋଣ ଦିଆଯାଉଛି। ସାର ଆକାରରେ, ବିହନ ସୂତ୍ରରେ ଏବଂ କିଛି ନଗଦ ଅର୍ଥ ରୂପ ଉପିଥାରେ ଦିଆଯାଉଛି। ଉଦେଶ୍ୟ କୃଷୀ ଅର୍ଥର ଅଭାବକୁ ବୁଝିଦେଇ ହାତ ଗୋଡ଼ ବାନ୍ଧି ଯାହା ବସିପାରଥିଲା, ତାହା ଏଣିକି ହେବାର କଥା ନୁହେଁ। ଅତୀତର ଅଭିଜ୍ଞତାରୁ ଜଣାଯାଉଛି ଯେ କୃଷୀ ନଗଦ ଟଙ୍କା ପାଇଲେ ତାହା ଅନ୍ୟ ଭାବରେ ଖର୍ଚ୍ଚ କରିଦିଏ। ଋଣର ପ୍ରକୃତ ଉପଯୋଗ ହୁଏ ନାହିଁ। ଫଳରେ ଉତ୍ପନ୍ନ ବା ବଢ଼ିବ କିପରି ? ପୁଣି ଋଣ ପରିଶୋଧ କରିବାର ଉପାୟ ବା କଅଣ ? କୃଷୀ ଶପଥ ଗ୍ରହଣ କରିବା ଉଚିତ ଯେ ଋଣର ପୂର୍ଣ୍ଣ ଉପଯୋଗ ନ କଲେ ଦେଶଦ୍ରୋହିତାର କାର୍ଯ୍ୟ ହେବ—ସେ କେବଳ କ୍ଷତିଗ୍ରସ୍ତ ହେବ ନାହିଁ—କ୍ଷତି ହେବ ଦେଶର ଓ ଦଶର।

## ଜଳସେଚନ ଯୋଜନା

କେବଳ ସେତିକି ନୁହେଁ, କୃଷୀ ପାଇଁ ଜଳର ସୁବିଧା ଥିବା ଆବଶ୍ୟକ। ପୂର୍ବେ ଯୋଜନାରେ ଜଳସେଚନ ପାଇଁ ଯେତେ ଅଗ୍ରାଧିକାର ଦିଆଯିବା ଆବଶ୍ୟକ ତାହା ହୋଇପାରିନାହିଁ। କୃଷୀ ମନରେ ଚେତନା ଜାଗ୍ରତ ହେବାଦେଇକୁ ଜଳସେଚନର ଅଭାବ ତାହାକୁ ପଛକୁ ଟାଣି ଧରୁଛି। ସେ ଆଉ ଆଗେଇ ପାରୁନାହିଁ। କାରଣ ନଳ କୂଅ ଖୋଳିବା କି ପୋଖରୀ ଖୋଳିବାକୁ ତାହାର ସମ୍ବଳ ନାହିଁ। ଏହି ଗୁରୁତର ସମସ୍ୟାକୁ ସମାଧାନ କରିବାକୁ ଭୂବନ୍ଧକ ବ୍ୟାଙ୍କ ପ୍ରଭୃତି ଋଣ ଦେଉଛନ୍ତି। ଯେଉଁଠି ବିଦ୍ୟୁତ୍ ଶକ୍ତି ପାଇବାର ସୁବିଧା ଅଛି ସେଠାରେ ବିଦ୍ୟୁତ୍ ଚିରାଗର ଆଶ୍ରୟ ନେବାକୁ ହେବ। ଯେଉଁଠାରେ ସେ ସୁବିଧା ନାହିଁ ସେଠାରେ ଡ଼ିଜେଲ ଚାଳିତ ପମ୍ପ ବସାଇବାକୁ ପଡ଼ିବ। ଏଥିପାଇଁ ଆବଶ୍ୟକ ଅର୍ଥ ବ୍ୟାଙ୍କ ଯୋଗାଇ ଦେବ। କିନ୍ତୁ କୃଷୀ ତାହାର ପୂର୍ଣ୍ଣ ସଦୁପଯୋଗ କରିବା ଆବଶ୍ୟକ। କିନ୍ତୁ କେତେକ ଅଞ୍ଚଳରେ ସଡ଼କ ଖାଇ ଓ ନଦୀର ଗର୍ଭରେ ବର୍ଷଯାକ ପାଣିଥାଏ, ଅଥଚ ସେହି ଅଞ୍ଚଳରେ ଥିବା ଚାଷ ଜମି ଖରାଦିନରେ ମରୁଭୂମି ହୋଇ ପଡ଼ି ରହିଥାଏ। ଏହାର କାରଣ କୃଷୀର ଉଦାସୀନତା ଓ ଚେତନାର ଅଭାବ। କେତେକର ଯୁକ୍ତି ଯେ କେନାଲ ପାଣି ନେବାକୁ ହେଲେ ଅଧିକ ଖଜଣା ଦେବାକୁ ପଡ଼ିବ। ପାଣି ଜମିରେ ମଡ଼ାଇଲେ ଦୋହରି ଫସଲ କରାଯିବ ଓ ସେହି ଜମିରୁ ଉତ୍ପନ୍ନ ଫସଲରୁ ପାଣି ପାଇଁ ଖଜଣା ଦିଆଯାଇପାରିବ ଏବଂ ସମ୍ବଳହୀନ କୃଷୀକୁ ଋଣ ଭାର ବୋହିବାକୁ ପଡ଼ିବ। କିନ୍ତୁ ଋଣର ପ୍ରକୃତ ଉପଯୋଗ ଠିକ୍ ଭାବରେ କରିବାକୁ

ହେବ। ତାହାହେଲେ ଚାଷୀ କୁଳର ଉନ୍ନତି ଘଟିବ। ଦେଶରେ ସ୍ୱାବଲମ୍ବନଶୀଳତାର ସ୍ୱପ୍ନ ବାସ୍ତବ ରୂପ ପାଇପାରିବ ।

## ଚକବନ୍ଦୀ ସ୍କିମ

ଚାଷୀର ଆଉ ଏକ ସମସ୍ୟା—ଚକବନ୍ଦୀ ଜମିର ଅଭାବ। ଅବଶ୍ୟ ଜମି ଖଣ୍ଡ ଖଣ୍ଡ ହୋଇ ରହିଲେ ଚାଷୀକୁ ଅତି ଅସୁବିଧା। ଏହି ସମସ୍ୟା ବର୍ତ୍ତମାନ ଦୂର ହେବାକୁ ଯାଉଛି। ସରକାରୀ ସୂତ୍ରରେ ବର୍ତ୍ତମାନ ଦୃଢ ପଦକ୍ଷେପ ନିଆଯାଉଛି। ଏଥିରେ ଚାଷୀ ଚାଷୀ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟିକରିବା ଉଚିତ ହେବନାହିଁ। ସାମାନ୍ୟ ସ୍ୱାର୍ଥ ତ୍ୟାଗ ନକଲେ ଆମେ ବୃହତର ସ୍ୱାର୍ଥର ଭାଗୀଦାର ହୋଇପାରିବୁ ନାହିଁ। ଥରେ ସାମାନ୍ୟ ସ୍ୱାର୍ଥକୁ ଛାଡ଼ି ପାରିଲେ ସବୁଦିନ ପାଇଁ ଚାଷୀ ସୁବିଧା ହାସଲ କରିପାରିବ।

ସୁବିଧା ଓ ସୁଯୋଗ ସବୁବେଳେ ଆସେ ନାହିଁ। ବର୍ତ୍ତମାନ ଚାଷୀ ପାଇଁ ସୁଯୋଗର ବାଟ ଖୋଲିଛି। ତାହାର ଚେତନା ଜାଗ୍ରତ ହେବା ଆବଶ୍ୟକ ଏବଂ ଋଣ, ସାର, ବିହନ ଆଦିର ପୂର୍ଣ୍ଣ ଉପଯୋଗ କର୍ତ୍ତବ୍ୟ। ଏହା ଫଳରେ ଚାଷୀ ନିଜେ ବଞ୍ଚିବ ଓ ଦେଶ ଓ ଜାତିକୁ ବଞ୍ଚାଇ ପାରିବ। ପରକୁ 'ଗରିବୀ ହଟାଓ' ଧ୍ୱନି ଆଉ ଶୁଣାଯିବ ନାହିଁ।

## ଋଣର ଉପଯୋଗ

ଭାରତ ପଚିଶ ବର୍ଷ ହେଲା ସ୍ୱାଧୀନତା ହାସଲ କରିଥିଲେହେଁ ଏଥିର ଅର୍ଥନୀତି ପୂର୍ଣ୍ଣ ସ୍ୱଚ୍ଛଳ ହୋଇନାହିଁ। ପ୍ରଥମ ଠାରୁ ଚତୁର୍ଥ ଯୋଜନା କାଳ ମଧ୍ୟରେ ଜନତାର ଆର୍ଥିକ ମେରୁଦଣ୍ଡକୁ ମଜଭୁତ କରିବାକୁ ଉଦ୍ୟମ ହୋଇଥିଲେହେଁ ଆଶାନୁରୂପ ଫଳ ମିଳିନାହିଁ। ସମାଜବାଦୀ ରାଷ୍ଟ୍ରର ପ୍ରକୃତ ସ୍ୱରୂପ ଯେପରି ଭାବରେ ଆତ୍ମପ୍ରକାଶ କରିବା କଥା ତାହା ହୋଇପାରି ନଥିବାରୁ ଲକ୍ଷ୍ୟ ସାଧନ ଦିଗରେ ଦୃଢ଼ ବ୍ରତ ପାଳନ କରିବାକୁ ଆହ୍ୱାନ ଆସୁଛି। ଏହି ଆହ୍ୱାନକୁ ନିଷ୍ଠାର ସହିତ ଗ୍ରହଣ କରିବାକୁ ହେବ । ଜାତି ଓ ଦେଶ ପାଇଁ ପ୍ରତ୍ୟେକ ଦେଶବାସୀଙ୍କୁ କଠୋର ସାଧନା କରିବାକୁ ପଡ଼ିବ।

## ସ୍ୱାବଲମ୍ବନଶୀଳତା ସର୍ବାଦୌ ଦାବୀ

ଆମର ଦେଶ ବିରାଟ। ଆମର ପ୍ରାଚୀନ ସଂସ୍କୃତି ଓ ଐତିହ୍ୟ ଅଛି। ସୁଜଳା, ସୁଫଳା ବୋଲି ରାଷ୍ଟ୍ରର ଖ୍ୟାତି ଅଛି। ଏପରି ଦେଶ ପକ୍ଷରେ ପରମୁଖାପେକ୍ଷୀ ହୋଇ ରହିବା ଅତୀବ ଦୁଃଖଦାୟକ। ଏଥିଲାଗି ଦୃଢ଼ ଶପଥ ଗ୍ରହଣ କରାଯାଇଛି ଯେ ବିଦେଶରୁ ଖାଦ୍ୟ ଶସ୍ୟ ଆମଦାନୀ ହେବନାହିଁ। ଏହି ନୀତିର ଉପରେ ଦେଶବାସୀଙ୍କୁ ଆବଶ୍ୟକତା ମେଣ୍ଟାଇବାକୁ ହେବ। ଗୋଟିଏ ଫସଲ ବଦଳରେ ଅତି ନ୍ୟୂନରେ ଦୁଇଟି ବା ତିନିଗୋଟି ଫସଲ ଆମଦାନୀ କରାଯିବା ଲକ୍ଷ୍ୟ ହାସଲ ନ ହେବାଯାଏ ବିଶ୍ରାମର ପ୍ରଶ୍ନ ଉଠିବ ନାହିଁ। ମାଟି ବିଶ୍ରାମ ପାଇବ ନାହିଁ, ଦେଶବାସୀ ବିଶ୍ରାମ ପାଇବେ ନାହିଁ। ଥରେ ଯାହା ଶପଥ ନିଆଯାଇଛି ତାହା ଜୀବନ ପ୍ରତିଦାନରେ ପୂରଣ କରିବାକୁ ପଡ଼ିବ। ଏଥିପାଇଁ ଯାହା ଆବଶ୍ୟକ ହେବ ତାହା ଯୋଗାଇ ଦେବାକୁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ସବୁଠାରେ ଗୋଟିଏ ମାତ୍ର ଆହ୍ୱାନ—କେବଳ ଚାଷୀ କୁଳ ପ୍ରତି ନୁହେଁ, ଶିକ୍ଷିତ, ଅଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ ସମସ୍ତଙ୍କୁ ଏକ ଚେତାବନୀ—'କୋଟି କୋଟି ଜନତାର ଖାଦ୍ୟ ଏହି ଭାରତ ଭୂମିରୁ ଉତ୍ପାଦନ କରିବାକୁ ହେବ, କାଣିଚାଏ ପାଇଁ ମଧ୍ୟ ଆମେ କାହାରି ପାଖରେ ହାତ ପତାଇବୁ ନାହିଁ—ଆମେ ଶତ୍ରୁ ଆଗରେ ମୁଣ୍ଡ ନୁଆଁଇନାହିଁ, ପେଟ ପାଇଁ ମଧ୍ୟ ତାହାରେ କାହାରି ଦାସତ୍ୱ ସ୍ୱୀକାର କରିବୁ ନାହିଁ ।

---

(ଲେଖକ ଶ୍ରୀ ଶତପଥୀ ହେଉଛନ୍ତି ଅବସରପ୍ରାପ୍ତ ଜିଲ୍ଲା ସେଚନ-ସମ୍ପର୍କ ଅଫିସର ଓ ବର୍ତ୍ତମାନ କାଳେଶ୍ୱରଠାରେ ମହାଜନ କରୁଛନ୍ତି ।)

ମନ୍ମଥ ନାଥ ଶତପଥି

# ଆପଣା ଜମିରେ ଆପଣା କୂଅ ଧୋଇ ମରୁଡ଼ିକୁ ନାହିଁଟି ଭୟ

ଦେଶରେ ଗରିବୀ ହଟାଅ ଧ୍ୱନି ସାଙ୍ଗକୁ ଅମଳ ବଢ଼ାଅ ଆନ୍ଦୋଳନ ଜନ ମନକୁ ଆଲୋଡ଼ନ କଲଣି । ନେହୁରୁଜୀଙ୍କ "ଆରାମ ହାରାମ ହୈ" ଏବଂ ଶାସ୍ତ୍ରୀଜୀଙ୍କ "ଜୟ ଯବାନ୍ ଓ ଜୟ କିସାନ" ସାଙ୍ଗକୁ ଇନ୍ଦିରାଜୀଙ୍କ "ଗରିବୀ ହଟାଅ" ବାଣୀ ପ୍ରୁଲ୍ଲ ପ୍ରୁଲ୍ଲ ହୋଇ ଉଡ଼ିଲଣି । ଲୋକେ ଜାଣିଲେଣି ଆଗ ଅନ୍ନ ଚିନ୍ତା । ପରେ ଅନ୍ୟ ଚିନ୍ତା । ଆଗ ଖାଦ୍ୟ ଶସ୍ୟ କ୍ଷେତ୍ରରେ ଆମେ ସ୍ୱାବଲମ୍ବୀ ହେଲେ ଯାଇ ପୃଥିବୀର ଅନ୍ୟ ଦେଶ ସହ ଟକର ଦେଇପାରିବା । ସମଭାବରେ ଯୁଝିପାରିବା ।

ଦେଶରେ ଅଧିକ ଉତ୍ପାଦନ କ୍ଷମ ବିହନ ବାହାରିଗଲଣି । ଆଧୁନିକ କୃଷି ଉପକରଣ ତିଆରି ହେଲଣି । ଶସ୍ୟର ଅମଳ ସମୟ ହ୍ରାସ ପାଇଲଣି । ଜମିରେ କିପରି ୩/୪ ଟି ଫସଲ ବର୍ଷକୁ ହୋଇପାରିବ ଗବେଷଣା କରାଗଲଣି । କିନ୍ତୁ ଏସବୁ ମୂଳରେ ରହିଲା ଜଳ ଯୋଗାଣ । ଏହା କହିବା ବାହୁଲ୍ୟ ଯେ ବୃଷ୍ଟିଜଳ ପରିମାଣ ବାର୍ଷିକ ହାରାହାରୀ ଯେତେ ବେଶୀ ହେଉନା କାହିଁକି ସବାବେଳେ କୃଷି ନିମିତ୍ତ ଉଦ୍ଦିଷ୍ଟ ନୁହେଁ । ସୁତରାଂ କୃତ୍ରିମ ଜଳ ଯୋଗାଣର ବ୍ୟବସ୍ଥା ଆବଶ୍ୟକ । ଅନ୍ୟାନ୍ୟ ସମସ୍ତ ଯୋଜ[illegible] ଅପେକ୍ଷା କୂପ ଜଳସେଚନ ଅଧିକ ନିର୍ଭର ଯୋଗ୍ୟ । ଏହା ଅ[illegible] ସମୟ ସାପେକ୍ଷ, ଅଳ୍ପ ଖର୍ଚ୍ଚ ସାପେକ୍ଷ । ପୁଣି ସବୁଠାରୁ ଅଧି[illegible] ଉପାଦେୟତା ହେଲା ଏହା ଜଣେ ବିଜଣ ଚାଷୀର ନିଜ ମାଲିକାନା[illegible] ଖୋଦିତ ଓ ପରିଚାଳିତ ହେବା ଦ୍ୱାରା ଶତକଡ଼ା ଶହେ [illegible] ବ୍ୟବହାର୍ଯ୍ୟ । ସୁତରାଂ ନିଜ ନିଜ ଜମିରେ ଖୋଦିତ କୂପ ହେଉ [illegible] ନଳ କୂପଟିଏ ହେଉ ବସାଇ ଦେଲେ, ଜଳସେଚନ ପାଇଁ ଅ[illegible] ଚିନ୍ତାନାହିଁ ।

୧୭°–୪୫'ରୁ ୨୦'–୩୦° ଅକ୍ଷାଂଶ ତଥା ୮୧°–୩୦'[illegible] ୮୭°–୩୦' ଦ୍ରାଘିମା ମଧ୍ୟରେ ସୀମାବଦ୍ଧ ଭାରତର ପୂର୍ବ ଉପକୂଳ[illegible] ଅବସ୍ଥିତ ଆମ ଓଡ଼ିଶା ରାଜ୍ୟରେ ବାର୍ଷିକ ୧୫ ହଜାର ସେଣ୍ଟିମି[illegible] ଯାଏ ବୃଷ୍ଟିପାତ ହେଉଥିଲେହେଁ କ୍ରମାଗତ ଧୋଇ ଓ ମରୁଡ଼ି ଏ[illegible] ଦୈବୀ ବିଡ଼ମ୍ବନା । ଏହି ଦୈବୀ ଦୁର୍ବିପାକର ମୂଳକାରଣ [illegible] ଅନିୟମିତ ଓ ଚାଷୀ ଚାହିଦା ପ୍ରତିକୂଳ ସାମୟିକ ବୃଷ୍ଟିପାତ । [illegible]


ଓଡ଼ିଶାର ଜଳ-ଭୂତାତ୍ତ୍ୱିକ
ନକ୍ସା
N
ବିହାର
ପ. ବଙ୍ଗ
ମଧ୍ୟପ୍ରଦେଶ
ଆନ୍ଧ୍ର ପ୍ରଦେଶ
ସୂଚନା
ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ
ନଦୀ ଉପତ୍ୟକାର ଆଲୁଭିଆ ଅଞ୍ଚଳ
ଗଣ୍ଡୁଆନା ଶିଳାଞ୍ଚଳ
ଆଦିମ ଯୁଗୀୟ ଅଞ୍ଚଳ
ନଳକୂପ
ଖୋଲାକୂପ

ସେହି ଦୁର୍ଦ୍ଦିନକୁ ଦୂର କରି ଆମ ଶସ୍ୟ କ୍ଷେତ୍ରକୁ ଶ୍ୟାମଳ କରିବାକୁ ହେଲେ ବିଭିନ୍ନ କୃତ୍ରିମ ପ୍ରଣାଳୀରେ ଭୂପୃଷ୍ଠ ଓ ଭୂଗର୍ଭ ଜଳ ସମ୍ପଦକୁ ଆୟତ୍ତାଧୀନ କରିବାକୁହିଁ ପଡ଼ିବ ।

ଆମ ରାଜ୍ୟରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଋଷିକୁଲ୍ୟା, ବଂଶଧାରା ଓ ନାଗାବଳୀ ଆଦି ବିରାଟ ବିରାଟ ନଦୀମାନ ପ୍ରବାହିତ ହେଉଛନ୍ତି । ଏମାନେ ବୃଷ୍ଟି ଜଳର ଶତକଡ଼ା ୪୫ ଭାଗ ବୋହି ନେଉଛନ୍ତି । ସୁବିଧା କ୍ରମେ ହୀରାକୁଦ, ମାଛକୁଣ୍ଡ ଓ ବାଲିମେଳା ଆଦି ବିରାଟ ବିରାଟ ଯୋଜନା ମାଧ୍ୟମରେ କେତେକାଂଶ ଜଳ ଆବଦ୍ଧ ରଖାଯାଇ କୃଷିକ୍ଷେତ୍ରକୁ ପ୍ରେରଣ କରାଯାଇପାରୁଛି । ଓଡ଼ିଶାର ଦୁଇକୋଟି ଏକର କୃଷି ଜମି ତୁଳନାରେ ଏ ଜଳ ଯୋଗାଣ ଅତି ନଗଣ୍ୟ । ଚତୁର୍ଥ ଯୋଜନା ଶେଷ ସୁଦ୍ଧା ମାତ୍ର ୩୧ ଲକ୍ଷ ଏକର ଜମିକୁ କେନାଲ ଜଳ ଯୋଗାଇ ପାରିବା ଅଟକଳ କରାଯାଉଛି । କେନାଲ ଜଳ ଯିବା ତାଳୁ ଜମିକୁ ମାଡ଼ି ପାରିବ, କେନାଲ ସ୍ତରର ଉଚ୍ଚ ଜମିର ବ୍ୟବସ୍ଥା କ'ଣ ହେବ ? ପୁଣି କେନାଲର ତଳ ମୁଣ୍ଡକୁ ସବୁବେଳେ ଜଳ ଯୋଗାଇବା ସମ୍ଭବ ନୁହେଁ, ସେ ଜମିର ବ୍ୟବସ୍ଥା କ'ଣ ହେବ ? କେନାଲ ମୁଣ୍ଡ ଜଳର ପରିମାଣ କମିଗଲେ ରବି ଫସଲ ବା ଦୋଫସଲର ବ୍ୟବସ୍ଥା କ'ଣ ହେବ ? ଏ ସବୁର ଉତ୍ତର ଉଠାଜଳସେଚନ ।

ଉଠାଜଳସେଚନ ଅର୍ଥ ଶାରୀରିକ ଶକ୍ତି (ଟେଣ୍ଡା)ରେ ହେଉ ବା ଡ଼ିଜେଲ ଶକ୍ତିରେ ହେଉ ବା ବିଦ୍ୟୁତ ଶକ୍ତିରେ ହେଉ ଭୂପୃଷ୍ଠ ଏବଂ ଭୂଗର୍ଭ ଜଳକୁ ଉତ୍ତୋଳନ କରିବା ଏବଂ ଅନ୍ୟ ଜଳସେଚନରୁ ବଂଚିତ ବିସ୍ତୀର୍ଣ୍ଣ କୃଷି ଜମିକୁ ସିଞ୍ଚନ କରିବା । ଭୂପୃଷ୍ଠ ଜଳ ପରିମାଣ ଅପେକ୍ଷାକୃତ ଅଳ୍ପ ହୋଇଥିବାରୁ ଭୂଗର୍ଭଜଳ ଭଣ୍ଡାର ଉପରେ ଅଧିକ ମାଡ଼ ପଡ଼ିଲାଣି ।

ସାରା ରାଜ୍ୟରେ ଭୂତଳ ଜଳଭଣ୍ଡାର ମାନ ଅନ୍ୱେଷଣ କରିବା, ଅବେକ୍ଷଣ କରିବା, ଏକ ନିର୍ଦ୍ଦିଷ୍ଟ ଉତ୍ତୋଳନ ପ୍ରଣାଳୀ ସୁସ୍ଥିରବା, ନିର୍ଦ୍ଦିଷ୍ଟ ପରିମାଣ ଜଳ ଏକ ନିର୍ଦ୍ଦିଷ୍ଟ ଜଳ ଭଣ୍ଡାରରୁ ଉତ୍ତୋଳନ କରି ଏକ ନିର୍ଦ୍ଦିଷ୍ଟ ପରିମାଣ ଜମିକୁ ସେଚିତ କରିବା ଯୋଜନା ପ୍ରସ୍ତୁତ କରିବା ପାଇଁ ରାଜ୍ୟ ଉଠାଜଳସେଚନ ବିଭାଗରେ ଏକ ସ୍ୱତନ୍ତ୍ର ଭୂତଳଜଳ ସମୀକ୍ଷଣ ଓ ଅନ୍ୱେଷଣ ଶାଖା ଗଠିତ ହୋଇଛି । ବୈଷୟିକ ତାଲିମ ପ୍ରାପ୍ତ ଭୂତତ୍ତ୍ୱବିତ୍, ନିର୍ମାଣ ଯନ୍ତ୍ରୀ, ବୈଦ୍ୟୁତିକ ଯନ୍ତ୍ରୀ ଓ ଯାନ୍ତ୍ରିକ ଯନ୍ତ୍ରୀଙ୍କ ଅଧ୍ୟବସାୟ ବଳରେ ଏକାର୍ଯ୍ୟ ସମ୍ପାଦିତ ହେଉଛି । ସେମାନଙ୍କ ମତରେ ସାରା ରାଜ୍ୟକୁ ନିମ୍ନୋକ୍ତ ୫ଟି ଜଳ ଭୂତାତ୍ତ୍ୱିକ ବିଭାଗରେ ବିଭକ୍ତ କରାଯାଇ ପାରେ :—

(୧) ଉପକୂଳବର୍ତ୍ତୀ ଆଲୁଭିୟ ଅଞ୍ଚଳ,

(୨) ପରିତ୍ତ ବାହିତ ଆଲୁଭିୟମ୍

(୩) ଗଣ୍ଡୁଆନା ଯୁଗୀୟ ସ୍ତରୀଭୂତ ଶିଳାଖଣ୍ଡ (ମହାନଦୀ ଓ ବ୍ରାହ୍ମଣୀ ଉପତ୍ୟକା,)

(୪) କଡ଼ପ୍ପା ଓ ବିନ୍ଧ୍ୟ ଯୁଗୀୟ ରୂପାନ୍ତରିତ ସ୍ତରୀଭୂତ ଶିଳାଖଣ୍ଡ (ମହାନଦୀ ଓ ଇନ୍ଦ୍ରାବତୀ ନଦୀ ଉପତ୍ୟକାର କେତେକାଂଶ) ଏବଂ

(୫) ଆର୍କିଆନ୍ ଯୁଗୀୟ କଠିନ ଶିଳାଖଣ୍ଡ (ପୂର୍ବଘାଟ ଓ ଉତ୍ତର ମାଳ ଭୂମି) ।

ଏହିସବୁ ଅଞ୍ଚଳରେ ବିଭିନ୍ନ ଜଳଧାରଣୀସ୍ତରକୁ ନେଇ ବିଭିନ୍ନ ପ୍ରକାର ନଳକୂପ ଓ ଖୋଳାକୂପର ସୂଚନା ଏହି ବିଭାଗ ପ୍ରଦାନ କରୁଛି ।

(୧) ଉପକୂଳବର୍ତ୍ତୀ ଆଲୁଭିୟ ଅଞ୍ଚଳ—ସମୁଦ୍ର ସୀମାର ୩୦ ରୁ ୬୦ କିଲୋମିଟର ଆଭ୍ୟନ୍ତରୀଣ ଦେଶ ଏହି ଅଞ୍ଚଳ ଅନ୍ତର୍ଭୁକ୍ତ । ୩୦ ମିଟରରୁ ୩୦୦ ମିଟର ପର୍ଯ୍ୟନ୍ତ ଶିଥିଳ ବାଲୁକା ଓ ମୃତ୍ତିକା ଅଂଶ ଏହି ଅଞ୍ଚଳରେ ଦୃଷ୍ଟି ଗୋଚର ହୁଏ । ଏଗୁଡ଼ିକ ସଚ୍ଛିଦ୍ର, ଜଳ ଧାରଣକାରୀ ତଥା ଜଳବାହକ ହୋଇ ଥିବାରୁ ଭୂତଳ ଜଳ ଭଣ୍ଡାର ଗଠନ ନିମନ୍ତେ ଉତ୍କୃଷ୍ଟ । ଏହି ଅଞ୍ଚଳରେ ଗଭୀର ନଳ କୂପର ପରିସର ଯଥେଷ୍ଟ ଅଧିକ ।

ଏହି ଅଞ୍ଚଳରେ ନଳକୂପର କରାମତି ନିମ୍ନରେ ପ୍ରଦତ୍ତ ହେଲା:—

| ଅଞ୍ଚଳ (୧) | | ଜଳୀୟ ସ୍ତରର ବେଧ (୨) | ପ୍ରସ୍ରବଣ ପରିମାଣ (୩) | ସେଚନକ୍ଷମ ଜମିର ପରିମାଣ (୪) |
|---|---|---|---|---|
| ବାଲେଶ୍ୱର-ଭଦ୍ରକ ଅଞ୍ଚଳର ତ୍ରିକୋଣଭୂମି | .. | ୫୦ ରୁ ୬୦ ଫୁଟ | ୧ ରୁ ୧.୨୫ କ୍ୟୁସେକ୍ | ୧୦୦ ଏକର |
| ଯାଜପୁର ଅଞ୍ଚଳର ବ୍ରାହ୍ମଣୀ-ବୈତରଣୀ ତ୍ରିକୋଣଭୂମି | .. | ୬୦ ଫୁଟ | ୦.୭୫ ରୁ ୧ କ୍ୟୁସେକ୍ | ୬୦ ରୁ ୧୦୦ ଏକର |
| ମହାନଦୀ ତ୍ରିକୋଣଭୂମି | .. | ୧୦୦ ଫୁଟ | ୧ କ୍ୟୁସେକ୍ | ୧୦୦ ଏକର |

୨ । ସଲିଳ ବାହିତ ଆଲୁଭିୟ ଅଞ୍ଚଳ—ମୁଖ୍ୟ ନଦୀ ଉପତ୍ୟକାମାନଙ୍କରେ ଶିଥିଳ ଆଲୁଭିୟ ପରିମାଣ ୩୦ ରୁ ୧୨୦ ମିଟର ବେଧ ବିଶିଷ୍ଟ । ଏଗୁଡ଼ିକ ମଧ୍ୟ ସ୍ୱଳ୍ପ ଗଭୀର ନଳକୂପ ବିକାଶ ନିମନ୍ତେ ଉପଯୁକ୍ତ । ବିଭିନ୍ନ ନଦୀ ଉପତ୍ୟକାର [illegible] ପରିମାଣ ଓ ଜଳ ଧାରଣ ଶକ୍ତି ନିମ୍ନରେ ପ୍ରଦତ୍ତ ହେଲା :—

| ଉପତ୍ୟକା<br>(୧) | | ଜଳଧାରୀସ୍ତର<br>(୨) | ପ୍ରସ୍ରବଣ ପରିମାଣ (ପ୍ରତି କୂପ)<br>(୩) | ସେଚନକ୍ଷମ [illegible]<br>(୪) |
|---|---|---|---|---|
| ମହାନଦୀ (କଟକ-ପୁରୀ) | .. | ୫୦ ଫୁଟଯାଏ | ୧ କ୍ୟୁସେକ | ୬୦ ଏକର |
| ବ୍ରାହ୍ମଣୀ (ଢେଙ୍କାନାଳ) | .. | ୨୦ ରୁ ୩୦ ଫୁଟ | ୧/୨ରୁ ୩/୪କ୍ୟୁସେକ୍ | ୩୦ ଏକର |
| ବୈତରଣୀ (ଆନନ୍ଦପୁର ଓ ହାଟସାହି) | .. | ୨୦ ରୁ ୩୦ ଫୁଟ | ୧/୨ରୁ୩/୪ କ୍ୟୁସେକ | ୩୦ ଏକର |
| ଋଷିକୁଲ୍ୟା (ଗଞ୍ଜାମ) | .. | ୨୫ ରୁ ୩୫ ଫୁଟ | ୩/୪ କ୍ୟୁସେକ୍ | ୩୦—୪୦ ଏକର |
| ବଂଶଧାରା (ଗଞ୍ଜାମ-କୋରାପୁଟ) | .. | ୨୫-୩୦ ଫୁଟ | ୧/୨ କ୍ୟୁସେକ୍ | ୩୦ ଏକର |

୩ । ଗଣ୍ଡୁଆନା ଯୁଗୀୟ ସ୍ତରୀଭୂତ ଶିଳାଞ୍ଚଳ—ନିମ୍ନ ଗଣ୍ଡୁଆନା ଯୁଗୀୟ ପ୍ରତିସ୍ତରୀୟ କର୍ଦ୍ଦମ ଶିଳା ଓ ବାଲୁକାଶିଳାମାନ ଢେଙ୍କାନାଳ, ସମ୍ବଲପୁର, ଫୁଲବାଣୀ ଓ ବଲାଙ୍ଗୀର ଜିଲ୍ଲାରେ ଦୃଷ୍ଟି-ଗୋଚର ହୁଏ । ଏହି ସ୍ତରୀଭୂତ ଶିଳା ପରିବେଷ୍ଟିତ ଅଞ୍ଚଳର ପରିମାଣ ୨ ହଜାର ୫ଶହ ବର୍ଗ କିଲୋମିଟର ବୋଲି ଅଟକଳ କରାଯାଇଛି । ଏହି ବାଲୁକାଶିଳାସ୍ତରରେ ପ୍ରଚୁର ପରିମାଣ ଭୂତଳ ଜଳ ସଞ୍ଚିତଥିବା ଜଣାଯାଏ । ଏହି ଅଞ୍ଚଳରେ [illegible] ପ୍ରବାହିତ ଉତ୍ସରମାନ ମଧ୍ୟ ପରିଲକ୍ଷିତ ହୁଏ ।

ନିମ୍ନ ଗଣ୍ଡୁଆନା ସ୍ତରୀଭୂତଶିଳା ଅପେକ୍ଷା ଉଚ୍ଚ ଗଣ୍ଡୁଆନା [illegible] ଭୂତ ଶିଳାମାନ ଅଳ୍ପ ଜଳଧାରଣ କ୍ଷମ । ଏହି ଶିଳାମାନ [illegible] ଆଠଗଡ଼, ଭୁବନେଶ୍ୱର, ଖୋର୍ଦ୍ଧା ଆଦି ଅଞ୍ଚଳରେ ଦୃଷ୍ଟିଗୋଚର [illegible]

କେତେକ ଅଞ୍ଚଳର ଭୂତଳ ଜଳଭଣ୍ଡାରର [illegible] ପ୍ରଦତ୍ତ ହେଲା :—

| ଅଞ୍ଚଳ<br>(୧) | | ଜଳଧାରୀସ୍ତର<br>(୨) | ପ୍ରସ୍ରବଣ ପରିମାଣ<br>(୩) | ସେଚନକ୍ଷମ [illegible]<br>(୪) |
|---|---|---|---|---|
| ଗୋପାଳ ପ୍ରସାଦ-କୁମୁଣ୍ଡା (ତାଳଚେର) | .. | ୧୦୦ ଫୁଟ | ୧/୨ କ୍ୟୁସେକ୍ | ୪୦ ଏକର |
| ସାଲେଇଟା | .. | ୧୧୦ ଫୁଟ | ୧/୨ କ୍ୟୁସେକ୍ | ୩୦-୪୦ [illegible] |
| ରାଣୀବିହାର (ଅପର୍ ଗଣ୍ଡୁଆନା) | .. | ୮୦ ଫୁଟ | ପ୍ରାୟ ଅଧ କ୍ୟୁସେକ୍ | |

୪ । କଡ଼ପା ଓ ବିନ୍ଧ୍ୟ ଯୁଗୀୟ ଶୀଳାଞ୍ଚଳ—ସମ୍ବଲପୁର, କୋରାପୁଟ ଜିଲ୍ଲାର ମହାନଦୀ, ଇନ୍ଦ୍ରାବତୀ, କୋଲାବ ଓ ତେଲନଦୀ ଉପତ୍ୟକା ଏହି ଅଞ୍ଚଳ ଅନ୍ତର୍ଭୁକ୍ତ । ପ୍ରାକୃତିକ ଗଠନ ଓ ପରବର୍ତ୍ତୀ ପରିବର୍ତ୍ତନ ପରିମାଣ ଭେଦରେ କେବଳ ଖୋଳାକୂପମାନ ଏହି ଅଞ୍ଚଳରେ ସମ୍ଭବ । ଏହି ଅଞ୍ଚଳର କୂଅ ପଥରରେ ଯଦି ଦ୍ରବଣଛିଦ୍ରମାନ ଖୋଜି ବାହାର କରାଯାଇପାରେ ନଳକୂପ ମଧ୍ୟ ବସାଇବା ସମ୍ଭବ । ଏଥିପାଇଁ ପୁଙ୍ଖାନୁପୁଙ୍ଖ ଭୂତାତ୍ତ୍ୱିକ ଅନୁସନ୍ଧାନ ଆବଶ୍ୟକ । ସମ୍ବଲପୁର ଅଞ୍ଚଳର ଅନୁରୂପ ଶିଳାରେ ଏକ ଖୋଳା କୂପରେ ଜଳର କେବେ କମ୍ ନ ଥିବା ଲକ୍ଷକରା ଯାଏ ।

୫ । ଆର୍କିଆନ୍ ଯୁଗୀୟ କଠିନ ଶିଳାଞ୍ଚଳ—ଆମ ରାଜ୍ୟର ଅଧିକାଂଶ ଅଞ୍ଚଳ ଏହି ଶିଳା ବିଶିଷ୍ଟ । ଏଥିରେ କୃଷି ଉପଯୋଗୀ କୂପ ଖୋଳିବା ଯଥେଷ୍ଟ କଷ୍ଟ । କାରଣ ଏହି ଅଞ୍ଚଳର ଆଗ୍ନେୟ ଓ ରୂପାନ୍ତରିତ ଶିଳାମାନ ଛିଦ୍ରହୀନ । କିନ୍ତୁ ପରବର୍ତ୍ତୀ ପରିବର୍ତ୍ତନ ଓ ଫାଟ ଫାଙ୍କା ଗର୍ତ୍ତ ଓ ଘୁଣ ଆଦି ସାଙ୍ଗଠନିକ ବିପର୍ଯ୍ୟସ୍ତ ଅଞ୍ଚଳ ଖୋଳାକୂପ ପାଇଁ ପ୍ରଶସ୍ତ । ଆନୁରୂପ ପରିସ୍ଥିତିରେ ଶତକଡ଼ା ୨୪ ଅଂଶ ଜଳ ପ୍ରସ୍ରବଣ ପରିଲକ୍ଷିତ ହୋଇଥାଏ ।

ରାଜ୍ୟର ଏହି ପ୍ରାକୃତିକ ପରିସରକୁ ଲକ୍ଷ୍ୟ ରଖି ପ୍ରତ୍ୟେକ ଚାଷୀ ନିଜନିଜର କୂପଟିଏ ଖୋଳିଲେ ରାଜ୍ୟ ଖାଦ୍ୟ ଶସ୍ୟ କ୍ଷେତ୍ରରେ କେବଳ ଯେ ସ୍ୱାବଲମ୍ବୀ ତା ନୁହେଁ ଅଧିକନ୍ତୁ ବାହାରକୁ ରପ୍ତାନି କରିବ, ଚାଷୀର ଦୈନନ୍ଦିନ ଜୀବନ ଚଳଣ ମାନ ବଢ଼ିବ । ଦେଶର ଖାଦ୍ୟ ସମସ୍ୟା ଦୂର ହେବ । ଦୋଫସଲି ତିଫସଲିହୋଇ କୃଷି କ୍ଷେତ୍ର ଚିରହରିତ ହେବ ।

ଏହି କୂପ ଖୋଳିବା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଚାଷୀଙ୍କପାଇଁ ନାନା ସୁବିଧା ସୃଷ୍ଟି କରିଛନ୍ତି ଯଥା—ସମସ୍ତ ପ୍ରକାର ବୈଷୟିକ ସାହାଯ୍ୟ, ମାଗଣାରେ ନିକଟତମ ବିଦ୍ୟୁତ ଖୁଣ୍ଟିରୁ ଚାଷ ଜମିକୁ ଲାଇନ୍ ନେବାରେ ୫୦୦ ଫୁଟ ଯାଏ ଖର୍ଚ୍ଚ ବହନ, ବିଭିନ୍ନ ବ୍ୟବସାୟିକ ବ୍ୟାଙ୍କରୁ ଋଣ ନେବା ପାଇଁ ସରକାରୀ ପରାମର୍ଶ ଇତ୍ୟାଦି । ତା'ଛଡ଼ା ଖୋଳ ମଜୁରି ଆଦି କେତେକ କ୍ଷେତ୍ରରେ ଶତକଡ଼ା ୨୫ ରୁ ୫୦ ଭାଗ ସବସିଡି ମିଳୁଛି । ଏସବୁ ସରକାରୀ ସାହାଯ୍ୟ ସୁଯୋଗ ନେଇ ଓଡ଼ିଶାର ଚାଷୀ କୂଅ ଖୋଳି ଜଳ ଓ ଫଳ ପାଇଁ ନିଶ୍ଚିନ୍ତ ହେବା ସମୟ ଆସିଛି ।

ଓଡ଼ିଶାର ବିଭିନ୍ନ ସ୍ଥାନର ଜଳ ଭୂତାତ୍ତ୍ୱିକ ବିଶେଷତ୍ୱ ଭେଦରେ ନିମ୍ନୋକ୍ତ ପ୍ରକାରରେ ବିଭିନ୍ନ କୂପମାନ ଚାଷୀମାନେ ସରକାରୀ, ବେସରକାରୀ ଓ ନିଜସ୍ୱ ସମ୍ବଳକୁ ନେଇ ଆପଣା ଆପଣା ଜମିରେ ଖୋଳିଲେ ଦେଶ ଚିର ସୁଜଳାସୁଫଳା ହୋଇ ଉଠିବ ଏଥିରେ ସନ୍ଦେହ ନାହିଁ । ନିମ୍ନରେ କେତେକ ଉଦାହରଣ ଦିଆଗଲା, ଯେଉଁଥିରୁ ସହଜରେ ଜଣା ପଡ଼ିବ କୂପ ଜଳସେଚନ କିପରି ଲାଭଜନକ ଯୋଜନା ଏବଂ ନିର୍ଭରଯୋଗ୍ୟ ଯୋଜନା । ଋଣ ନିଅନ୍ତୁ ବା ନ ନିଅନ୍ତୁ କୂଅଟି ଆପଣଙ୍କର ଏବଂ ତାହା ଆପଣଙ୍କ ଜମିରେ ରହିଲା । ବିଧିବଦ୍ଧ ବୈଷୟିକ ଉପଦେଶ ମାଗଣାରେ ଯୋଗାଇବାକୁ ସରକାର ସବୁବେଳେ ପ୍ରସ୍ତୁତ ।

କୂପ ଜଳସେଚନର ଅର୍ଥନୈତିକ ଦିଗ

| କୂପର ପ୍ରକାର ଭେଦ (୧) | ପ୍ରାରମ୍ଭିକ ଖର୍ଚ୍ଚ (୨) | ଶସ୍ୟ ଏକର ପିଛାଖର୍ଚ୍ଚ (୩) | ପ୍ରତିଆୟଖର୍ଚ୍ଚ ଏକର ପିଛା ଖର୍ଚ୍ଚ (୪) | ପ୍ରତି ଏକର ଋଣ ଖର୍ଚ୍ଚ (୫) | ମନ୍ତବ୍ୟ (୬) |
|---|---|---|---|---|---|
| ୧ । ୬ଫୁଟ ବ୍ୟାସ ଓ ୩୦ ଫୁଟ ଗଭୀର ଖୋଳା କୂଅ । | ଟ ୧,୬୫୦·୦୦ | ଟ ୧,୦୨୦·୦୦ | ଟ ୨,୮୮୦.୦୦ | ଟ ୨୫·୫୦ | |
| ୨ । ୮ଫୁଟ ବ୍ୟାସ ଓ ୩୦ ଫୁଟ ଗଭୀର । | ଟ ୨,୨୫୦·୦୦ | ଟ ୮୬୫·୦୦ | ଟ ୨,୦୪୫·୦୦ | ଟ ୨୪·୦୦ | ଟେଣ୍ଡାରେ ଜଳ ଉଠିବ । |
| ୩ । ୧୨ ଫୁଟ ବ୍ୟାସ ଓ ୩୦ ଫୁଟ ଗଭୀର । | ଟ ୩,୫୦୦·୦୦ | ଟ ୬୩୮·୦୦ | ଟ ୧,୬୫୦·୦୦ | ଟ ୨୩·୧୩ | ବିଦ୍ୟୁତ ଲଗାଇଲେ ଖର୍ଚ୍ଚ କମିଯିବ । |
| ୪ । ୭୦ ଫୁଟ ଗଭୀର ୪ ଇଞ୍ଚିଆ ନଳକୂପ । | ଟ ୬,୭୦୦·୦୦ | ଟ ୧୭୦·୦୦ | ଟ ୪୪୦·୦୦ | ଟ ୧·୯୨ | ଡ୍ରାଇଭର ଖର୍ଚ୍ଚ ମିଶି ନାହିଁ- କାରଣ ଚାଷୀ ନିଜେ ପମ୍ପ ଚଳାଇବବୋଲି ଧରାଯାଇଛି । |
| ୫ । ୧୦୦ ଫୁଟ ଗଭୀର ୬ ଇଞ୍ଚିଆ ନଳକୂପ । | ଟ ୮,୨୦୦·୦୦ | ଟ ୧୫୯·୦୦ | ଟ ୪୧୦·୦୦ | ଟ ୧·୫୯ | |
| ୬ । ୧୫୦ ଫୁଟ ଗଭୀର ୬ ଇଞ୍ଚିଆ ନଳକୂପ । | ଟ ୧୧,୮୫୦·୦୦ | ଟ ୧୫୨·୦୦ | ଟ ୩୯୫·୦୦ | ଟ ୧·୯୪ | |

( ଶ୍ରୀ ଶତପଥୀ ହେଉଛନ୍ତି ଓଡ଼ିଶା ସରକାରଙ୍କ ଖଣି ଉପ-ନିର୍ଦ୍ଦେଶକ ତଥା ରାଜ୍ୟ ଉଠା ଜଳସେଚନ ବିଭାଗର ଭୂଜଳତତ୍ତ୍ୱବିତ୍ )

ରାମ ଚରଣ ମିଶ୍ର

# ମଦର୍ ସଂଚୟିତା

ହଁ ହବ, ସୁରେନ୍ଦ୍ର ବାବୁ ଚୌକି ଉପରୁ ଡିଆଁ ମାରି ଉଠିପଡ଼ି ଟେବୁଲ ଉପରେ ବିଧାଟାଏ ମାରି ଚିତ୍କାର କରି କହିଲେ । ହାତକୁ ଛାଣି ହୋଉ କାଟିଲେବି ତାଙ୍କ ବ୍ୟକ୍ତିତ୍ୱରେ ବାଧା ପଡ଼ିବ ବୋଲି କିଛି ନ ହୋଇଥିଲା ପରି ହାତକୁ ପଛକୁ ନେଇ ପିଠିରେ ଘଷିବାକୁ ଲାଗିଲେ । ଆଖିରେ ତାଙ୍କର ବୀରତ୍ୱ ବ୍ୟଞ୍ଜକ ଭାବ । ଆଉ ଚିପା ଓଠରେ ଦୃଢ଼ତାର ଭାବ । ମନେ ହେଉ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତିନିହେଁ ଏକଜୋଟ ହେଲେବି ତାଙ୍କୁ ତାଙ୍କ ସିଦ୍ଧାନ୍ତରୁ ଟଳାଇ ପାରିବେ ନାହିଁ ।

ନା, ହବ ନାହିଁ, କହି ଟିକିଏ ମୁରୁକି ହସି ତାଙ୍କ ସ୍ତ୍ରୀ ବିନୀତା ସୁରେନ୍ଦ୍ରଙ୍କ ହାତ ଟାଣି ଆଣି ଆଉଁସି ଦେବାକୁ ଲାଗିଲେ ।

ସୁରେନ୍ଦ୍ର ହାତଟାକୁ ଟାଣି ନେଇ କହିଲେ, ଥାଉ ତୁମ ଦରଦ, ସେତିକି ଥାଉ । ଦେଖ ମୁଁ କହି ରଖୁଛି, ସୁରେନ୍ଦ୍ର ଯାହା କହେ ତାହା କରେ, କାହାରିକୁ ସେ ପରବାଏ କରେନା ।

ବିନୀତା ଏ କଥାର ଉତ୍ତର ନ ଦେଇ କହିଲେ, କେତେଥର ମୁଁ ତୁମକୁ କହିବି ତୁମ ଡାହାଣ ହାତରେ କିଛି ଶକ୍ତ କାମ କରିବ ନାହିଁ, ଭଙ୍ଗା ହାତ ସେଟା, ଭଲ୍ କଷ୍ଟରେ ମୁଁ ତାକୁ ଯୋଡ଼ି ନାହିଁ ........

ଆଲ୍‌ବତ୍ କରିବି । ସୁରେନ୍ଦ୍ର ଟେବୁଲ୍ ଉପରେ ପୁଣି ବିଧା ମାରି "ଇଲେ ବୋଉଲେ, ମରି ଗଲି ଲୋ" ବୋଲି ଧରିବସି ପଡ଼ି ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲେ ।

ବିନୀତା ଶୀଘ୍ର ଯାଇ ଗୋଟିଏ ବାକ୍‌ସରୁ ମଲମ ଆଣି କରିବାକୁ ଲାଗିଲେ । ସେ ବାକ୍‌ସରେ ଥାଏ ସୁରେନ୍ଦ୍ରବାବୁଙ୍କ ପାଇଁ ମଲମ, ବ୍ୟାଣ୍ଡେଜ୍ କନା, ପ୍ରତି ଛ' ମାସରେ ନିଆ ଏକ୍ସରେ ଫଟୋ, ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ସନ୍, ପରାମର୍ଶ ସବୁ ଖାବଦ ଖାବଦ ସଜଡ଼ା ହୋଇଥାଏ । ଏ ହେଉଛି ରୀତିନୀତି । କୌଣସି ଜିନିଷ ଅଦରକାରୀ ବୋଲି ସେ ଦିଅନ୍ତି ନାହିଁ । ସବୁ ଜିନିଷ ଖାବଦ ଖାବଦ ହୋଇ ଜାଗାରେ ଛଣା ହୋଇ ରହିଥାଏ । ଯାହାକୁ ବା ଅଦରକାରୀ ଯିବ ସେମିତି ସବୁ ଜିନିଷ ଯଥା ଭଙ୍ଗା କଲମ, ଭଙ୍ଗା ଟିଣ ବା ବୋତଲ ସେ ସବୁ ଥାଏ ଗୋଟିଏ ଆଳିମାଳିକା ବାକ୍‌ସରେ । ଏସବୁ ପାଇଁ ଗୋଟିଏ ସ୍ୱତନ୍ତ୍ର ନିର୍ଦ୍ଦିଷ୍ଟ ଅଛି ।

ସୁରେନ୍ଦ୍ରଙ୍କ ଗୁଳିରୀ ବଦଳି ଗୁଳିରୀ । ପୁଣି ତାଙ୍କ କପାଳକୁ ଏତେ ଘନଘନ ହୋଇଛି ଯେ ହାଣ୍ଡି କଳା ପଡ଼ିବା ପାଇଁ

ନାହିଁ । ପ୍ରତି ଦବଳି ସମୟରେ ବିନୀତାଙ୍କ ଏଇ " ସଞ୍ଚୟିତା " ଟଙ୍କା ପାଇଁ ସୁରେନ୍ଦ୍ର ଉତ୍କଣ୍ଠିତ ହୋଇ ଉଠନ୍ତି । ସାମାନ୍ୟ କୁହାଣିଏ ବି ବିନୀତା ଛାଡ଼ି ଯିବାକୁ ନାରାଜ । ସବୁଠୁ ବେଶୀ ହଇରାଣ କଲେ ତାଙ୍କୁ ସେଇ ବିରାଟ ଆଲିମାରିକା ପେଡ଼ିଟା । ଥରେ ତ ରାଗି ତାକୁ ସେ ସ୍କ୍ରୋଟି ଡ୍ରାଇଭର ଦ୍ୱାରା କୋଠା ଉପରକୁ ଉଠାଇ ଦୁମ୍ ଛାତ ତଳକୁ ପକାଇ ଦେଲେ । ଆଶାଥିଲା ବାକ୍‌ସଟା ଏଥର ଭାଙ୍ଗି ଚୂରମାର ହୋଇଯିବ, ଜଂଜାଳ ଯିବ । ବିନୀତା କିନ୍ତୁ ସେମିତି ମୁରୁକି ହସା ଦେଇ ଛିଡ଼ା ହୋଇଥାନ୍ତି । ବାକ୍‌ସଟା ତଳେ ପଡ଼ି ଏଣେ ତେଣେ କରି ହସି ସେମିତି ଗୁହିଁ ରହିଲା ତାଙ୍କୁ । ସୁରେନ୍ଦ୍ରଙ୍କ ମନେ ହେଲା ବାକ୍ସଟା କହୁଚି, ଏତେ ସହଜ ନୁହେଁ ମ ବାପ, ମୁଁ ତମ ମା'କଠୁଁ ଶକ୍ତି ପାଇଚି । ଅଗତ୍ୟା ସୁରେନ୍ଦ୍ର ସେଇ ସ୍କ୍ରୋଟି ଡ୍ରାଇଭରକୁ ଆଦେଶ ଦେଲେ ବାକ୍‌ସକୁ ତ୍ରକ୍ ଉପରକୁ ଉଠାଇବାକୁ ।

ପ୍ରତି କଥାରେ ସୁରେନ୍ଦ୍ରଙ୍କ 'ହଁ ହବ' କୁ ବିନୀତାଙ୍କ 'ନା ହବ ନାହିଁ' । ଏ ଯୁଦ୍ଧ ଦିନକୁ କୋଡ଼ିଏ ପଚିଶ ଥର ହୁଏ । ଉପରେ ଯେଉଁ " ହଁ ହବ—ନା ହବ ନାହିଁ " ଯୁଦ୍ଧ କଥା କୁହା ହେଲା ତାହାର ସମୟ ହେଉ– ସୁରେନ୍ଦ୍ରଙ୍କ ବାହା ହେବାର ବର୍ଷକ ପରେ । ସ୍ଥାନ—କଟକସ୍ଥ ସୁରେନ୍ଦ୍ରଙ୍କ ସରକାରୀ ଘରେ । ସୁରେନ୍ଦ୍ର ସେତେବେଳକୁ ନୂଆ ହରି ସ୍କଳିଗୀ କରିଥାଆନ୍ତି । ପଦବୀ ବଡ଼, ହେଲେ ଦରମା କମ୍ । ତାଙ୍କର ପ୍ରସ୍ତାବ ଥିଲା ତାଙ୍କ ପଦବୀକୁ ଗୁହିଁ ଗୋଟାଏ ନୂଆ ସୋଫା ସେଟ୍ କିଣି ଡ୍ରଇଂରୁମ୍ ଆଦି ଭଲ କରି ସଜାଇବା । ତାଙ୍କ ଏଷ୍ଟିମେଟ୍ ଥିଏ ତିନି ହଜାର ଟଙ୍କା । ଏ ଟଙ୍କା 'ଯେବେ ଇଚ୍ଛା ସେବେ ଦେୟ' ସର୍ତ୍ତରେ ଶ୍ୱଶୁରଙ୍କଠାରୁ ଧାର ଆଣିବାକୁ ମଧ୍ୟ ସେ କଥା ହିଶାର ଥାନ୍ତି । ତାଙ୍କ ଶ୍ୱଶୁର ମହା ଧନୀ । ତିନିହଜାର ଟଙ୍କା ତାଙ୍କ ହାତର ମଳି । କିନ୍ତୁ ଶ୍ୱଶୁରଙ୍କ କନ୍ୟା ଏହାର ହେଲେ ଘୋର ବିରୋଧୀ । କୌଣସି ମତେ ସେ ଧାର କରିବେ ନାହିଁ । ନିଜ ବାପାଙ୍କ ପାଖରୁ ତ ଆଦୌ ନୁହେଁ, କାହାରି ପାଖରୁ ବି ନୁହେଁ । 'ଘରେ ନାହିଁ ତ ନାହିଁ, ଏଥିରେ ଲଜ୍ଜା କରିବାର କ'ଣ ଅଛି । ମାନ ସମ୍ମାନ ତ ସୁନା ଗହଣା, କାଠ ଚୌକି, ଦାମିକା ପୋଷାକରେ ନାହିଁ । ଅଛି ଗୁଣରେ । ଏ ହେଲା ତାଙ୍କ ନୀତି । ତେଣୁ ସେ କହିଲେ, ବର୍ତ୍ତମାନ ନୁହେଁ, ନିଜ ରୋଜଗାରରେ ଯେତେବେଳେ ସେ ସବୁ କରିବା ଦେଇ ଆସିବ ସେତେବେଳେ ଦେଖାଯିବ । ବହୁତ ରଗାରଗି ଓ ଅଳି କରିବାରୁ ବିନୀତା ତିରିଶଟି ଟଙ୍କା ମଂଜୁର କଲେ । ସୁରେନ୍ଦ୍ର ମହାକ୍ରୋଧରେ ହସି ପକେଇଲେ ଏହା ଶୁଣି । ରାଗରେ ବଜାରକୁ ଯାଇ ଦୁଇଖଣ୍ଡି ହେଁସ କିଣି ଆଣି ତଥା କଥିତ ଡ୍ରଇଂ ରୁମ୍‌ରେ ସଯତ୍ନେ ପକାଇ ଦେଇ ବିନୀତାଙ୍କୁ ଡାକି ଆଣି ଦେଖାଇ ହସି ( ରାଗରେ କିନ୍ତୁ ତାଙ୍କ ଆଖିରୁ ପାଣି ଝରି ପଡୁଥାଏ ) କହିଲେ, ବାଃ ମୁଁ ତୁମ କଥା ବୁଝିଗଲି ବିନୀତା । ପରେ ନିଜର ସମର୍ଥ ହେଲେ ଦେଖିବା, ନା କପଣ ? ବର୍ତ୍ତମାନ ଏଇ ସ୍ଥଳ, ନା କପଣ ?

ବିନୀତା ସେମିତି ମୁରୁକି ହସା ଦେଇ କହିଲେ, ବାଃ ସୁନ୍ଦର ଯାଉଛିଥା ! ମୁଁ ଏହାକୁ ଭଲ ସାଲୁ କନାରେ ମୋଡ଼ି ଦେବି, ଝାଲର ଲଗାଇ ଦେବି । ଥାଉ ଦି ଦିନ ଘରଟା ହୋଇ ଚଉଁଥି ଥୋଇ ଦେବି । ଦେଖିବ କେଡ଼େ ସୁନ୍ଦର ଦିଶିବ ।

ସତକୁ ସତ ସେ ନିଜେ ପରିଶ୍ରମ କରି ଖାଏ ମୋଟ ତେଇଶି ଟଙ୍କା, ଡେଢ଼ଶୋହି ପଇସାରେ ଏମିତି ସୁନ୍ଦର ସଜାଇ ଦେଲେ ଯେ ସୁରେନ୍ଦ୍ରଙ୍କ ବନ୍ଧୁମାନେ ଦେଖି ଭାରି ପସନ୍ଦ କଲେ । ହେଲେ ସୁରେନ୍ଦ୍ରଙ୍କ ରାଗ ନଇଁଲା ନାହିଁ । ତାଙ୍କ ଅପମାନ ବୋଧ ଦୂର ହେଲା ନାହିଁ । ବନ୍ଧୁ- ମାନଙ୍କ ଘରେ ଦାମିକା ଦାମିକା ଜିନିଷ ସବୁ ଦେଖିଲେ ତାଙ୍କ ମନ ଜଳିଯାଏ ।

ବିନୀତା କିନ୍ତୁ ଧନୀ କନ୍ୟା ଓ ଉଚ୍ଚଶିକ୍ଷିତା ହେଲେହେଁ କଦାପି ସ୍ୱାମୀଙ୍କ ଆୟ ବାହାରେ ଚଳି ନାହାନ୍ତି । ଘରର ସବୁ କାମ ସେ ନିଜେ କରିବାକୁ କଦାପି ଲଜ୍ଜା କରନ୍ତି ନାହିଁ, ବରଂ ଗର୍ବ ଅନୁଭବ କରନ୍ତି । ତାଙ୍କ ମତରେ ଏହାହିଁ ଖାଣ୍ଟି ବୁନିଆଦି ଘରର ଚଳଣି । ବଡ଼ଲୋକି ଦେଖେଇ ହେବାପାଇଁ ଯେଉଁ ଖରଚ କରାଯାଏ ତାକୁ ସେ କହନ୍ତି ଛୋଟଲୋକି । କିନ୍ତୁ ତା ବୋଲି କେବେ ସେ ଭଲ ସଫା ପିନ୍ଧିବା ବା ଭଲ ପୁଷ୍ଟିକର ଖାଇବାରେ ଊଣା କରି ନାହାନ୍ତି । ସ୍ୱାମୀ ଓ ପିଲାଏ ସଦାବେଳେ ସଫା ପିନ୍ଧିବେ ଓ ପୁଷ୍ଟିକର ଖାଦ୍ୟ ଖାଇବେ । ସେଥିପ୍ରତି ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଏବଂ ଅଧିକ ତୀକ୍ଷ୍ଣ ଦୃଷ୍ଟି ପିଲାଙ୍କ ଆଚରଣ ପ୍ରତି । ପିଲାଏ ଯେପରି କେବେ ହେଲେ ଗର୍ବ ଅନୁଭବ ନ କରନ୍ତି ଯେ ସେମାନେ ଜଣେ ବଡ଼ ଅଫିସରଙ୍କ ପିଲା ବା ତାଙ୍କ ମା ଜଣେ ମହାଧନୀ କନ୍ୟା । ଏଣେ ପୁଣି ପିଲାଏ ନିଜ ବାସନ ନିଜେ ମାଜିବେ ଓ ନିଜ ଲୁଗା ନିଜେ କାଚି ଇସ୍ତ୍ରି କରିବେ । ଅବଶ୍ୟ ସ୍ୱାମୀଙ୍କୁ ସେ ସବୁ କରିବାକୁ ସେ କଦାପି ଦେଇ ନାହାନ୍ତି ।

ଖାଲି ଅଯଥା ଖରଚ କାଟିବା ନୁହେଁ, ବୁଦ୍ଧିରୁ ଅଧିକ ସନ୍ତାନ ହେବାକୁ ସେ ଦେଇ ନାହାନ୍ତି । ସୁରେନ୍ଦ୍ର ଅନେକ ଥର କହିଛନ୍ତି ଆଉ ଗୋଟିଏ ପୁଅ ହେଲେ ଭଲ ହୁଅନ୍ତା । କିନ୍ତୁ ସେଥିରେ ବି ସୁରେନ୍ଦ୍ରଙ୍କ 'ହଁ ହବ' କୁ ବିନୀତାଙ୍କ 'ନା ହବ ନାହିଁ' ସହିତ ସେଇ

ମୁରୁକି ହସା, ଯା ପାଖରେ ସୁରେନ୍ଦ୍ରଙ୍କ ହଜାରେ ବାହେଇ କସ୍ତି ହବା । ଏଥା କରି ବିନୀତା କହନ୍ତି, ସଞ୍ଚୟ କର, ସର୍ବଦା ହାର ମାନି ଆସିଛି । ଏଥା କରି ବିନୀତା କହନ୍ତି, ସଞ୍ଚୟ କର, ଶକ୍ତି ପାଇବ । ସରକାର 'ସେ ଛୋଟ ପରିବାର, ସୁଖୀ ପରିବାର' କହୁଛନ୍ତି ଓ ନାନା ସଞ୍ଚୟ ଯୋଜନା କରିଛନ୍ତି ସେ ସବୁ ଖାଲି ଅର୍ଥନୈତିକ ଯୋଜନା ନୁହେଁ ମ, ଆଧ୍ୟାତ୍ମିକ ଯୋଜନା ବି । ଭାବି ଦେଖ ।

କିନ୍ତୁ ବିନୀତାଙ୍କ ଏ ସବୁ ସତ୍ତ୍ୱେ ସୁରେନ୍ଦ୍ରଙ୍କ ମନ ମାନେ ନାହିଁ । ତାଙ୍କ ଇଚ୍ଛା ଦୁଇଟା ବଡ଼ ମଟର କିଣା ହେବ, ଗୋଟାକରେ ସେ ଓ ଅନ୍ୟରେ ବିନୀତା ଦାମି ପୋଷାକ ପିନ୍ଧି ସାଏଁ ସାଏଁ ଚଳେଇ ଯାଉଥିବେ, ଘରେ ଅନ୍ତତଃ ସ୍ୱରିତା ରେଡ଼ିଓ ଥିବ, ନିଜର ସ୍ୱରିତା ଓ ସ୍ତ୍ରୀଙ୍କ ସ୍ୱରିତା ବଡ଼ ବଡ଼ ଆଲମାରିରେ ପୋଷାକ ବୋଝେଇ ଥିବ, ଯେମିତି ଦିନକୁ ଅନ୍ତତଃ ସ୍ୱରିଥର ସେ ପୋଷାକ ବଦଳାଇ ପାରନ୍ତି । ପିଲାଙ୍କ ପାଇଁ ବି ସେମିତି ଇତ୍ୟାଦି ଇତ୍ୟାଦି । କିନ୍ତୁ 'ନା ହବ ନାହିଁ' ଓ ମୁରୁକି ହସା ସବୁ ବନ୍ଦ କରିଦିଏ । ଯୁଦ୍ଧ ସେମିତି ଚାଲିଥାଏ ।

କିନ୍ତୁ ପଚିଶ ବର୍ଷ ପରେ ଦିନେ ହଠାତ୍ ଏ ଯୁଦ୍ଧ ଓଲଟି ଗଲା । ସୁରେନ୍ଦ୍ର କହିଲେ 'ନା ହବ ନାହିଁ' ବିନୀତା କହିଲେ 'ହଁ ହବ' ନିଶ୍ଚୟ ହବ । ସୁରେନ୍ଦ୍ର ଆଚମ୍ବିତ ହୋଇ ଛିଡ଼ା ହୋଇଗଲେ । ସେ ଭାବିଥିଲେ ତାଙ୍କ 'ନା ହବ ନାହିଁ' ଶୁଣି ବିନୀତା ଖୁସି ହେବେ । କିନ୍ତୁ ବିନୀତା କଣଣ ଏତେ ଦିନ ପରେ ତାଙ୍କ ନୀତି ବଦଳାଇ ଦେଲେ ! ରାଗରେ ସୁରେନ୍ଦ୍ରଙ୍କ ମୁହଁ ରଙ୍ଗା ପଡ଼ିଗଲା । ସେ ଧୀରେ କହିଲେ, ହଁ ହବ ଯେ ବହୁତ ଭାବି ଦେଖିଛ କେତେ ଖରଚ । ଆଜି-କାଲି ଘରଟିଏ କରିବାକୁ ଅତି ସାଧାରଣ ଘର, କେତେ ଖରଚ ଜାଣ ? ପ-ଚି-ଶ ହ-ଜା-ର ! ତା ଉପରେ ମୋ ସ୍ୱାସ୍ଥ୍ୟ ଅବସ୍ଥା ଏମିତି ଯେ ଅନ୍ତତଃ ଦୁଇମାସ ଛୁଟି ନେଇ କୌଣସି ପାହାଡ଼ିଆ ଜାଗାକୁ ଯିବାକୁହିଁ ହେବ ବୋଲି ଡାକ୍ତର କହୁଛନ୍ତି । ସେଥିରେ ଅନ୍ତତଃ ପାଞ୍ଚ ହଜାର । ଝିଅର ବାହାଘର ଆଉ ବର୍ଷକ ଭିତରେ, ସେଥିରେ ଅନ୍ତତଃ ସ୍ୱରିଶି । କେଉଁଠୁ ଏ ସବୁ ଆସିବ ? ତୁମ ବାପ ଘରୁ ?

ବିନୀତା ସେମିତି ମୁରୁକି ହସି କହିଲେ, ଆଦୌ ନୁହେଁ । ସବୁ ହବ ତୁମ ଓ ମୋ ପଇସାରୁ ......

ତୁମ ପଇସା ମାନେ......!

ହଁ, ତୁମେ ଜାଣିନା, ତୁମକୁ ଲୁଚେଇଛି ବୋଲି କ୍ଷମା କରିବ । ଆଉ କୌଣସି ଉଦ୍ଦେଶ୍ୟରେ ନୁହେଁ ଜାଣିଲେ ତୁମେ ଖରଚ କରେଇ ଦବ ବୋଲି ।

ସୁରେନ୍ଦ୍ର ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ତୁମେ ପୁଣି କେବେ କେମିତି ରୋଜଗାର କଲ ?

—ସରକାରଙ୍କ ସ୍ୱଳ୍ପ ସଞ୍ଚୟ ଯୋଜନାରୁ । ସେଥିରେ ଏଜେଣ୍ଟ । ଆଜି ପର୍ଯ୍ୟନ୍ତ ଅନ୍ତତଃ ଦେଢ଼ ହଜାର ପରିବାରକୁ ସ୍ୱଳ୍ପ ସଞ୍ଚୟ କରାଇଛି । ଏଥିରେ ମୁଁ ଯେ ଖାଲି ରୋଜଗାର କରିଛି ତା ନୁହେଁ ସେମାନେ ବି ଉପକାର ଯଥେଷ୍ଟ ପାଇଛନ୍ତି । ଆଉ ନିଜେ ବି ସଞ୍ଚୟ କରିଛି ଯଥେଷ୍ଟ । ତେବେ ତୁମେ ଯାହା ଭାବୁଛ ତାଲିକା ଦେଇ ତାହା ହବ ନାହିଁ । ଘର ପାଇଁ କୋଡ଼ିଏ, ତୁମ ସ୍ୱାସ୍ଥ୍ୟ ପାଇଁ ପାଞ୍ଚ ଓ ଝିଅ ବାହାଘର ପାଇଁ ପନ୍ଦର । ମୁଁ ଘର ପାଇଁ ଯୋଗାଡ଼ କରିଛି, ସେମାନେ କିଛି ଚାହାନ୍ତି ନାହିଁ । ତୁମ ପ୍ରୋଭିଡେଣ୍ଟ ଫଣ୍ଡରୁ ମାତ୍ର ପାଞ୍ଚଟି ହଜାର ଦବାକୁ ହେବ ।

ହେଇ ଦେଖ ସଞ୍ଚୟ ବହି । ସ୍ୱକିପୀ ବିଷୟରେ ତପଶୀ ମୁଁ ସରକାରଙ୍କୁ ସବୁ ଜଣେଇଛି ।

ବିନୀତା ଟ୍ରଙ୍କରୁ ସଞ୍ଚୟ ଖାତା ଆଣି ସବୁ ଦେଖାଇ ଦେଲେ । ସୁରେନ୍ଦ୍ର ଆଶ୍ଚର୍ଯ୍ୟ ହୋଇ ଖାତା ସବୁ କିଛିକ୍ଷଣ ଓଲଟ ପାଲଟ କରି ଦେଖି ବିନୀତାକୁ ଆବାକାବା ହୋଇ ସ୍ଥିର ରହିଲେ । ତାଙ୍କୁ ମନେ ହେଲା ବିନୀତା ଯେପରି ତାଙ୍କ ସ୍ତ୍ରୀ ନୁହନ୍ତି, ସାକ୍ଷାତ୍ ମା ଲକ୍ଷ୍ମୀ । ପୁଅ ନରେନ୍ଦ୍ର ଏ ସବୁ ଦେଖୁଥିଲା । ସେ ଦୌଡ଼ି ଆସି ମା'କୁ କୁଣ୍ଢାଇ ଟେକି ନାଚିଯାଇ କହିଲା, ଥ୍ରି ଚିୟର୍ସ୍ ଫର ମଦର ସଞ୍ଚୟିତା——ହିପ୍ ହିପ୍ ହୁର୍ରେ....

ସୁରେନ୍ଦ୍ର ସେମିତି ହାଁ କରି ଛିଡ଼ା ହୋଇଥାନ୍ତି । ଆନନ୍ଦ, ଅପୂର୍ବ ସାହସ ଓ ବିନୀତାଙ୍କ ପ୍ରତି ଶ୍ରଦ୍ଧା ଓ ଅପୂର୍ବ ପ୍ରେମରେ ତାଙ୍କ ଆଖିରୁ ପାଣି ଝରି ପଡୁଥାଏ ।

ବିନୀତା କହିଲେ, ଆରେ ତୁମେ କାନ୍ଦୁଛ କାହିଁକି ? କଣ ହେଲା ?

ସୁରେନ୍ଦ୍ର ଆଖି ପୋଛି କହିଲେ, ତୁମେ ଏତେ ଗୁଡ଼ାଏ ଟଙ୍କା ଗଚ୍ଛି ପାରିଚ ବୋଲି ଖାଲି ମୁଁ କାନ୍ଦୁ ନାହିଁ । କାନ୍ଦୁଚି, ଏକ ନୂତନ ଆଧ୍ୟାତ୍ମିକ ଚେତନା ତୁମେ ତାହା ସହିତ ମୋତେ ଦେଇଚ ବୋଲି ।

ସୁରେନ୍ଦ୍ର ହଠାତ୍ ଝାଡୁ ଆଣି ଘର ଓଳାଇବାକୁ ଲାଗିଲେ ।

ବିନୀତା ଦୌଡ଼ିଯାଇ ତାଙ୍କ ହାତରୁ ଝାଡୁ କାଢ଼ି ଆଣିବାକୁ ଚେଷ୍ଟା କଲେ । ସୁରେନ୍ଦ୍ର କହିଲେ, ନା, ନା, ଏଥିରେ ତୁମେ ଆଉ ବାଧା ଦିଅ ନାହିଁ । ଏଟା ନିଶ୍ଚୟ ଆଜିଠୁଁ ହବ । ତୁମେ ଆଉ 'ନା ହବ ନାହିଁ କୁହ ନା' ମୋ ରାଣ ।

ବିନୀତା ଆଉ ବାଧା ନ ଦେଇ ଛିଡ଼ା ହୋଇ ରହିଲେ । ଏଥର ତାଙ୍କର ଆଉ ମୁରୁକି ହସ ନାହିଁ । ଆଖିରୁ ପାଣି ଝରୁଛି ।

ସୋମନାଥ ମିଶ୍ର

# ସାମ୍ପ୍ରତିକ ପରିସ୍ଥିତିରେ ସଞ୍ଚୟର ଆବଶ୍ୟକତା

ପ୍ରାୟ ବର୍ଷେ ହେଲା ଆମ ଦେଶରେ ଏକ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି । ପାକିସ୍ତାନର ସାମରିକ ଶାସକମାନଙ୍କ ଉତ୍ପୀଡ଼ନରେ ବାଂଲାଦେଶ ଛାରଖାର ହୋଇଗଲା ଏବଂ ଆମଦେଶକୁ ମାସ ମାସ ଧରି ପ୍ରାୟ ୧ କୋଟି ଶରଣାର୍ଥୀଙ୍କ ଦାୟିତ୍ୱ ଗ୍ରହଣ କରିବାକୁ ପଡ଼ିଥିଲା । ବାଂଲାଦେଶର ଆଭ୍ୟନ୍ତରୀଣ ପରିସ୍ଥିତି ଏପରି ଭୟଙ୍କର ହେଲା ଯେ ଆମ ସୀମାନ୍ତର ନିରାପତ୍ତା ଦୃଷ୍ଟିରୁ ଏବଂ ଦେଶର ଶାନ୍ତି ଶୃଂଖଳା ଦୃଷ୍ଟିରୁ ଶେଷରେ ଆମ ଦେଶକୁ ପ୍ରତ୍ୟକ୍ଷ ଭାବରେ ନିଃସହାୟ ବାଂଲାଦେଶୀୟ ଲୋକଙ୍କୁ ସାହାଯ୍ୟ କରିବାକୁ ପଡ଼ିଲା ଏବଂ ସେଥିରେ କ୍ଷୁବ୍ଧ ହୋଇ ପାକିସ୍ତାନ ଆମ ଦେଶ ଉପରେ ଆକ୍ରମଣ କରିବାରୁ ଆମକୁ ତାର ପ୍ରତିରୋଧ କରିବାକୁ ପଡ଼ିଲା । ଯାହାହେଉ, ଶେଷରେ ଆମର ଜଳ, ସ୍ଥଳ ଓ ଆକାଶ ବାହିନୀଙ୍କ ଦକ୍ଷତା, ଶ୍ରୀମତୀ ଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱ ତଥା ଦେଶବାସୀଙ୍କ ଐକ୍ୟ ଯୋଗୁଁ ଆମେ ବିଜୟ ହାସଲ କଲେ ଏବଂ ବାଂଲାଦେଶ ଏକ ସ୍ୱାଧୀନ ଗଣତନ୍ତ୍ର ସମାଜବାଦୀ ରାଷ୍ଟ୍ରରୂପେ ପୃଥିବୀର ମାନଚିତ୍ରରେ ସ୍ଥାନ ଲାଭ କଲା । ଏହା ଆମ ଦେଶ ପକ୍ଷରେ କମ୍ ପ୍ରଶଂସା ଓ ଗୌରବର କଥା ନୁହେଁ ।

ଏ ଗୌରବ ଅର୍ଜନ କରିବାକୁ ଆମ ଦେଶକୁ ବହୁ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଥିଲା ଏବଂ ଅଜସ୍ର ଅର୍ଥବ୍ୟୟ ଯୋଗୁଁ ଆମର ଉନ୍ନୟନ ଯୋଜନା ଭୟଙ୍କର ଭାବରେ ବ୍ୟାହତ ହେଲା । କୋଟିଏ ଶରଣାର୍ଥୀଙ୍କର ମାସ ମାସ ଧରି ଭରଣ ପୋଷଣ ଏବଂ ଶେଷରେ ଦୁଇ ସପ୍ତାହ ବ୍ୟାପୀ ପ୍ରବଳ ଯୁଦ୍ଧରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହୋଇଛି ଓ ତା ସଙ୍ଗେ ସଙ୍ଗେ ଆମ ଉନ୍ନୟନ ଯୋଜନା ଗୁଡ଼ିକୁ ସାହାଯ୍ୟ କରୁଥିବା ଆମେରିକା ସହିତ ଅସଦ୍‌ଭାବ ବଢ଼ିଛି । ଜାତୀୟ ସ୍ୱାର୍ଥ ଓ ମର୍ଯ୍ୟାଦା ଦୃଷ୍ଟିରୁ ଆମକୁ ଆମେରିକାର ବାଂଲାଦେଶ ବିରୋଧୀ ନୀତିର ଦୃଢ଼ ପ୍ରତିବାଦ କରିବାକୁ ପଡ଼ିଥିଲା । ତାହା ବ୍ୟତୀତ ଆମେରିକା ତଥା ଚୀନର ବୈର ଭାବ ଯୋଗୁଁ ଆମକୁ ଦେଶର ପ୍ରତିରକ୍ଷା ପାଇଁ ଆହୁରି ବେଶୀ ଖର୍ଚ୍ଚ କରିବାକୁ ପଡ଼ିବ । ବାଂଲାଦେଶର ପଡ଼ୋଶୀ ହିସାବରେ ମଧ୍ୟ ସେ ଦେଶର ବିଧ୍ୱସ୍ତ ଅର୍ଥ ନୀତିକୁ ଗୋଟିଏ ବାଟକୁ ଆଣିବାକୁ ଆମକୁ ଯଥା ଶକ୍ତି ସାହାଯ୍ୟ ଦେବାକୁ ପଡ଼ିବ । ଏଭଳି ପରିସ୍ଥିତିରେ ପ୍ରତ୍ୟେକ ଦେଶବାସୀ ହୃଦୟଙ୍ଗମ କରିବା ଉଚିତ ଯେ ଆମ ଦେଶର ପ୍ରତିରକ୍ଷା ତଥା ଅର୍ଥନୈତିକ ଉନ୍ନୟନ ପାଇଁ ଏଣିକି ଆମକୁ ବେଶୀ ଆତ୍ମନିର୍ଭରଶୀଳ ହେବାକୁ ହେବ । ତା ନହେଲେ ଆମର ପ୍ରଗତିରେ ବାଧା ଉପୁଜିବ । ଏହା ଗୋଟିଏ ସାଧାରଣ ନିୟମ ଯେ ଉନ୍ନତିଦିଗକୁ ଅର୍ଥନୀତିରେ ଦେଶବାସୀ କଠୋର ଜୀବନ ଯାପନ କରି ସମସ୍ତ ସହ୍ୟ କରିବା ଉଚିତ । ତା ନ ହେଲେ ଉତ୍ପାଦନ ବଢ଼ାଇ ଦେଶ ସ୍ୱାବଲମ୍ବୀ ହୋଇ ପାରିବ ନାହିଁ । ବର୍ତ୍ତମାନର ଆନ୍ତର୍ଜାତିକ ପରିସ୍ଥିତି ଆମର ସ୍ୱଚ୍ଛଳତାକୁ ଆହୁରି ଦୁର୍ବଳ କରି ପକାଉଛି । ଏଭଳି ଏକ ସମୟରେ ସମସ୍ତ ପ୍ରକାରର ବିଳାସ, ବ୍ୟସନ, ଆଡ଼ମ୍ବର ଓ ସୌଖୀନ ତ୍ୟାଗ କରି ଆମର ସମଗ୍ର ଦେଶ ପାଇଁ ବିନିଯୋଗ କରିବାକୁ ହେବ । ଏ ବିଷୟରେ ଆମର ନେତୃବୃନ୍ଦ, ଶିଳ୍ପପତି, ପୁଞ୍ଜିପତି, ବ୍ୟବସାୟୀ ତଥା ଶିକ୍ଷିତ, ମଧ୍ୟବିତ୍ତ ସଂପ୍ରଦାୟ ଆଦର୍ଶ ଦେଖାଇବା ଦରକାର । ତା ନହେଲେ ଦେଶର ପଡ଼ି ସଙ୍ଗି ହେଲେ ସେମାନେ ତାଙ୍କର କର୍ତ୍ତବ୍ୟରେ ତ୍ରୁଟି କଲେ ବୋଲି ଧରିନେବାକୁ ହେବ ।

(ଲେଖକ ଶ୍ରୀ ମିଶ୍ର ହେଉଛନ୍ତି, ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ସଦସ୍ୟ)

ରମେଶ ଧଳ

# ସର୍ବେ ଭବନ୍ତୁ ସୁଖୀନଃ

ପୁଅ ଉପର ଶ୍ରେଣୀକୁ ପ୍ରମୋଶନ ପାଇଛି । ତାର ନାମ ଲେଖା ହେବ ଓ ନୂଆ ବହି କିଣାହେବ । ବଡ଼ ଝିଅ ପାଇଁ ଶାଢ଼ୀ ଦରକାର । ସ୍ତ୍ରୀଙ୍କ କଥା ହିସାବକୁ ନ ନେବା ଭଲ । ସେ'ତ ତାଙ୍କୁ ସବୁବେଳେ ଅବହେଳା କରି ଆସିଛନ୍ତି । ମାତ୍ର ଉପାୟ ଆଉ କ'ଣ ଥିଲା ? ବଳିଲେ ସିନା ସ୍ତ୍ରୀଙ୍କ ହାତକୁ ବଢ଼ାଇ ଦିଅନ୍ତେ । ମାତ୍ର ଦରମା ପାଇ ବାକି ପରିଶୋଧ କରୁ କରୁତ ସେଇଠାରେ ଶେଷ । ପାଞ୍ଚଶହ ଟଙ୍କା ଦରମାରୁ ସେଇ ମାସରେ ଶହେଟା ଟଙ୍କା ଘର ପର୍ଯ୍ୟନ୍ତ ଆସିଲେ ହେଉ ଆସିଲ ବୋଲି ବୁଝିବାକୁ ହେବ । ଦୁଇଟା ପିଲା କଲେଜ ଯିବେ, ସେମାନଙ୍କ ଖର୍ଚ୍ଚ । ତା' ବ୍ୟତୀତ ଗାଁରେ ଘର ଅଛି, ସେ ଘର ତ ବୁଝିବ । ବାପା'ତ ଅଶିବୁଢ଼ା ଖର୍ଚ୍ଚକରି ଧାର ଉଧାର କରି ଯାଇଛନ୍ତି । ସେ ସବୁତ ତାଙ୍କୁ ନିଶ୍ଚୟ ପରିଶୋଧ କରିବାକୁ ହେବ । ତେଣୁ ଗସ୍ତରେ ନ ଯିବା ପ୍ରଶ୍ନ ଉଠୁଛି କେଉଁଠି ? ବର୍ଷରେ ଦୁଇମାସ ସେ ଗସ୍ତକୁ ଯାଆନ୍ତି । ତିର୍ଥ ଦେଖା, କଦଳୀ କିଣା, ଦୁଇଟା ଏକ ସମୟରେ ହୋଇଯାଏ । ଗସ୍ତରେ ଗଲେ କାମକୁ କାମ ହୁଏ, ଅଧିକା କିଛି ପଇସା ବି ମିଳେ । ବନ୍ଧୁ ଯିଏ ଯେଉଁଠାରେ ଥାଆନ୍ତି, ସେମାନଙ୍କ ସହ ସାକ୍ଷାତ ହୋଇଯାଏ । ତେଣୁ ସେ ଗସ୍ତରେ ଯିବାପାଇଁ ସ୍ଥିର କରି ଉଚ୍ଚ ଅଫିସରଙ୍କୁ ଜଣାଇ ଦେଲେ ।

ଗସ୍ତରେ ଗଲେ ଅଧିକ ଟଙ୍କା ମିଳିବ ସତ ମାତ୍ର ଯିବାପାଇଁ ତ ପ୍ରଥମେ କିଛି ଅର୍ଥ ପ୍ରୟୋଜନ । ବୁଣିଲେ ସିନା ଅଧିକ କରି କାଟିବ । ସବୁ କ୍ଷେତ୍ରରେ ତ ଏଇ ନିୟମ ଏଠାରେ ବାଦ ପଡ଼ିବା କିପରି ? ତାପସ ବାବୁ କେତେଥର ମ[illegible] କଲେଣି କିଛି ଟଙ୍କା ସଞ୍ଚୟ କରି ରଖିବାକୁ, ଅସୁବିଧାକୁ, ଦୁର୍ଦ୍ଦିନ[illegible] ମାତ୍ର ହୋଇ ପାରୁନାହିଁ । ହଁ, ହୁଅନ୍ତା ନାହିଁ କାହିଁକି ? ସବୁ ଅସୁବିଧା ସତ୍ତ୍ୱେବି ଅତି ଅଳ୍ପରେ ପ୍ରତି ମାସରେ କଣ ଦଶ ପନ୍ଦର ଟଙ୍କା ରଖାଯାଇ ପାରନ୍ତାନାହିଁ ? ମାତ୍ର ଅବହେଳାରୁ ହୋଇ ପାରୁନାହିଁ । ସେ ଜଣ ଜଣ କରି ସମସ୍ତଙ୍କ କଥା ଭାବିଲେ ବନ୍ଧୁ ସମରେନ୍ଦ୍ର, ସୁରେନ୍ଦ୍ର, ବିନୋଦ, ରମେଶ । କାହାକୁ ମାଗିଲେ ଅନ୍ତତଃ ପନ୍ଦର[illegible] ଟଙ୍କା ଦେଇ ପାରିବ । କେବଳ ଭାବି ଭାବି ନିରସ୍ତ ହେଲେ । ସମସ୍ତେ ସମଧର୍ମୀ । ଦରମା ପାଇଲାଦିନ ବାଦଶାହ ପରି ବୁଲନ୍ତି, ମାତ୍ର ଦଶ ତାରିଖ ଠାରୁ ଧାର ଉଧାର ଆରମ୍ଭ ହୋଇଯାଏ । ଶେଷରେ ଆଉ କିଛି ଉପାୟ ନଦେଖି ତାପସ ବାବୁ ଅଫିସରୁ ଦରଖାସ୍ତ କରି କିଛି ଟଙ୍କା ଅଗ୍ରୀମ ନେଲେ । ହିସାବ କରି ଦେଖିଲେ ଯେ ତିନିମାସ ସେ ଗସ୍ତ କରିବେ ସେଥିରେ ଅନ୍ତତଃ ଛଅଶହ ଟିଏ ପାଞ୍ଚ[illegible] ଛଅଶହ ଟଙ୍କା ପାଇଯିବେ । ଅଗ୍ରୀମ ଟଙ୍କା ଓ ଅନ୍ୟାନ୍ୟ ଖର୍ଚ୍ଚ ସୁଝିଯିବା ପରେ ଅନ୍ତତଃ ନେଟ୍ ଦୁଇଶହ ଟଙ୍କା ମିଳିବ । ଏଣିକି

...ସ୍ଥାରେ ଅନ୍ତତଃ ପିଲମାନଙ୍କ ପାଇଁ ଏବର୍ଷ କିଛି ନୂଆ ଲୁଗାପଟା ହୋଇ ପାରିବ।

ତାପସ ବାବୁଙ୍କ ନିର୍ଦ୍ଦେଶ ମତେ ସ୍ତ୍ରୀ ତାଙ୍କର ଲୁଗାପଟା, ବିଛଣାସନ ସେଟ୍ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ବାନ୍ଧି ରଖିଦେଲେ। ରାଜଧାନୀରୁ ଯାଇ ଜିଲ୍ଲା ସଦର ମହକୁମାରେ ଅଡ଼ିଟ୍ କାମ କରିବେ। ଅଫିସ ଭଡ଼ାରି ଦେଶକୁ ରାଜା। ଯେତେ ଅଭାବ ଅସୁବିଧା ଥିଲେ ମଧ୍ୟ ଯେତେବେଳେ ଅନ୍ୟ ଜାଗାକୁ ଯିବେ ସେତେବେଳେ ପୂର୍ଣ୍ଣ ଅଫିସର ମାନସମ୍ମାନ ଥାଟ ବାଟ ଧରି ଚଳିବେ। ନ ହେଲେ ଅନ୍ୟ ମାନଙ୍କର ଧାରଣା କ'ଣ ହେବ ?

ଯିବାବେଳେ ସ୍ତ୍ରୀଙ୍କୁ କହିଗଲେ ନିହାତି ପ୍ରୟୋଜନ ନ ହେଲେ ଆଉ ଧାର ଉଧାର କରିବ ନାହିଁ। ଅନେକ'ତ ବାକି ହେଲଣି। ଦେଖ ଆଉ ଯେମିତି ଲିଷ୍ଟ ନ ବଢ଼ାଅ। ସେହି ଯିବା ମୁହୂର୍ତ୍ତରେ ମଧ୍ୟ ସ୍ତ୍ରୀ ଗୋଟିଏ ଲମ୍ବା-ତାଲିକା ମୁହେଁ ମୁହେଁ କହିଗଲେ ଯାହାକି ପଚ୍ଛେଇଷରକୁ ତିନିଶହ ପର୍ଯ୍ୟନ୍ତ ହେବ। ତାପସଙ୍କର ଆଉ କିଛି କହିବା ପାଇଁ ଅବସର ନ ଥିଲା। ସେ ବିରକ୍ତ ମଧ୍ୟ ହେଲେ ନାହିଁ, କାରଣ ସ୍ତ୍ରୀ ତାଙ୍କୁ କିଛି ଭୁଲ କଥା କହୁନାହାନ୍ତି। ସେ କେବଳ କ୍ଷଣକରେ କହିଗଲେ ମୁଁ ଆସିଲେ ସବୁ ବୁଝିବା। ଝିଅକୁ ଡାକି କହିଲେ ସୁନା, ତୁ ବରାବର ଚିଠି ଦେବୁ, ସମସ୍ତେ ମନଦେଇ ପଢ଼ାପଢ଼ି କରିବ। ମା' ସଙ୍ଗେ ଅଯଥା କଳି ଲଗାଇବ ନାହିଁ। ମା' ଯାହା କହିବେ ମାନି-କରି ଚଳିବ।

ଦୁଇ

ତାପସ ବାବୁଙ୍କ ଯିବାର ପନ୍ଦର ଦିନପରେ ସେ ଯେଉଁ ପ୍ରଥମ ଚିଠିଟି ପାଇଲେ ତାହା ଲେଖିଥିଲା "ସୁନା"। ବହୁ ଆଗ୍ରହରେ ସେ ଚିଠିଟି ଖୋଲି ପଢ଼ିଲେ। ସେଥିରେ ଲେଖାଥିଲା :—

ବାପା, ମୋର ନମସ୍କାର ଜାଣିବେ। ରଫାପା ଆଣିବ ଆଣିବ ବୋଲି ପାଞ୍ଚ ଦିନ ଗଲା ଭାଇ ଆଣିଲେ ନାହିଁ। ଶେଷରେ ମୁଁ ଯାଇ ନିଜେ ଡାକଘରୁ ରଫାପା ଆଣି ଆଜି ଏ ଚିଠି ପକାଉଛି। ତମେ ଭଲଥିବ। ତୁମର ଦୁଇଖଣ୍ଡି କାର୍ଡ଼ ଚିଠି ପାଇଛୁ। ତମେ କଣ ଗାଁକୁ କିଛି ଚିଠି ପାଇନାହିଁ ?

ଗାଁରୁ ନନ୍ଦ ଭାଇଙ୍କ ମା, ତାଙ୍କ ଶାଶୁ, ତାଙ୍କ ଧରମ ଝିଅ ଓ ସାନଶଳା ପୁରୀ ତୀର୍ଥ କରିବାକୁ ଆସିଥିଲେ। ସେମାନେ ଫେରିଲାବେଳେ ଆମ ବସା ବାଟ ହୋଇଗଲେ। ଆମ ବସାରେ ଚାରି ପାଞ୍ଚ ଦିନ ରହି ସବୁଆଡ଼ ବୁଲାବୁଲି କରି ଦେଖି ଫେରିଲେ। କେବଳ ବାକି ରହିଗଲା ନନ୍ଦନକାନନ ଦେଖିବା। ସେଥିପାଇଁ ବୁଢ଼ୀ କହିଯାଇଛନ୍ତି ପୁଣି କେବେ ଆସିବେ। ଆସିଲାବେଳେ ସେ ସାଙ୍ଗରେ ସୁଷମା ଅପା (ତାଙ୍କ ଝିଅ) ଓ ପିଲାପିଲିଙ୍କୁ ଧରି ଆସିବେ ଏବଂ ପନ୍ଦର ଦିନ ରହିବେ।

ଏତିକି ପଢ଼ି ତାପସ ମନେ ମନେ ବିରକ୍ତ ହେଲେ। କହିଲେ ହଁ ପଇସାତ ଲୁଟର ଚାଲୁଛି। ତମର କଣ ଯାଉଛି ? ଗାଁ ସାରା ଆସି ଏଠାରେ ରହନ୍ତୁ ? ନା, ଆଉ ବଞ୍ଚିହେବ ନାହିଁ।

ତାପରେ ସୁନା ଲେଖିଛି, ମା କହିବାନୁସାରେ ଗାଁରୁ ଯେଉଁ ଚାଉଳ ଆସିଥିଲା ତାହା ସରିଗଲାଣି, କାଲିଠାରୁ ଚାଉଳ କିଣି ଖାଉଛୁ। ପରିବାବାଲା ଆସିଥିଲା। ମା କହିଲା, ବାବୁ ଆସିଲେ ପାଇ ଟଙ୍କା ଦେବେ। ସେ ରାଗରେ ମାଡ଼ ହୋଇ ଫେରିଲା। ଆମ ସାହିରେ ମିଳିମିଳା ହୋଇଛି, ଆମେ ସମସ୍ତେ ଇଞ୍ଜେକ୍ସନ ନେଇଛୁ। ଚିଠି ପାଇ ଚିଠି ଦେବେ। ଆମେ ସମସ୍ତେ ଭଲରେ ଅଛୁ। ସମ୍ବଲପୁର ବାଟେ ଆସିଲେ ଦିଦିପାଇଁ ବ୍ଲାଉସ କନା ଆଣିବେ।

ଇତି ତୁମର ଝିଅ ସୁନା

ତାପସ ବାବୁ ଚିଠିଟା ଉପରେ ଆଉଥରେ ଆଖିଟା ବୁଲାଇ ଆଣିଲେ। ପିଲମାନେ ତେବେ ଭଲ ଅଛନ୍ତି। ସ୍ବସ୍ତିରେ ଗୋଟିଏ ଦୀର୍ଘ ନିଶ୍ୱାସ ମାରିଲେ। ସେଇ ଯଥେଷ୍ଟ। ବାକି ଅନ୍ୟ କଥା। ସେତ ପୁରୁଣା କଥା, ନିତି ଦିନର ଅନୁଭୂତି ଧାର ଉଧାର। ଅଭାବ ଅନାଟନ ଲାଗି ରହିଛି। କେଉଁ ବାଦଶା ଯେ ଚାଉଳ ସରିଗଲା ବୋଲି ଚହଳ ପଡ଼ିବ।

ତାପସ ବାବୁ ଦ୍ୱିତୀୟ ଚିଠିଟି ଏତେ ଶୀଘ୍ର ପାଇବେ ବୋଲି ଆଶା କରି ନଥିଲେ। ସୁନା ଲେଖିଛି, ବାପା ଶରଣ ବାବୁଙ୍କର ଭାଇ ଏବଂ ନିତ୍ୟାନନ୍ଦ ବାବୁଙ୍କର ଭଉଣୀ ବିଭାଘର ଏମାସ ତିନି ତାରିଖରେ। ସେମାନେ ନିମନ୍ତ୍ରଣପତ୍ର ଦେଇଛନ୍ତି। ମା କହୁଛି ସେମାନଙ୍କର ବିଭାଘରକୁ ନିଶ୍ଚୟ ଯିବାକୁ ହେବ। କଣ ଦିଆଯିବ ? ତମେ ଯଦି ମାର୍ଚ୍ଚ ପହିଲା ପୂର୍ବରୁ ନ ଆସ ତେବେ କଣ ଦିଆଯିବ ଲେଖିବ। ତାଙ୍କ ବିଭାଘରକୁ ନ ଯିବା ପ୍ରଶ୍ନ ମୋଟେ ଉଠୁନାହିଁ। ସେମାନେ ଭାଇ ବ୍ରତଘରକୁ ଆସିଥିଲେ।

ପରଦିନ କାଲି ଭାଇ ସାଇକଲ ଧକ୍କା ହେବା ଫଳରେ ଖସିପଡ଼ି ଖଣ୍ଡିଆ ଖାବରା ହୋଇଛି। ଗୋଟାଏ ପେଡ଼େଲ ଭାଙ୍ଗିଯାଇଛି। ମା' ତାକୁ ଅନେକ ଗାଳିଦେଇଛି।

ତାପସ ବାବୁ ଚିଠିଟି ପଢ଼ି ସାମାନ୍ୟ ଗମ୍ଭୀର ହୋଇ ବସିଗଲେ। ପିଲାଟିକୁ ଦୋଷ ଦେଇ ଲାଭ କଣ ? ଗତ ତିନିବର୍ଷ ହେଲା ସାଇକଲ ସର୍ଭିସିଂ ହୋଇନାହିଁ। ଭାଙ୍ଗଣ ପାଖରେ ବ୍ରେକ ନାହିଁ। ପିଲାଟା କିପରି ଯେ ଏ ସାଇକଲରେ ଚଢ଼େ ସେ ଜାଣେ। ବିଚରା ଭାରି କଷ୍ଟ ପାଉଥିବ।

ନିତ୍ୟାନନ୍ଦ ବାବୁ ନୁହନ୍ତି ଅନ୍ୟାନ୍ୟ

କେବଳ ଶରଣ ବାବୁ ଓ ନିତ୍ୟାନନ୍ଦ ବାବୁ ନୁହନ୍ତି ଅନ୍ୟାନ୍ୟ କେତେକ ବନ୍ଧୁଙ୍କର ବିବାହ, ବ୍ରତଘୋଷ ବିଶେଷତଃ ଆସନ୍ତା ମାସରେ ମା'ଙ୍କ ଶ୍ରାଦ୍ଧ ପଡ଼ିବା କଥା ତାଙ୍କର ମନେ ପଡ଼ିଗଲା । ସେ ଛାଡ଼ି ପାରିଲେ ନାହିଁ କେଉଁଠାରୁ ଟଙ୍କା ଆଣି ଏସବୁ ଦାୟିତ୍ୱ ତୁଲାଇବେ ।

ତିନି

ଅଫିସର କାମ ଯଥାରୀତି ଚାଲିଛି । ତାପସ ବାବୁ ଅଫିସର ଅଫିସର କାମ ଯଥାରୀତି ଚାଲିଛି । ତାପସ ବାବୁ ଅଫିସର ଗୋଟିଏ ସ୍ୱତନ୍ତ୍ର କୋଠରୀରେ ବସି ଅଫିସର ଲମ୍ବା ଲମ୍ବା ଖାତା- ଗୁଡ଼ିକ ଅଡ଼ିଟ୍ କରି ଚାଲିଛନ୍ତି । ହାତରେ ନାଲି ପେନ୍‌ସିଲ । ଏକ ଧ୍ୟାନରେ କ'ଣ ହିସାବ କରି ଚାଲିଛନ୍ତି । ସାହାଯ୍ୟକାରୀ କର୍ମଚାରୀ କହିଲେ ସାର ! ଘଣ୍ଟା ଖାଇଦିଅନ୍ତୁ, ଥଣ୍ଡା ହୋଇଯାଉଛି । ସେ ମୁଣ୍ଡ ନୁଆଁଇ ସଙ୍କେତ ଦେଲେ, ଖାଉଛି । ତାପସ ବାବୁ ଘ' କପରେ ଚୁମକ ଦେଇଁ ଦେଇଁ ରାସ୍ତାରେ ପରିବାର ନିୟନ୍ତ୍ରଣ ପକ୍ଷ ପାଳନ କରି ଏକ ଶୋଭାଯାତ୍ରା ଯାଉଥିବାର ପରଦାଭିତରୁ ଦେଖିପାରିଲେ । ପୋଷ୍ଟର ଛବି ସ୍ପଷ୍ଟ ଦେଖାଯାଉଛି । ସୁଖୀ ପରିବାରର ସ୍ଲୋଗାନ "ଦୁଇଟି ବା ତିନୋଟି ସନ୍ତାନ ହିଁ ଯଥେଷ୍ଟ" ।

ତାପସ ବାବୁ ନିଜ ଉପରେ ଅଭିମାନ କଲେ । ନିଜକୁ ଅନେକ ଧିକ୍କାରିଲେ । ସବୁ ଲେଖିଲେ, ପଢ଼ିଲେ, ପୁରସ୍କୃତ ହେଲେ, ମାତ୍ର ସବୁ ଲେଖା ଘରେ ରହିଗଲା । କିଛି କାମରେ କରି ପାରିଲେନାହିଁ । ପରିବାର ନିୟନ୍ତ୍ରଣ ଯୋଜନା ସମ୍ପର୍କରେ ନାଟକ ଲେଖି ପ୍ରଥମ ପୁରସ୍କାର ପାଇଲେ । ମାତ୍ର ନିଜର ପରିବାର ସଂଖ୍ୟା ନ କହିବା ଭଲ । ମନେକରି ଅନେକ ସମୟରେ ତାଙ୍କର ପିଲାପିଲି କେଇଟି ବୋଲି କେହି ପଚାରିଲେ ସେ ଅନ୍ୟ କଥା କହି କଥାଟା ଏଡ଼ାଇ ଦିଅନ୍ତି । ପରିବାର ତ ସୀମିତ ହୋଇ ପାରିଲାନାହିଁ ବରଂ—"ସ୍ୱଳ୍ପ ସଞ୍ଚୟ" ପ୍ରବନ୍ଧ ପ୍ରତିଯୋଗିତାରେ ଥରେ ଅଧେ ନୁହେଁ ଥର ଥର ହୋଇ ପାଞ୍ଚଥର ରାଜ୍ୟସ୍ତରୀୟ ପୁରସ୍କାର ପାଇଲେ । ମାତ୍ର ପିଲାମାନଙ୍କ ପାଇଁ, ଭଲ ମନ୍ଦ ପାଇଁ ପଇସାଟିଏ ସଞ୍ଚୟକରି ପାରିଲେନାହିଁ । ଏବେ ଚେତା ପଶିଛି । ହେଲେ କିଛି ସଞ୍ଚୟ କରିଥିଲେ ତାଙ୍କୁ ଅବେଳରେ ଏପରି ବିବ୍ରତ ହେବାକୁ ପଡ଼ୁ ନ ଥାନ୍ତା । ସେ ଅନ୍ତତଃ ଭଲରେ ଟିକିଏ ଶୋଇ ପାରୁଥାଆନ୍ତେ । ପିଅନ କୋଠରୀରେ ପଶି ତାପସ ବାବୁଙ୍କ ହାତକୁ ଗୋଟିଏ କାର୍ଡ ବଢ଼ାଇ ଦେଲା । ମାତ୍ର ଧାଡ଼ିଏ ଲେଖା । 'ତମେ ଶୀଘ୍ର ଆସ' ତାପସ ବାବୁ ବୁଝିଲେ ସ୍ତ୍ରୀ ମାଣିକ ଲେଖିଛନ୍ତି । ଫେରିଯିବା ନିହାତି ଦରକାର । ସ୍ତ୍ରୀଙ୍କର ଏ ଚିଠିରେ ରୋମାନ୍‌ସର ଗନ୍ଧ ନାହିଁ । ଗୋଲାପର ସ୍ପର୍ଶ ନାହିଁ । ଅଛି କେବଳ ଦୈନନ୍ଦିନ ଜୀବନର ଛୁଆ । ରକ୍ତ ମାଂସର ମଣିଷକୁ ପଥର ହେବାପାଇଁ କେତେକ ଉପାଦାନ । ସେ କେବଳ ବୁଝିଲେ "ଶୀଘ୍ର ଆସ"ର ଅର୍ଥ—ଏହା ତାଙ୍କ ପାଇଁ ଦୁ ବାର୍ତ୍ତା ବୋହି ଆଣିଛି । ସେ ମୁଣ୍ଡରେ ହାତଦେଲେ । ସେ ଦର୍ଶନ ଗୁରି ପାଞ୍ଚଶହ ଟଙ୍କା ଧାର ପାଇବେ କେଉଁଠାରୁ ?

କିଛି ମୁହୂର୍ତ୍ତ ପରେ ପୁଣି କାମରେ ମନ ଦେଇଛନ୍ତି । ଅଫିସ ପିଅନ ବିବ୍ରତ ହୋଇ ପଶିଆସି କହିଲା, ଆପଣଙ୍କର ସବୁ ଜିନିଷ ଚୋରିହୋଇ ଯାଇଛି ସାର, ଆପଣଙ୍କର ବାସନ ସେଟ୍, ପ୍ୟାଣ୍ଟ ସାର୍ଟ ଜୋତା ସବୁ କିଛି । କେବଳ ପଡ଼ିରହିଛି ଦୁଇ ତିନି ଖଣ୍ଡ ବହି ।

ତାପସ ବାବୁ ବିବ୍ରତ ହୋଇ ଉଠିଲେ ରହୁଥିବା ମେସକୁ ଯିବାଲାଗି । କ'ଣ ବା କହିବେ । ହିସାବ କରି ଦେଖିଲେ ଯାହାସବୁ ଚୋରିଗଲା ତାର ଦାମ ସାଢ଼େ ଦୁଇଶହ ଟଙ୍କାରୁ ଅଧିକ । ମାସ ମାସ ଧରି ଘର ଛାଡ଼ି ଅଡ଼ିଟ୍‌ରୁ ଯାହା ପାଇଥାଆନ୍ତେ ସବୁ ଏହିପରି ବାଟେ ବାଟେ ଗଲା । ସଙ୍ଗରେ ଥିବା ମୁରଲୀବାବୁ ପଚାରିଲେ କ'ଣ କରିବା ତାପସ ବାବୁ ? ତାପସ ବାବୁ କେବଳ କହିଲେ ଘରକୁ ପାଇଁ ପାଞ୍ଚଶଟା ଟଙ୍କା କେଉଁଠାରୁ ଯୋଗାଡ଼କରି ଦିଅନ୍ତୁ । ଯାଇ ପହଞ୍ଚି ସଙ୍ଗେ ସଙ୍ଗେ ପଠାଇଦେବି ।

ମେସର ଯେଉଁ କୋଠରୀରେ ଥିଲେ ସେହି କୋଠରୀରେ ପଶି ଦେଖିଲେ ସବୁ ଯାଇଛି କେବଳ ଅଛି ତାଙ୍କର ଦୁଇଖଣ୍ଡ ନୋଟ୍‌ବୁକ୍ । ଅଯତ୍ନରେ ତାଙ୍କ ପାଟିରୁ ବାହାରି ପଡ଼ିଲା ସବୁ କିପରି ଅମରି ଗଲି ସର୍ବହରାଙ୍କ ପାଇଁ ।

ମୁରଲୀ ବାବୁ ଓ ଅନ୍ୟମାନେ ତାପସଙ୍କ ପାଇଁ ସମବେଦନା ପ୍ରକାଶ କଲେ । ସେ ଚୁପଚାପ୍ ଠିଆହୋଇ ରହିଲେ । ଦୁଃଖବେଳେ ଆପଣାକୁ ଭୁଲାଇବା ପାଇଁ ବେଳେବେଳେ ଯେଉଁ ଉଦ୍ୟମ କରାଯାଏ ତାପସ ବାବୁ ସେହିପରି ଉଦ୍ୟମ କଲେ । ସେ ଗୁଣୁ ଗୁଣୁ ହୋଇ ଗାଇଲେ

"ସର୍ବେ ଭବନ୍ତୁ ସୁଖୀନଃ.................."

ପିଅନ ଦୁଇଜଣ ମେସରୁ ଫେରି ଆସିଲାବେଳେ ତାପସ ବାବୁଙ୍କ ଉପରେ ଟିପ୍‌ପଣୀ କରୁଥିଲେ 'ସେ କେବଳ ଅଡ଼ିଟର ନୁହନ୍ତି, ଜଣେ ପଣ୍ଡିତ ଲୋକ,' । ଦେଖୁନ କଥା କଥାକେ କିପରି ସଂସ୍କୃତ ଶ୍ଳୋକ ଗାଉଛନ୍ତି ।

ଭାଗୀରଥୀ ନେପାକ

# ସର୍ପ ଜନ୍ମ ବୃତ୍ତାନ୍ତ

## ଗଳ୍ପ

(ଏକ)

ଖବରଟି ସମ୍ବାଦ ପତ୍ରରେ ପ୍ରକାଶିତ ହେଲା, ଇନ୍ଦ୍ରଜିତ ବାବୁ ତାଙ୍କର ସମସ୍ତ ସଞ୍ଚିତ ସମ୍ପତ୍ତି ସ୍କୁଲ ଗୃହ ନିର୍ମାଣ ଉଦ୍ଦେଶ୍ୟରେ ଦାନ କରି ସ୍ଥାନୀୟ ଲୋକଙ୍କର ଧନ୍ୟବାଦର ପାତ୍ର ହୋଇଛନ୍ତି।

କୁବେର ସାହୁ ଏ ସମ୍ବାଦ ପାଠକରି ମନକୁ ମନ ହସିବାକୁ ଲାଗିଲେ। ସ୍ଥାନୀୟ ଲୋକଙ୍କର ସାଧାରଣ ଧନ୍ୟବାଦଟିଏ ପାଇବା ପାଇଁ ଇନ୍ଦ୍ରଜିତର କି ବ୍ୟାକୁଳତା! ନୁଖୁରା ଧନ୍ୟବାଦ ବଦଳରେ, ତା'ର ଏତେ ଦିନର ସଞ୍ଚୟକୁ ପର ହାତକୁ ଟେକିଦେଇ ଦାଣ୍ଡର ଭିକାରୀ ପାଲଟିଗଲା! ଲୋକଟା କି ନିର୍ବୋଧ ସତରେ? ଧନ୍ୟବାଦ ପାଇଁ ଯଦି ଏତେ ବ୍ୟାକୁଳ, ତାଙ୍କୁ କହିଥିଲେ ସେ ମାଗଣାରେ ଗୋଟିଏ ନାହିଁକି, ଶହ ଶହ ଧନ୍ୟବାଦ ଦେଇ ପାରିଥାନ୍ତେ।

କୁବେର ସାହୁ ନୁଖୁରା ଚା' କପଟିଏ ପାଇଁ ବରାଦ ଦେଇ ମନେ ମନେ ଭାବିଲେ, ଯାହାହେଉ ଏଥର ତାଙ୍କର ଚଲାବାଟରୁ କଣ୍ଟାଗଲା। ଇନ୍ଦ୍ରଜିତ ହାତରେ ପଇସା ରହିଲାନାହିଁ। ଲୋକେ ଏଥର ତାଙ୍କ ପାଖକୁ ଲାଜିହୋଇ ଆସିବେ। ଟଙ୍କାଏ ଋଣରେ ମାସକୁ ସୁଧ ପାଞ୍ଚ ପଇସା ପରିବର୍ତ୍ତେ ଦଶ ପଇସା ଦରେ ବି, ଚଳିବ। ଲୋକେ ଆଉ ତାଙ୍କ ଦୁଆର ମୁହଁରେ ଇନ୍ଦ୍ରଜିତର ଦର୍ଶାକରି ସୁଧ କମାଇବାର କଥା ଉଠାଇବେ ନାହିଁ।

(ଦୁଇ)

କୁବେର ସାହୁ ବର୍ଷ କେଇଟା ପରେ ଆଶାତୀତ ଧନର ଅଧିକାରୀ ହେଲେ। କିନ୍ତୁ ଲୋଭର କ'ଣ କିଛି ସୀମା ଅଛି?

ଶହେ ଟଙ୍କାର ଅଧିକାରୀ ହଜାର ଟଙ୍କାର ସ୍ୱପ୍ନ ଦେଖେ। ହଜାରେ ଟଙ୍କା ପାଖରୁ ଲକ୍ଷ ଟଙ୍କାର ସ୍ୱପ୍ନ ଝପାଇ ପଡେ। ଏମିତି ଆହୁରି କେତେ—

କୁବେର ସାହୁ କେବଳ ଗୋଟିଏ ଗାଁ ନୁହେଁ, ଅଞ୍ଚଳର କୁବେର ରୂପେ ପରିଚିତ ହେଲେ। ବିଲ, କୋଠାବାଡ଼ି, ସୁନା ଗହଣାର ଝନ୍‌ମାରୀ ଶେଳ ତାଙ୍କ ଆଖିରୁ ନିଦ ଛଡ଼ାଇ ନେଲା। ସେ ଦିନରାତି ଭାବି ବସିଲେ, ଆହୁରି ହେଉ, ଆହୁରି ହେଉ। ସାରା ସଂସାରଟା ତାଙ୍କରି ହୋଇଯାଉ।

କୁବେର ସାହୁ ଜୀବନରେ ଥରେ ହେଲେ କାହାକୁ ହାତ ଉଠାଇ ମୁଠାଏ ଦାନ କରିନାହାନ୍ତି। ଦେହରୁ ଚିକିଏ ମଳି ଛାଡ଼ିବାକୁ ବି ନାରାଜ। ଯାହା ହାତ ମୁଠାରେ ପଡ଼ିଲା, ରହିଲା। ଖସିବାର ଯୁଁ ନାହିଁ। ଦାନ ପୁଣ୍ୟ କଥା ପଡ଼ିଲେ ନାକ ଟେକି ଭାଗବତ ଶୁଣାନ୍ତି, ମୋତେ କଣ ଉଦ୍ଧାରି କରିପାରିବ କି ? ପର ପାଇଁ କଣ ଟଙ୍କା ରୋଜଗାର କରିଛି ? ଛାଁ'ର ଭଲ ମନ୍ଦ କାର୍ଯ୍ୟରେ କେହି ଭରସା କରି ପାଖ ପଶି ପାରନ୍ତି ନାହିଁ।

(ତିନି)

କୁବେର ସାହୁଙ୍କର ପୁଅ ହେଲା।

ପୁଅ ମୁହଁ ଦେଖି କୁବେର ସାହୁ ଫୁଲି ଉଠିଲେ। ମୁଣ୍ଡ ଉପରୁ ବଡ଼ ଚିନ୍ତାଟାଏ ଓହ୍ଲାଇ ପଡ଼ିଲା। ଅପୁତ୍ରିକ କୁବେର ସାହୁଙ୍କ ପ୍ରତି ଆକ୍ଷେପ ଥିଲା, 'କୁବେର ସାହୁ ପରେ ବଂଶ ବୁଡ଼ିବ। ଧନ ସମ୍ପଦ ପର ମୁହଁରେ ପଡ଼ିବ। ବୁଢ଼ାର କଣ ଏତିକି ଅକଲ ନାହିଁ ? କାହା ପାଇଁ ସଞ୍ଚୁଛି ?' ଆଜି ସେଇ ଅଭାବ ବି ପୂରଣ ହେଲା। ଧନ ଜନ ଗୋପ ଲକ୍ଷ୍ମୀରେ ଘର ଉଛୁଳିଲା। ଆଉ ଭୟ କଣ ?

କୁବେର ସାହୁ ଏକଲା ବେଳେ ହାତଯୋଡ଼ି ଭଗବାନଙ୍କ ଉଦ୍ଦେଶ୍ୟରେ ଗୁଣୁ ଗୁଣୁ ହୁଅନ୍ତି, ସବୁ ଦେଲ ଭଗବାନ। ଧନ ସମ୍ପଦ ପାଖକୁ ପୁଅ ଦେଲ। ଆଉ କିଛି କହିବାର ନାହିଁ। କେବଳ ଏତିକି କର, ମୋତେ ଯେତିକି ସମ୍ପଦ ଦେଲ, ପୁଅକୁ ମୋର ସେତିକି ସମ୍ପଦ ଦେଇ ଦିଅ। ପରିବାର ସଂଖ୍ୟା ବଢ଼ିଲା। ଆମେ କରିବୁ କଣ ?

(ଚାରି)

ପୁଅ ବଡ଼ ହେବା ସଙ୍ଗେ ସଙ୍ଗେ କୁବେର ସାହୁଙ୍କ ଚିନ୍ତା ବଢ଼ିଲା। ପୁଅର ଖର୍ଚ୍ଚର ସୀମା ନାହିଁ। ବୁଢ଼ାଙ୍କର ଚିନ୍ତାର ଅନ୍ତ ନାହିଁ। ପୁଅର ଖର୍ଚ୍ଚ ଦେଖି କୁବେର ସାହୁଙ୍କୁ ଚିନ୍ତା ଜର ହେଲା। ସେ ବିଛଣାରେ ପଡ଼ି ଛଟପଟ ହେଲେ ଓ ରାତି ଅଧରେ ସପନ ଦେଖି ଟଙ୍କା ସୁନା ଭରା ବାକ୍ସ ଅଣ୍ଟାଳି ହେଲେ। ଘରର ଚାବିମାନ ଆଣି ମୁଣ୍ଡତଳେ ରଖିଲେ ଓ ଖାତାପତ୍ର ସବୁ ଶୋଇବା ଘରେ ସଜାଇ ରଖିବାକୁ କହିଲେ। ସେଦିନ ବୁଢ଼ାଙ୍କର ଅନାୟତ୍ତ ଅବସ୍ଥା ଦେଖି ବ୍ରାହ୍ମଣ ହାତରେ ଗାଈଦାନ ଟେକିବା ବ୍ୟବସ୍ଥା ହେଲା। ଏହା ଶୁଣି କୁବେରଙ୍କ ମନ ମଉଳିଗଲା। ସେ ପତ୍ନୀ ପୁତ୍ରଙ୍କୁ ପାଖକୁ ଡାକି ଆଶ୍ୱାସନା ଦେଲେ, ତାଙ୍କର କିଛି ହବନାହିଁ। ଅକାରଣଟାରେ ଗାଈଦାନ କରିବାକୁ ମନ ବଳାଉଛନ୍ତି କାହିଁକି ?

ରାତିରେ କୁବେର ସାହୁ ସ୍ୱପ୍ନ ଦେଖିଲେ, ଯମଦୂତମାନେ ବେଢ଼ିଯାଇ ଯମରାଜାଙ୍କ ପାଖକୁ ଭିଡ଼ି ନେଉଛନ୍ତି। ସେ ନେହୁରା ହେଲେ ମଧ୍ୟ କେହି ତାଙ୍କ କଥା ଶୁଣୁ ନାହାନ୍ତି। ସାହୁ ତାଙ୍କ ଧନ ସମ୍ପଦର ବିବରଣୀ ବାଢ଼ି ଯମରାଜାଙ୍କୁ ପ୍ରାର୍ଥ କଲେ, ଆଉ କିଛିଦିନ ବଞ୍ଚିବାକୁ ଦିଅନ୍ତୁ। ପୁଅପାଇଁ ବୋହୂଟିଏ ବାଛି ବିବାହ କରିବା ପର୍ଯ୍ୟନ୍ତ ମହଲତ ଦରକାର।

ଯମରାଜା ତାଙ୍କର ଆକୁଳ ବିନତି ଶୁଣି ଅବଶେଷରେ ଗଲେ। କହିଲେ, ଏବେ ମଲେ ରାଜପୁତ୍ର ହୋଇ ଜନ୍ମଗ୍ରହଣ କରିବ ମହଲତ ନେଲେ, ସର୍ପଜଠରେ ଜନ୍ମଲାଭ କରିବ। କଣ ଚାହଁ ?

କୁବେର ସାହୁ ମନକୁ ମନ ଭାବି ସ୍ଥିର କଲେ, ରାଜାମାନଙ୍କ ରାଜୁତି ଆଉ ନାହିଁ କି ରାଜ୍ୟ ନାହିଁ। ରାଜପୁତ୍ର ହୋଇ ଜନ୍ମ କଲେ ଲାଭ କଣ ? ବରଂ ଯେତିକି ଧନ ଅର୍ଜିଛନ୍ତି, କିଛିଦିନ ରାଜାଠୁ ବଡ଼ ସମ୍ରାଟ ପରି ଚଳିବେ। ପରେ ବଡ଼ଘରଣୀ ପୁଅ ତାଙ୍କରି ମିଛାସର କନ୍ୟା ପାତ୍ରୀଟିଏ ଖଂଜିଦେବେ। ସେଥିରୁ ଅର୍ଜିତ ସମ୍ପତ୍ତିର ରକ୍ଷଣାବେକ୍ଷଣ ପଥ ସୁଗମ ହେବ। ସେ ରାଜାଙ୍କୁ ତାଙ୍କରି ଘରେ ଜନ୍ମ ହେବାପାଇଁ କହିବେ ଓ ସର୍ପ- ଲଭ ପରେ ପୋତା ହୋଇଥିବା ଧନର ନିରାପତ୍ତା ରକ୍ଷା କରିବେ ଯମରାଜା ତାଙ୍କରି କଥା ଶୁଣି 'ତଥାସ୍ତୁ' କଲେ।

(ପାଞ୍ଚ)

ପରଦିନ ସକାଳୁ ଦେଖାଗଲା, ବୁଢ଼ାଙ୍କର ଦେହରୁ ଜ୍ୱ ହୋଇ ଝାଳ ନିଗିଡ଼ି ଯାଉଛି। ଦେହରୁ ତାପ ମଧ୍ୟ କମିଗଲା। କ୍ରମେ ସୁସ୍ଥ ଅନୁଭବ କଲେ।

ଠିକ୍ ଏତିକିବେଳେ ତାଙ୍କ ମୁଣ୍ଡ ସାମନାରେ ରଖାଯାଇଥି ସିନ୍ଦୁକ କଡ଼ରେ ଗୋଟିଏ ଅଚିହ୍ନା ଶିଶୁ–ସର୍ପ ଦେଖାଗଲା।

ଲୋକେ ବୁଢ଼ାଙ୍କର ଶୋଇବା ଘରେ ସାପ ଦେଖି ଆତଙ୍କ ଓ ତାକୁ ମାରି ଶେଷ କରିଦେବାର ଉପାୟ ପାଞ୍ଚିଲେ। କିନ୍ତୁ ଆଶ୍ଚ କଥା, ବୁଢ଼ା ଅତି ତନ୍ମୟ ଭାବରେ ସେହି ଶିଶୁ–ସର୍ପକୁ ଦେଖି ହେଲେ। ତା' ପାଇଁ କ୍ଷୀର ଆଣି ଦେବାକୁ ଆଦେଶ ସମବେତ ନରନାରୀଙ୍କୁ ଶୁଣାଇ କହିଲେ, ସର୍ପ ହେଲା ଦେବାଧି ମହାଦେବଙ୍କ ବାହନ। ସର୍ପକୁ ସନ୍ତୁଷ୍ଟ କଲେ, ମହାଦେବ ପ୍ରୀତ ଧନ ଜନ ଗୋପ ଲକ୍ଷ୍ମୀ ପ୍ରଦାନ କରନ୍ତି। ତେଣୁ ସର୍ପ ପ୍ରତି ହିଂ ହେବା ଅନୁଚିତ।

ମନେହେଲା, କୁବେର ସାହୁ ସ୍ୱପ୍ନ କଥା ଓ ଆଗାମୀ ଜନ୍ମ କଥା ଭାବୁଥିଲେ। ଆଗାମୀ ଜନ୍ମରେ ତାଙ୍କ ଜୀବନର ସୁବ୍ୟବସ୍ଥା କଥା ଚିନ୍ତା କରୁଥିଲେ।

କୁବେରଙ୍କ ପୁତ୍ର କିନ୍ତୁ ବାପାଙ୍କର କଥା ଶୁଣି ହସରେ ଉଡ଼ାଇଦେଲେ। ଉତ୍ତର ଦେଲେ, ସର୍ପ ମହାଦେବଙ୍କର ବାହନ ହୋଇଥିଲେ ମଧ୍ୟ, ଘର ଭିତରେ ତାର ପ୍ରଚଳନ ହୋଇ ପାରିବନାହିଁ। ସେ ଯେହେତୁ ବିଷଧର ପ୍ରାଣୀ। ତାର ବିନାଶ କରିବା ସର୍ବାଦୌ କର୍ତ୍ତବ୍ୟ।

କୁବେର ସାହୁଙ୍କର କଥା ରହିଲା ନାହିଁ। ସର୍ପ ନିଧନ ହେଲା। ନିଧନ ସର୍ପକୁ ଦେଖି କୁବେର ସାହୁ କାନ୍ଦିଲେ। ତାଙ୍କର ବର୍ତ୍ତମାନ ସ୍ପଷ୍ଟ ଧାରଣା ହେଲା ଯେ, ଜୀବିତାବସ୍ଥାରେ ଦାନ ଧର୍ମ ବା ପରୋପକାର କାର୍ଯ୍ୟରେ ନିଜ ଅର୍ଜିତ ଧନରୁ କାଣିଟିଏ ସୁଦ୍ଧା ଖର୍ଚ୍ଚ ନକରି, ସେ ଲୋକମାନଙ୍କର ସ୍ନେହ ସହାନୁଭୂତିରୁ ବଞ୍ଚିତ ହୋଇଛନ୍ତି। ମୃତ୍ୟୁପରେ ନିଜ ଅର୍ଜିତ ସମ୍ପତ୍ତିର ସୁରକ୍ଷା ପାଇଁ ଯଦି ବା' ସେ ସର୍ପ-ଜନ୍ମଗ୍ରହଣ କରନ୍ତି, ତାହାହେଲେ ନିଜ ଜନ୍ମ ଦିଆ ପୁତ୍ରର ଲାଠି ପ୍ରହାରରେ ମୃତ୍ୟୁ ବରଣ କରିବେ।

ତେବେ ଉପାୟ ?

ଇନ୍ଦ୍ରଜିତଙ୍କ କଥା ତାଙ୍କର ମନେ ପଡ଼ିଲା।

କୁବେର ସାହୁ ନିଜ ପୁତ୍ର ପାଇଁ ଉପଯୁକ୍ତ ପାତ୍ରୀ ସନ୍ଧାନରେ ସମୟ ନଷ୍ଟ ନକରି, କଣ କଲେ ଗାଁର ମଙ୍ଗଳ ସାଧନ ହେବ, ସେହି କଥାହିଁ ଚିନ୍ତାକଲେ। ତାଙ୍କର ଧାରଣା ହେଲା, କେବଳ ଯେ କୌଣସି ପ୍ରକାରେ ଅର୍ଥ ସଞ୍ଚୟ କରି, ତାକୁ କୌଣସି କଲ୍ୟାଣକର କାର୍ଯ୍ୟରେ ନ ଲଗାଇ ସାଇତି ରଖିଲେ, ଉପକାର ପରିବର୍ତ୍ତେ ଅପକାର ହିଁ ହୁଏ। ତେଣୁ ସଞ୍ଚିତ ଅର୍ଥକୁ ଜନତାର ଉପକାର ଉଦ୍ଦେଶ୍ୟରେ ଲଗାଇବା ସର୍ବାଦୌ କର୍ତ୍ତବ୍ୟ।

ସର୍ପ-ମୃତ୍ୟୁ ପରେ ଦେଖାଗଲା, କୁବେର ସାହୁ ବଦଳି ଯାଇଛନ୍ତି। ସେ ଇନ୍ଦ୍ରଜିତଙ୍କ ପରି ନିଜ ଗାଁରେ ଦାତବ୍ୟ-ଚିକିତ୍ସାଳୟ ଖୋଲିବାର ଉଦ୍ୟମ କରୁଛନ୍ତି।

(ଶ୍ରୀ ନେପାଳ ହେଉଛନ୍ତି ଜଣେ ପ୍ରଲେଖକ। ବର୍ତ୍ତମାନ ସେ ଭୁବନେଶ୍ୱର ଏକାଉଣ୍ଟେଣ୍ଟ ଜେନେରଲ ଅଫିସର ଜଣେ କର୍ମଚାରୀ)

"ଯାହାର ସାଥୀ ଭଗବାନ, ତା'ର ଦୁଃଖ କ'ଣ, ଚିନ୍ତା କ'ଣ, ଅନ୍ୟ ସାଥୀର ପ୍ରୟୋଜନ ବା କ'ଣ"
—ଗାନ୍ଧୀଜୀ

କୁନ୍ତଳା ଆଚାର୍ଯ୍ୟ

# ପରିବାରର ସମ୍ମାନ ପାଇଁ ଝିଅର ଦରଦ

ଏକାଦଶୀର ନିର୍ମଳ ଶରତ ସନ୍ଧ୍ୟା । ଅନୁରାଧା ପରେ ନୁହେଁ— ବାର ବାର ସେଇ ହସ୍ତାଙ୍କିତ ଅକ୍ଷରଗୁଡ଼ିକୁ ପଢ଼ିସାରିଛି । ଇଣ୍ଟନର ସିମୀତ ଆଲୋକରେ ଅକ୍ଷରଗୁଡ଼ିକ ଜୀବନର ସମସ୍ତ ସବୁଜିମା ଭିତରେ ଅତ୍ୟନ୍ତ ପ୍ରାଣବନ୍ତ ହୋଇପଡ଼ିଛି । ଅନୁରାଧା—ବିବଗ୍ଧା, ବିରହିଣୀ । ସୁମନ୍ତଙ୍କ ଘରେ ଯେଉଁଦିନୁ ବଧୂ ରୂପେ ପାଦ ଦେଇଥିଲା ସେଇଦିନୁ ତା'ର ସ୍ୱପ୍ନିଳ ଅତୀତକୁ ଭୁଲିଯିବାକୁ ସେ ଚେଷ୍ଟା କରିଛି । ତାହା ଏକ ସାଧନା ବୋଲି ଧରିନେଲେ ହେବ । କଲେଜରେ ସେ ସେ ଖୁବ୍ ନାମକରା ଛାତ୍ରୀ ଥିଲା । ତରୁଣୀ ମନର ଶତ–କନ୍ଦମର ସୁରଭି ଭିତରେ ସେ ମନର ମଣିଷକୁ ଖୋଜି ନଥିଲା । ସେ ମଣିଷ, ଆପେ ଆପେ ତା'ରି ସୁରଭିର ମହକରେ ଆକୃଷ୍ଟ ହୋଇଥିଲା—ଆଜିବି ଏଇ ପ୍ରାୟାନ୍ଧକାର ସନ୍ଧ୍ୟାରେ ସେଦିନର ସ୍ୱପ୍ନିଳ ଭାବାବେଶ ଠିକ୍ ମନେ ଅଛି । ପରିବାରର ସମସ୍ତେ କୋଳାହଳ କରି ଉଠିଥିଲେ ଯେଉଁଦିନ ଅନୁରାଧାର ଏହି ସିଦ୍ଧାନ୍ତ ଶୁଣିଥିଲେ—ଅନୁରାଧା ସ୍ୱଶୀପରର ପୁଅ ସୁମନ୍ତକୁ ବିବାହ କରିବାକୁ ସ୍ଥିର କରିଛି । ଡେପୁଟି ମାଜିଷ୍ଟ୍ରେଟ ପିତାଙ୍କର ଗର୍ବଗୌରବ, ଆହତ ଅଭିମାନରେ ଗର୍ଜି ଉଠିଥିଲା—ଅନୁରାଧା ଏହି ମୁହୂର୍ତ୍ତରେ ତାଙ୍କ ଘର ତ୍ୟାଗକରି ଚାଲିଯାଉ । ଏହାହିଁ ଥିଲା ତାଙ୍କର ସେଦିନର ସେଇ ଘନାୟମାନ କୃଷ୍ଣମସୀ ରାତ୍ରିର ବଜ୍ର ନିର୍ଘୋଷ କଣ୍ଠର ଆଦେଶ ।

ଅନୁରାଧା ମୁଣ୍ଡ ପୋତି ଏକ ବସ୍ତ୍ରରେ କେବଳ ନିଜର ହେ... ଓ କେତେକ ବହିଧରି ବାହାରି ଆସିଥିଲା, ପରଦିନ ପ୍ରତ୍ୟୁଷର ... କୂଜନର କଳରବ ଭିତରେ ଓ ରକ୍ତିମ ସୂର୍ଯ୍ୟର ବହ୍ନି ପ୍ରକାଶର ... ପୂର୍ବରୁ ।

ଆଜି ସୁମନ୍ତ ପାଖରେ ନାହାନ୍ତି—କାହିଁ କେଉଁ ... ବରଫ ଭିଜା ପାହାଡ଼ ତଳୁ ତାଙ୍କର ବୈଜୟନ୍ତୀ ଟ୍ୟାଙ୍କ୍ ଗର୍ଜି ଉଠି... ଗର୍ଜି ଉଠୁଥିବ ସୁମନ୍ତଙ୍କ ମନ ପ୍ରାଣ ଭରି ଶତ୍ରୁର ପରାଜୟ କାମ... ବାୟୋନେଟ୍‌ରୁ ଗୁଳି । ଏପଟେ ବୃଦ୍ଧ ପିତା ଅସହାୟ ଅ... ଲୁଣା ପାଣିର ଘେର ଭିତରେ ତିନିଦିନ ରହିବାପରେ—ଧରିଛି ... ରେଖିଛନ୍ତି—ସେଇ ପଳାତକ କନ୍ୟାକୁ ଚିଠାଏ ।

ସେ କନ୍ୟା—ସେ ଜାୟା—ସେ ଜନନୀ । ସୁମ... ଦୂରରେ । ବୃଦ୍ଧ ପିତା ଏଇ ଦୀର୍ଘ କୋଡ଼ିଏ ବର୍ଷ ଭିତରେ ... ଅନୁରାଧାକୁ ପାଖରେ ପାଇବା ପାଇଁ ବ୍ୟାକୁଳ ହୋଇନ... କେବେ ଅନ୍ତନିଗିଡ଼ା ସ୍ନେହ କଣିକାରୁ କାଣିଚାଏ ମଧ୍ୟ ଦ... ନାହାନ୍ତି । ଅତି ଦୁର୍ଦ୍ଦିନରେ ଅସହାୟ ଅବସ୍ଥାରେ ସେ ସେଇ... ଖୋଜିଛନ୍ତି । ଆଜି କ'ଣପାଇଁ ଏକଥା ଅନୁମାନ କରିବାକୁ ... ଅକ୍ଷମ । ଗୋଟିଏ ପଟରେ ସୁମନ୍ତର ନୀଳ ନୀଳ ସୁରଭି ଘୋ...

ଜନ୍ମ ପରେ ପିତାଙ୍କର କାତର କାକୁତି ଭରା ଆତୁର ନିବେଦନ । ଏଣୁ ଶିଶି ଅନୁରାଧାର ସୁହାଗିନୀର ଅହଙ୍କାରକୁ ଆହୁରି ଘନୀଭୂତ କରିଦେଇଛି । ସୁଖୀ ଘରର ବୋହୂ ଅନୁରାଧା—ହାତରେ ପଇସା ଅଛି । ଗୃହିଣୀମାନେ ଯେପରି ଘର ଚଳାଉଛନ୍ତି— ତା'ର ଧରି ଅଭିର ସ୍ୱାଧୀନତା କେବେ ଅନୁଭବ କରିନାହିଁ । ସବୁବେଳେ ମାଣ, ଗୌଣୀ—ଧାନ-ଚଉଳ, ତୋଳିଥ, ମୁଗର ସୁମାରିରେ ତା'ର ବି. ଏ. ପଢ଼ା ମୁହଁ ଲୁଚିଯାଇଛି । ତଥାପି ସେ ଖୁସୀ—କାରଣ ସୁମନ୍ତ ମୂର୍ଖ ନଥିଲା—ଧନୀ ଘର ପୁଅ ହେଲେ ବି ସେ କଲେଜ ପଢ଼ା ଶେଷ କରିଥିଲା—କିନ୍ତୁ କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ସୁମନ୍ତ ନିଷ୍ପତ୍ତି କଲା—ରାଧା, ଆମେ ସହର ପରିବର୍ତ୍ତେ ମଫସଲରେ ରହି ତାକୁ ସହର କରେ, କ୍ଷତି କ'ଣ ହୁଅନ୍ତା !! ଅନୁରାଧାର ଆଦର୍ଶବାଦୀ ମନ ସେ କଥାରେ ହଁ ଭରିଥିଲା, କାରଣ ସେ ଅର୍ଥନୀତିର ଛାତ୍ରୀ—ସେ ଜାଣିଥିଲା—ଗ୍ରାମ୍ୟ ଅର୍ଥନୀତି ଉନ୍ନତ ନ ହେଲେ ଯେତେ କୋଟି ଟଙ୍କା ଖର୍ଚ୍ଚହୋଇ ଯୋଜନା ପ୍ରସ୍ତୁତ କଲେ ମଧ୍ୟ ଆର୍ଥନୀତିକ ସଙ୍କଟ ଦୂର ହେବନାହିଁ । ଏହି ଅର୍ଥନୀତିକୁ ପୁଷ୍ଟ କରିବାକୁ ହେଲେ କୃଷିହିଁ ସର୍ବାଗ୍ରେ ଉନ୍ନତ ଓ ଅଧିକ ଉତ୍ପାଦନକ୍ଷମ ହେବା ଆବଶ୍ୟକ । ଦିନେ ସୁମନ୍ତ ସୀମାନ୍ତର ଡାକରେ ଉଦ୍‌ବୁଦ୍ଧ ହୋଇ ଅନୁରାଧା ପାଖରେ ପୁଣି ଦରଖାସ୍ତ ପକାଇଥିଲା—ରାଧା ତୁମେ କହିଲେ ମୁଁ ସୀମାନ୍ତକୁ ଯାଆନ୍ତି—

ସେଦିନ ଅନୁରାଧା କେବଳ ବିସ୍ତାରିତ ଆଖିରେ ଚାହିଁଥିଲା ମାତ୍ର ସେ କେବେ ବାଧା ଦେଇନାହିଁ । ସେଦିନ ବି ସେ ନୀରବରେ ତା'ର ଆରାଧ୍ୟ ଦେବତା ଜଗତର ନାଥ—ଜଗନ୍ନାଥଙ୍କ ପାଖରେ ମୁଣ୍ଡିଆ ମାରି ତୁଳସୀ ମୂଳେ ଶୁଭ ଦୀପ ଶିଖା ଜାଳି ଦେଇଥିଲା । ଆଜି ପିତାଙ୍କର ଡାକରେ ତାକୁ ଯିବାକୁ ହେବ—କାରଣ ସେ ବୃଦ୍ଧ, ଅସହାୟ ନିଃସମ୍ବଳ ଓ ଅସମର୍ଥ । ଏହାଠାରୁ ଉଚ୍ଚ ମର୍ମନ୍ତୁଦ ସମ୍ବାଦ ଆଉ କ'ଣ ଥାଇପାରେ ?

ଏ ସବୁ ଭିତରେ ଏକ ବଡ଼ ପ୍ରଶ୍ନବାଚୀ ଠିଆ ହୋଇ ରହିଛି । ପ୍ରବଳ ବାତ୍ୟାରେ ଯେ ତିନିଦିନ ତଳେ ତା'ର ସମସ୍ତ ଧାନ କ୍ଷେତ ନଷ୍ଟ ଭ୍ରଷ୍ଟ । ତା'ର ବାଡ଼ି ବଗିଚା ବିଧ୍ୱସ୍ତ—ଏ ଖବର ପିତା—ସୁମନ୍ତ ବା ପୁତ୍ର କନ୍ୟା ଜାଣନ୍ତି ନାହିଁ—ସମସ୍ତେ ଦୂରରେ । ବାପଘରଠାରୁ ବେଶୀ ଦୂର ନହେଲେ ମଧ୍ୟ ଗୋଟିଏ ଦିନରେ କରାଳ ଭୟାବହ ବାତ୍ୟା — ପିତା କନ୍ୟା ଉଭୟଙ୍କ ଭାଗ୍ୟ ଉପରେ ଯେ ପ୍ରଭାହିତ ସେ ଖବର ହୁଏତ ବୃଦ୍ଧ ପିତା ଏପର୍ଯ୍ୟନ୍ତ ରଖି ନାହାଁନ୍ତି ବା ରଖିବାର ସୁଯୋଗ ହୁଏତ ପାଇନାହାଁନ୍ତି । ଗାଁରେ ସ୍ୱେଚ୍ଛାସେବକ ବାହିନୀ ଆଜି ପ୍ରଥମ କରି ବାଟ କରିଛନ୍ତି ବୋଲି ସରପଞ୍ଚ କହୁଥିଲେ । ତାହାର ଘରେ ଗାଡ଼ି ନାହିଁ—ବଳଦ ନାହିଁ ତାହାରି ଘରେ ଶୁଦ୍ଧ ଉଠିବାଟିଏ ପର୍ଯ୍ୟନ୍ତ ନାହିଁ । ପିନ୍ଧିବାକୁ ଲୁଗା ଖଣ୍ଡିଏ ନାହିଁ । ଘର ଉପରେ ଛପର ନାହିଁ । ଖୁଣ୍ଟ, ବେଣୀ, ଖମ୍ବ ସବୁ ମାଟିରେ ମିଶିଛନ୍ତି । ଅନୁରାଧାର ତନ୍ନ ସିମେଣ୍ଟ ଘରେ ଗାଁ ଲୋକଙ୍କୁ ଅଧେ ଲୋକ ଆଶ୍ରା ନେଇଛନ୍ତି—ଏପରି ଅବସ୍ଥାରେ ସେ କିପରି ଯିବ ? ଏତେ ଦିନ ପରେ ନିଃସହାୟ ନିଃସମ୍ବଳ ପିତାଙ୍କ ପାଖକୁ ସେ ନେବ ବା କ'ଣ ? ଆଜି ଯଦି ସେ ପୁଅ ହୋଇଥାନ୍ତା ତେବେ ତ ସେ ସେହି ପିତାଙ୍କୁ ପୋଷିବା ପାଇଁ ବାଧ୍ୟ ହୁଅନ୍ତା । ଡେପୁଟି କଲେକ୍ଟର ପିତାଙ୍କର ଦୁଇ ପୁତ୍ର ଦେଶ ତ୍ୟାଗୀ—ଜଣେ ଆମେରିକା—ଜଣେ ଜର୍ମାନରେ । ଦିନେ ବାପା ଖୁବ୍ ଗର୍ବ କରି କହୁଥିଲେ ମୋର ଦୁଇ ପୁତ୍ର ଦୁଇ ଖଣ୍ଡ ହୀରା । ଯେପରି ପାଠ ପଢ଼ା—ସେଇପରି ସଂଗ୍ରାମ ଶାଳୀନତାର ଏକ ବ୍ୟକ୍ତିତ୍ୱ । କିନ୍ତୁ ତକ ଗଡ଼ି ଯାଇଛି—ସେହି ଗର୍ବିତା ପିତା ଯେ ସବୁଦିନେ ଭାବୁଥିଲେ—ଅନୁରାଧା ତାଙ୍କ ଜୀବନ ତଳରେ ଏକ କଳଙ୍କିତ ରେଖା—ସେହି ପିତା ଆଜି ମନେ ମନେ କନ୍ୟାର ଆଗମନକୁ ଅଶ୍ରୁଳ ନୟନରେ ଚାହିଁ ରହିଛନ୍ତି । ଅନୁରାଧାଙ୍କ ଆଖି କୋଣରେ ଲୁହ ଜକାଇ ଆସିଲା । ତାଙ୍କ ଘରେ ସିନା ଖାଇ ବାକୁ ଅଛି । କିନ୍ତୁ ଏତେ ବାଟ—ପ୍ରାୟ ୪୦ ମାଇଲ ଯିବାପରେ ରେଳ ଷ୍ଟେସନ । ତା'ପରେ ପ୍ରାୟ ୫।୬ ଘଣ୍ଟାର ବାଟ । ସେ ବାପାଙ୍କ ପାଇଁ କେତେ-ଦିନର ଆହାର ନେଇ ଯାଇ ପାରିବ ? ତେବେ ବାପା କ'ଣ ତାଙ୍କର ଅଭୁକ୍ତ ଅବସ୍ଥାରେ ପ୍ରାଣତ୍ୟାଗ କରିବେ ?

ଅନୁରାଧା ଖୁବ୍ ସନ୍ତର୍ପଣରେ ଯାହା କିଛି ଗତ ବର୍ଷର ସଞ୍ଚୟ ରହିଥିଲା ସେଥିରୁ ଅଳ୍ପ ଧରି ମନସ୍ଥିର କରି ନେଲେ ଆପେ ବେଶୀ ଆସିବି ଆସିଲେ ବାପାଙ୍କ ଅବସ୍ଥା—ଯଦି କିଛି ବ୍ୟବସ୍ଥା କରି ହେବ । ତେବେ ସୁମନ୍ତଙ୍କୁ ଲେଖିବାକୁ ହେବ, ବାପାଙ୍କ ପାଇଁ ସ୍ଥାୟୀ ବ୍ୟବସ୍ଥା କିଛି କରିବାକୁ ହେବ । ସବୁ ତ ନିଜର ଲୁଣା କୁଅର ଓ ପ୍ରବଳ ବାତ୍ୟାରେ ଯାଇଛି । ତାଙ୍କ ଘର କଟକ ଜିଲ୍ଲା ରାଜନଗର ଥାନାରେ । ବାପାଙ୍କର ଘର ବାଲେଶ୍ୱର ଜିଲ୍ଲାର ବାଂଶଦା ଥାନାରେ, ତଥାପି ଯିବାକୁ ହେବ । ଘର କଇଦିନରୁ କେବେ ସେ ଅଭାବ କ'ଣ ଜାଣି ନାହାଁନ୍ତି । ବରଂ ଦଶ ଖଣ୍ଡ ଗ୍ରାମରେ ଚଳୁଥିବା ସମସ୍ତଙ୍କ ମଧ୍ୟରେ ସେ ଖୁବ୍ ଭଲରେ ଚଳନ୍ତି ; କିନ୍ତୁ ସୁମନ୍ତ କ'ଣ ବିଶ୍ୱାସ କରିବେ ସେହି ଘରର ଅବସ୍ଥା ଏକା ରାତିକେ ଏପରି ହୋଇ ଯାଇଥିବ ବୋଲି !

ରାତି ପାହି ସକାଳ ହେଲା । ଅନୁରାଧା ନିଜର ଟ୍ରଙ୍କ ଖୋଲି ଅଣ୍ଟାଳି ହେଲେ ସେଇ ସେ କୋଡ଼ିଏ ବର୍ଷ ତଳର ଶାଢ଼ୀ ଖଣ୍ଡିକ

ଲିଭିଗଲା ଯିବେ—ସେଇଁ ଶକ୍ତିର ପିଛି ପ୍ରତ୍ୟୁଷର ପିତା ଅନୁପ ସ୍ଥିତିରେ ସେ ଦିନ ସେ ପିତୃ ଗୃହ ତ୍ୟାଗ କରିଥିଲେ । ହଠାତ୍ ଭିତରେ ସେ ଦିନ ସେ ପିତୃ ଗୃହ ତ୍ୟାଗ କରିଥିଲେ । ହଠାତ୍ ହାତରେ ଖଣ୍ଡିଏ ଖାଣ କାଗଜ ଓ ଗୋଟିଏ ଡାଇରୀକୁ ସେ ଖୋଜି ପାଇଲେ । ଆନନ୍ଦରେ ତାଙ୍କ ମନ ହୁରୁକି ଉଠିଲା । ନିଃଶଙ୍କ ଚିତ୍ତରେ ସେ ବାହାରିଲେ ବାଂଶଡ଼ା ଗ୍ରାମ ଅଭିମୁଖେ । ରିଲିଫ ଟ୍ରକରେ ବସି କଟକ । କଟକରୁ ଗ୍ରଦବାଲି ସେଠାରୁ ପୁଣି ବୁଲି ବୁଲି ବାଂଶଡ଼ା । ଜୀବନରେ ସେ ଏତେ କଷ୍ଟରେ କେବେ ବାପ ଘରକୁ ଯାଇନାହାଁନ୍ତି । ତଥାପି ତାଙ୍କ ମନୋବଳ ଅତୁଟ ରହିଛି । ଝିଅର ବାପ ଘରକୁ ଯିବା ସୁଖ—ମନର ମାଦକତା—ଆଉ କେଉଁଥିରେ କେଉଁ ଅବସ୍ଥା ସଙ୍ଗେ ତୁଳନୀୟ ନୁହେଁ !

* * * *

ବୃଦ୍ଧ ପିତାଙ୍କ କାତର କଣ୍ଠ ଧ୍ୱନୀ ଦୂରରୁ ଶୁଭୁଛି—ଅନୁରାଧା ଆଖିର ଲହଗର ଲୁହକୁ ଲୁଚି ରଖି ଭିତର ଅଗଣା ପାର ହୋଇଗଲେ । ସବୁ ଘର ଭାଙ୍ଗି ପଡ଼ିଛି । କେବଳ ଗାଁ ର ଯୁବକମାନେ ଦୁଇଖଣ୍ଡ ଖଟ ଯୋଡ଼ି ବାପାଙ୍କ ପାଇଁ ଏକ ଆଶ୍ରୟ ସ୍ଥଳ କରିଛନ୍ତି । ଗୋଡ଼ ତାଙ୍କର ପୋଡ଼ି ହୋଇ ଯାଇଛି । ବିଲାତ ପଢ଼ୁଆ ପୁଅ ବୋହୂମାନେ ଗାଁ ର ନୂଆଁ ଶିଆ ଘର ମଥାନକୁ କେବେ ପଶୁରି ନାହାଁନ୍ତି । ସବୁ ଦିନିଆ ସରକାରୀ ସୁବିଧାଆ ଜନାର୍ଦ୍ଦନବାବୁ କେବେ ଯେ ଗାଁ ରେ ଏପରି ଅବସ୍ଥାରେ ରହିବେ, ଏହା ସ୍ୱପ୍ନରେ ବି କଳ୍ପନା କରି ନଥିଲେ । ତେଣୁ ଘରଗୁଡ଼ିକର ଏପରି ଜୀର୍ଣ୍ଣ ଅବସ୍ଥାକୁ ପାଣି ପବନ ବଳି ପଡ଼ିଲା—ସବୁ ଭୂଇଁରେ ମିଶାଇ ଦେଲା । ସବୁ ଧୋଇ ହୋଇଗଲା ।

ଅନୁରାଧାକୁ ଗାଁ ର ଅନେକ ଚିହ୍ନି ପାରିଲେ ନାହିଁ । ତଥାପି କେହି କେହି ନିଶ୍ଚୟ ଚିହ୍ନୁ ଥିଲେ—ତଥାପି ଅନୁରାଧା ଲଜ୍ଜାରେ ସଢ଼ି ଯାଉଥାନ୍ତି ।

ପିତା ପୁତ୍ରୀର ଚାରି ଚକ୍ଷୁ ଏକାଠି ହେଲା । ଜନାର୍ଦ୍ଦନ ବାବୁ କିଛି କହି ପାରୁ ନ ଥାନ୍ତି ।

ଅନୁରାଧା ଆଖିର ଲୁହ ପୋଛି ବାପାଙ୍କୁ ବହୁତ ଆଶ୍ୱାସନା ଦେଇ ହାତ ଗୋଡ଼ରେ ହାତ ବୁଲାଇ ଦେଉ ଥାଆନ୍ତି । ଗାଁ ର ସରପଞ୍ଚ ଆସି ବାପାଙ୍କୁ ପ୍ରାଇୟଟସ୍ ରିଲିଫ କାର୍ଡ ଦେଇଗଲେ । ଅକ୍ଷମ ଓ ଅପାରଗ ବୃଦ୍ଧ ବୃଦ୍ଧାଙ୍କୁ ଏହି ମାଗଣା ରିଲିଫ କେତେ ଦିନ ପାଇଁ ମିଳିବ ?

ଅନୁରାଧାଙ୍କ ଆଖିରେ ଚଳଚ୍ଚିତ୍ର ପରି ଭାସିଗଲା ତାଙ୍କ ପିଲାଦିନର ଦୃଶ୍ୟ—ସେ କାର୍ଡଟିକୁ ଧରି କେବଳ କାନ୍ଦିଲେ—କାନ୍ଦିଲେ ବୃଦ୍ଧ ଜନାର୍ଦ୍ଦନ । ଆଉ ସେ ମା ସମ୍ବଳ କିଛି ନାହିଁ । ଯାହା ପେନ୍‌ସନ ମିଳିବ, ସେଥିରୁ ପ୍ରାୟ ସବୁ କରଜ ଶୁଝାରେ ଯିବ । ତିନ ... ସବୁ ପୁଅମାନଙ୍କୁ ବିଲାତ ଆମେରିକା ପଠେଇବାରେ ବିକ୍ରୀ ହୋଇ... ଆଉ କ'ଣ ଅଛି ଯେ ମାଆ—ଏ ବୁଢ଼ା ଚଳିବ ?

ବାପା —ମୁଁ ପୁଅ ନା ଝିଅ ?

ତୁ ତ ମା ଝିଅ ବୋଲି ତୋର ବିନା ଦୋଷରେ ତୋତେ ... ତଡ଼ି ଦେଲି—ସେମାନେ ପୁଅ ବୋଲି ତାଙ୍କର ଲକ୍ଷେ ଦୋଷରେ ... ଘରୁ ତଡ଼ି ଦେବା କଥା ଭାବି ପାରୁନାହିଁ । ସେମାନେ କିନ୍ତୁ ଆ... ଆପେ ତଡ଼ି ହୋଇଗଲେ ।

" ବାପା ମୁଁ ଗୋଟିଏ କଥା କହିବି, ତୁମେ ରଖିବ ?"

"ମାଆ ତୋ ଜୀବନର ଶ୍ରେଷ୍ଠ କଥାତ ଏ ଅଧମ ବାପା ... ପାରି ନ ଥିଲି, ଆଜି ଆଉ କ'ଣ ରଖି ପାରିବ ?"

"— ନାଁ ବାପା—ଏ ସେପରି କିଛି ନୁହେଁ । ତମେ ... ରିଲିଫ କେନ୍ଦ୍ରରୁ ପ୍ରତିଦିନର ଆହାର ଆଣି ପାରିବ ନାହିଁ । ଏ... ମୁଁ ବଞ୍ଚି ଥାଉ ଥାଉ ସହି ପାରିବି ନାହିଁ ।"

" ମାଆ, କ'ଣ ଆଉ କରିବି—? ବଞ୍ଚି ଥିବା ଯାଏଁତ ଏ ... ଭଗାରୀ । ବର୍ତ୍ତମାନ ଆଉ ଉପାୟ କଣ ?"

"ବାପା ଉପାୟ ଅଛି । ମୋର କିଛି ସଞ୍ଚିତ ଅର୍ଥ ଅଛି । ... ତୁମକୁ ନେଇ ଚାରି ପାଞ୍ଚ ମାସ ଚଳିବାକୁ ହେବ । ଗାଁ ରେ ... କ୍ଷେତ ଉଠିଆ ଯଦି ହେବ, ମୁଁ ଆସି ତୁମକୁ ନେଇ ଯିବି ବାପା ।"

" ମାଆ ତୋ ଧନ—ସୁମନର ଅନୁପସ୍ଥିତିରେ କିପରି ... ଗ୍ରହଣ କରିବି ?"

" ବାପା—ଆପଣ ବୁଝୁ ନାହାନ୍ତି—ଏ ଟଙ୍କା ... ଆପଣଙ୍କର ଆଶୀର୍ବାଦରୁ ମୋର—ଯେଉଁଦିନ ମୁଁ ମାଟ୍ରିକ ... ବୁଝି ପାଇଥିଲି ଆପଣ ସେଇଦିନ ଏ ଟଙ୍କା ମୋ ନାମରେ ... ସଞ୍ଚୟ ଯୋଜନାର ସାର୍ଟିଫିକେଟ କିଣି ଦେଇଥିଲେ । ... ଦିନଠାରୁ ଏ ସାର୍ଟିଫିକେଟ ମୋ ବହି ପତ୍ର ଭିତରେ ଏଉ ... କାଟି ଗଲାଦିନ ମୋ ସଙ୍ଗେ ସଙ୍ଗେ ମୋ ଅଜ୍ଞାତ ସାରରେ ... ଯାଉଥିଲା ବାପା, ଝିଅ ହୋଇତ କିଛି କରି ପାରିଲି ନାହିଁ—...

ଏବେବି ଅଭାବଃ ତୁମ ମାନ ମର୍ଯ୍ୟାଦା ଲାଗି କାର୍ଯ୍ୟରେ ଲଗୁ । ତୁମେ ନାହିଁ କର ନାହିଁ ବାପା—ଏହି ଟଙ୍କା ଉପରେ କାହାରି କର୍ତ୍ତୃତ୍ୱ ନାହିଁ।”

ଅନୁରାଧା ଆଖିରୁ ଅବାରିତ ଲୋତକ ବାଧା ମାନୁନି—

ଅବର୍ଣ୍ଣ ବିସ୍ଫାରିତ ନେତ୍ରରେ ଚାହିଁ ରହିଛନ୍ତି ବୃଦ୍ଧ—ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ଜନାର୍ଦ୍ଦନ ବାବୁ ।

ପୁଅମାନଙ୍କ ପାଠ ପଢ଼ାରେ ସର୍ବସ୍ୱାନ୍ତ ହେବାପରେ ମଧ୍ୟ ସେମାନେ ପଛକୁ ଫେରି ଚାହିଁ ନାହାନ୍ତି । ନିଜେ ଦୁଇ ହାତରେ ମୁଠା ମୁଠା ଟଙ୍କା ରୋଜଗାର କଲେ ମଧ୍ୟ ଜୀବନର ଏଇ ଦିଗଟିକୁ ସଂପୂର୍ଣ୍ଣ ଭୁଲି ଯାଇଛନ୍ତି । ବାତ୍ୟା କେବଳ ତାଙ୍କ ଘରଦ୍ୱାର ବାଡ଼ି ଖମାର ଭାଙ୍ଗି ଦେଇନି—ବାତ୍ୟା ତାଙ୍କ ମାନ, ମହତ—ଉଚ୍ଚତ ସମୁଦ୍ରର ଲୁଣା ଜୁଆରରେ ଭସାଇ ନେଇଛି । କିନ୍ତୁ ଆଜି ସୃଷ୍ଟ ବିତାଡ଼ିତ ବନ୍ୟାର ଏ ସେଇଁ କାଗଜ ଖଣ୍ଡ ତାଙ୍କ ସମ୍ମୁଖରେ ସେଇ ଅପେକ୍ଷା ଅଶୋଭା ଭିଖ ଧରିଛି—ତାକୁଇ କେହି ଉଭାଇ ନେଇ ପାରି ନାହାନ୍ତି । ତାହା ଏକାନ୍ତ ଭାବେ କନ୍ୟା ଅନୁରାଧାର କେବେ ଅସମୟରେ ଏହି ସାର୍ଟିଫିକେଟ ଖଣ୍ଡିକ ରୋଜଗାରିଆ ପୁଅ ପରି ଠିଆ ହେଇ ସତେ—?

( ଶ୍ରୀମତୀ ଆସ୍ପର୍ଣ୍ଣ ଜଣେ ସୁଲେଖିକା ଓ ଭାରତୀୟ ରେଡ଼କ୍ରସ ସୋସାଇଟିର ସଦସ୍ୟା । ତାଙ୍କର ସେବାକାର୍ଯ୍ୟ ପାଇଁ ନିକଟରେ ସେ ରେଡ଼କ୍ରସ ପଦକ ପାଇଛନ୍ତି ।)

ଦେଶ ଦେଶ ମଧ୍ୟରେ ଥିବା ସମୁଦ୍ରକୁ ତରିବା ସହଜ; କିନ୍ତୁ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଓ ଜାତି ଜାତି ମଧ୍ୟରେ ଯେଉଁ ବିଭେଦର ସମୁଦ୍ର, ତାକୁ ତରିବା କଷ୍ଟକର ।

‘‘ଗାନ୍ଧିଜୀ”

ରବୀନ୍ଦ୍ରନାଥ ଦାସ

# ଅପରାହ୍ନର ଛାଇ

ରାୟ ବଂଶର ବଧୂ ହୋଇ ଆସିଲେ ସୁମିତ୍ରା । ତାଙ୍କର ଗୋରା ମୁହଁରେ ସେହି ସିନ୍ଦୁର ଟୋପା, ଆଖିରେ ଧାରେ କଜଳ ଓ ହାତରେ ସେହି ସରୁ ସୁନା କଙ୍କଣ ଦୂରପଟରେ ସେ ଚମତ୍କାର ଦିଶୁଥିଲେ । ତାଙ୍କର ସେହି ନାଲି ନାଲି ଓଠରେ ହସର ଧାର ସବୁବେଳେ ଲାଗି ରହିଥିଲା । ଶାଶୂ ସୂର୍ଯ୍ୟମଣି ସମସ୍ତଙ୍କ ଆଗରେ କହି ବୁଲିଲେ "ମୋ ବୋହୂ ସାକ୍ଷାତ ଲକ୍ଷ୍ମୀ" । ଏ କଥା ବା ମନା କରିବ କିଏ— ସୁମିତ୍ରା ଯେମିତି ଗୋଟିଏ ସୁନାରେ ଗଢ଼ା । ଗାଁ ର ସଭିଏଁ କହିଲେ "ରାୟ ସିନା ଧନ ହାରିଲେଣି ହେଲେ ଲକ୍ଷ୍ମୀ ପାଇଛନ୍ତି" । ସୁମିତ୍ରାଙ୍କର ପ୍ରାକ୍ ବିଶ୍ୱବିଦ୍ୟାଳୟ ପାଠରେ ଡୋରି ବନ୍ଧା ହେଲା । ତାଙ୍କର ଅତି ଆଦରର ବହି ଅର୍ଥନୀତି ସହ ଗୃହ ବିଜ୍ଞାନ ସ୍ୱାମୀଙ୍କର ଇଂରାଜୀ ଦୈନିକ ଷ୍ଟେଟସମ୍ୟାନର ମୋଟାଏ ପୁରୁଣା ଅଦିଆ ଗଦା ଭିତରେ କେଉଁଠି ହଜିଗଲା ।

ସୁମିତ୍ରାଙ୍କୁ ପ୍ରଥମେ ରାୟ ବଂଶର ଏହି ରାୟ ମହଲ କେମିତି କଇଦଘର ପରି ଲାଗୁଥିଲା । ରାୟ ମହଲ ଅତୀତ ଜମିଦାରୀ ସ୍ମୃତିର ମୂକ ସାକ୍ଷୀ—ଏହାର କଡ଼ିକାଠ ପୁରୁଣା ହୋଇ ଗଲଣି ଲଟା ଲଗୁଛି । ଏତେ ବଡ଼ ଘର ଭିତରେ ମାତ୍ର ସେ ତିନିଜଣ—ସେ ନିଜେ, ଶାଶୂ ଓ ଶ୍ୱଶୁର । ସ୍ୱାମୀ ସୁବ୍ରତ କଟକରେ ଶନିବାର—ଛୁଟି ଦିନରେ ଆସନ୍ତି । ଓଡ଼ିଶା ପ୍ରଶାସନିକ ସଂସ୍ଥାର ଜଣେ ଅଧସ୍ତନ ଅଫିସର । କେତେ ବା ଦରମା । ଶ୍ୱଶୁର ସୁରଥ ମାଣିକ୍ୟ ରାୟ ଥରେ ଥରେ ସେହି କଥା କୁହନ୍ତି । ମୋର ସୁନାଗଡ଼ି ମୌଜାର ଖଜଣାରୁ ମୁଁ ଯାହା ପାଉଥିଲି ସୁବ୍ରତ ଦରମା ତା ଦଶ ଭାଗରୁ ଭାଗେ ବି ନୁହେଁ । ସୁବ୍ରତର ଚାକିରୀକୁ ସେ ପସନ୍ଦ କରୁ ନଥିଲେ । ମାତ୍ର ଅସ୍ତଗାମୀ ସୂର୍ଯ୍ୟର ଶେଷ ଆଲୋକକୁ କେତେ ବା ଭରସା ରଖା-ଯାଇପାରେ ? ସୁବ୍ରତ ଭଲ ଛାତ୍ର ଥିଲେ ବି ଶାସନ ଅଭାବରୁ ସାମାନ୍ୟ ଉଚ୍ଛୃଙ୍ଖଳ ହୋଇ ପଡ଼ିଥିଲେ । ଏ କଥା ମା ସୁଜାତା ସ୍ୱାମୀ ସୁରଥଙ୍କୁ ବହୁଥର କହିଲେଣି । ମାତ୍ର ପ୍ରାକ୍ତନ ଜମିଦାର ସାହେବ ତାଙ୍କର ସେହି ନିଶରେ ହାତ ମାରି ବେପରୁଆ ହସ ହସି କହିଲେ, "ତୁମେ ଆସିଲା ପରେ ମୁଁ ଯେମିତି ଠିକ୍ ହୋଇଗଲି ବୋହୁମା ଆସିଲା ପରେ ପୁଅ ତୁମର ଠିକ୍ ସେମିତି ହୋଇଯିବ" । ଏମ୍ ଏ. ରେ ସୁବ୍ରତ ପ୍ରଥମ ଶ୍ରେଣୀ ପାଇଲେ ନାହିଁ । ଚାକିରି ବୟସ ସୀମା ଶେଷ ହେବାକୁ କେତେଦିନ ଥିଲା ସେ ହଠାତ୍ ପରୀକ୍ଷା ଦେଇ ଦେଲେ, ଚାକିରୀ ବି ହୋଇଗଲା । ତା'ପରେ ସୁବ୍ରତ ଓ ସୁମିତ୍ରାଙ୍କ ବିବାହ—ଏହା ଏକ ଆକସ୍ମିକତା ନୁହେଁ ତ ଆଉ କ'ଣ ।

ପ୍ରାକ୍ତନ ଜମିଦାର ସୁରଥ ମାନଧାତା ରାୟଙ୍କର 'ବୋହୂ ହେଇପାରି ବଂଶର ଆଭିଜାତ୍ୟ ହୁଏତ ରମେଶ ସାମନ୍ତରାୟଙ୍କର ଏକମାତ୍ର ସୁମିତ୍ରାର ନ ଥାଇ ପାରେ, ହେଲେ ଭାଗ୍ୟର ବିଡ଼ମ୍ବନା । ସୂର୍ଯ୍ୟମଣି ସୁମିତ୍ରାଙ୍କୁ ଦେଖି ମୁଗ୍ଧ ହୋଇ ଯାଇଥିଲେ । ତାଙ୍କର ମନେ ହେଲା ଏଇ ହେଉଛି ରାୟ ବଂଶର ପ୍ରକୃତ ବୋହୂ ଯାହାକୁ ସେ ବହୁଦିନ ହେଲା ଖୋଜି ବୁଲୁଛନ୍ତି ।

ରାୟ ସାହେବଙ୍କ ତରଫରୁ ଏ ବିବାହ ଉତ୍ସବ ଖୁବ ଆଡ଼ମ୍ବରରେ ହୋଇଥିଲେ ମଧ୍ୟ ଅହମିକାର ଦମ୍ଭ ଆଭିଜାତ୍ୟର ଝୁଟା ତୋଫାନ ତଥା ଅଯଥା ଅର୍ଥବ୍ୟୟ ସୁମିତ୍ରାଙ୍କର ସେହି ଚିର-ହାସ୍ୟ ଭିତରେ ବିଷର୍ଣ୍ଣତାର ସରୁ ଗାରଟିଏ ହୋଇ ଲୁଚି ରହିଥିଲା । ଏ ବିବାହ ଘର ପାଇଁ କେଉଁଠୁ ଅର୍ଥ ଆସିଲା, ସେ କଥା କେହି ଜାଣନ୍ତି ନାହିଁ ।

ସମୟ କାହାକୁ ଅପେକ୍ଷା କରେ ନାହିଁ । ସେ ଅତି ନିଷ୍ଠୁର–ତେଣୁ ତା'ର ଉପହାର ଅତି ନିର୍ମମ । ସୁମିତ୍ରା ଆଜି ଗୋଟିଏ ସନ୍ତାନର ଜନନୀ । ଲୁଲୁଟୁକୁ ତିନି ବର୍ଷ ହେଲଣି । ଶ୍ୱଶୁର ସୁରଥ ମାନଧାତା ରାୟ ଶାଶୂ ସୂର୍ଯ୍ୟମଣି ଇହଧାମରୁ ବିଦାୟ ନେଲେଣି । ରାୟ ମହଲର ଉପର ପାଖଟା ମାଟିରେ ମିଶିଗଲାଣି । ସୁମିତ୍ରାଙ୍କ ମୁହଁରେ ବୟସର କେତୋଟି କ୍ଳାନ୍ତ ଛାପ । ସୁବ୍ରତଙ୍କ ମନରେ ବିଷର୍ଣ୍ଣ ଅପରାହ୍ନର ନୀରବତା । ସୁମିତ୍ରା ଏବେ ସ୍ୱାମୀ ସହ କଟକରେ ରହୁଛନ୍ତି । ଶ୍ୱଶୁର ଶାଶୂଙ୍କ ମୃତ୍ୟୁ ସହ ରାୟ ବଂଶର ଖାଲି କର୍ପୂର ନୁହେଁ କନା ର ସ୍ମୃତି ବି ହଜି ଗଲା ।

ସୁବ୍ରତଙ୍କ ଛୋଟ ପରିବାରରେ ଅଭାବର ଛାଇ--ସୁମିତ୍ରା ହୁଏତ ଘରକୁ ବହୁତ ସଜାଡ଼ି ନେଇଛନ୍ତି । ଚାକିରୀର ପ୍ରଥମରେ ସୁବ୍ରତଙ୍କୁ ଦରମା ଅଣ୍ଟୁ ନଥିଲା—ଘରୁ ଟଙ୍କା ଆସୁଥିଲା । ସୁବ୍ରତ ଥିଲେ ଅମିତବ୍ୟୟୀ । ବାପା ସୁରଥ ମାନଧାତା ରାୟ ଜମି ବିକି ଜମିଦାରୀର ନଷ୍ଟ ଆଭିଜାତ୍ୟକୁ ବଞ୍ଚାଇ ରଖୁଥିଲେ ।

ସୁମିତ୍ରା ଏବେ ସବୁ ଖର୍ଚ୍ଚର ହିସାବ ରଖୁଛନ୍ତି । ପାରିବାରିକ ବିଜ୍ଞାନ ସିନା କଲେଜରେ କାମ ଦେଇନି, ଜୀବନରେ ଏବେ କାମ ଦେଉଛି । କଟକରେ ତ ଅଛନ୍ତି, ଘର ଭଡ଼ା ପଡୁନି । ଗାଁରୁ ଚାଉଳ ଆସୁଛି ।

ସୁବ୍ରତଙ୍କର ଘି ଓ ସିଗାରେଟ ଖର୍ଚ୍ଚ ବହୁତ କମି ଯାଇଛି । ସୁବ୍ରତ ପ୍ରଥମେ ହସିଥିଲେ । କହିଲେ 'ସୁମି, ସବୁ କଥାର ହିସାବ ରଖି ତୁମେ ଜୀବନକୁ ଏକ ନୀରସ ହିସାବ ଖାତା କରି ଦେଉଛ" । ସୁମିତ୍ରା ହସିଥିଲେ—ତୁମପରି ମୁଁ ବେଶି ପାଠ ପଢ଼ିନି । ହେଲେ ଛୋଟ ଘରଟିର ସବୁ ଦାୟିତ୍ୱ ମୋ ଉପରେ । ସତରେ ସୁମିତ୍ରା ଓ ସୁବ୍ରତଙ୍କ ଛୋଟ ଜୀବନଟି ଲୁଲୁଟୁକୁ ନେଇ ହସି ଉଠୁଛି । ସୁମିତ୍ରା କହୁଥିଲେ ଅଯଥା ଖର୍ଚ୍ଚ ଓ ଅଯଥା ନଷ୍ଟ ଦ୍ୱାରା ତୁମ ଦରମାର ଅଧାର ପ୍ରାୟ ଖର୍ଚ୍ଚ ହୋଇ ଯାଉଥିଲା । ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିବା ଓ ଦରକାରଠାରୁ ଅଧିକ ନେଇ କରି ନଷ୍ଟ କରିବା ମହାପାପ ତୁମେ ଆଉ ମୁଁ କେହି ଜାଣି ପାରିଲେ ନାହିଁ—ଆମ ଭିତରେ ମିଛିମିଛିକା ଅଭାବ ସୃଷ୍ଟି କରି ନିଜେ କେମିତି ହତ ସର୍ବ ହେଉଛୁ । ତୁମର ଆଜିର ଖର୍ଚ୍ଚ ସହ ଗତ ୩ ବର୍ଷ ତଳର ଖର୍ଚ୍ଚ ଯଦି ତୁଳନା କର ଦେଖିବ ଅଧିକା ଖର୍ଚ୍ଚ କେତେ ହେଉଥିଲା । ସୁମିତ୍ରାଙ୍କର ସବୁକଥା ସୁବ୍ରତ ବୁଝନ୍ତି ନାହିଁ—ତାଙ୍କର ଷ୍ଟେଟସମ୍ୟାନ୍ କାଗଜ କେତେଟା ଇଂରାଜୀ ଓଡ଼ିଆ ପତ୍ରିକା ବନ୍ଧୁ ବାନ୍ଧବଙ୍କର ପ୍ରକୃତ ସମ୍ବର୍ଦ୍ଧନା— ମାସରେ ୪ଥର ସିନେମା—ଦିନରେ ୪ଟା ସିଗାରେଟ—ବେଶ୍ ଏଇଥିରେ ତାଙ୍କର ଜୀବନ ପ୍ରବାହ ଗଡ଼ି ଯାଏ । ସୁବ୍ରତ ହସନ୍ତି– "ତୁମେ ଜୀବନଟାକୁ ରୁଟିନ୍ କରି ଦେଲ ସୁମି ?" . . ସୁମିତ୍ରାଙ୍କର ଓଠରେ ସେହି ଚିର ପରିଚିତ ହସ—"ତା ନ ହେଲେ ସମୟ ଆମକୁ ଠକି ଦେବ ଯେ" ।

ଲୁଲୁଟୁ ଝିଅକୁ ୩ ବର୍ଷ ହେଲଣି । ତା'ର ବହୁତ ଖର୍ଚ୍ଚ ଆଗକୁ ଅଛି । ସୁବ୍ରତ କହୁଥିଲେ ୩ ବର୍ଷ ହେଲାଣି –ଟ୍ରାନ୍ସଫର ହୋଇପାରେ – ଦୂର ଜାଗାକୁ ଗଲେ ଚାଉଳ ଗାଁରୁ ଆସି ପାରିବନି, ଖର୍ଚ୍ଚ ନିଶ୍ଚୟ ବଢ଼ିବ । ସୁବ୍ରତ ଆଜିକାଲି କେମିତି ଛୋଟ ପିଲା ହୋଇ ଯାଉଛନ୍ତି– ସବୁ କଥାରେ ଖାଲି ସୁମି—ସୁମି—ସୁମି—ମୋର ଷ୍ଟେଟସମ୍ୟାନ କାହିଁ ? ଝଙ୍କାର ଏ ମାସରେ ଆସିଲାଣିନା ? ଆଜି ଦ୍ୱିପହରକେ ବେଙ୍ଗଲର ଇଲେକ୍ସନ ରିଜଲ୍ଟ କ'ଣ ଇତ୍ୟାଦି ?

## ଦୁଇ

ସୁବ୍ରତଙ୍କର ଅଫିସରୁ ଆସିବା ଡେରି ହେଉଛି । ଏମିତି କେବେ ଡେରି ହୁଏନା । ଲୁଲୁଟୁ ସବୁବେଳେ ବାବା କେତେବେଳେ ଆସିବେ କହି ବ୍ୟସ୍ତ କରି ଦେଉଛି । ସୁମିତ୍ରାଙ୍କ ମନ ଥୟ ହେଉନି ଅଫିସକୁ ଫୋନ କଲେ । ସୁବ୍ରତ ବହୁତ ବେଳୁ ବାହାରିଗଲେଣି । ସୁବ୍ରତଙ୍କର କଣ ହେଲା ? ମନଟା ସତରେ ଭଲ ଲାଗୁନି । ସୁମିତ୍ରା ମନେ ମନେ ଭାବୁଥିଲେ ତାଙ୍କର ୫ ବର୍ଷର ବୈବାହିକ ଜୀବନରେ ଆଜି କେମିତି ଅଦିନ ଝଡ଼ ଦେଖା ଦେଉଛି । ତାଙ୍କର ସମସ୍ତ ଲକ୍ଷ୍ୟ ଭୁଲ ହେଇ ଏ

ଘରକୁ ସଜାଡ଼ିଥିଲେ ଓ ଆଜି କେମିତି ସବୁ ଅସଜଡ଼ା ପରି ମନେ ହେଉଛି । ସତେ ଯେମିତି ଏକ କାଚଘର—ଆଜି ସାମାନ୍ୟ ଆଘାତରେ ଭାଙ୍ଗି ଭୁଙ୍ଗି ଚୁରମାର ହୋଇ ଯାଉଛି ।

ସୁବ୍ରତ ଆସି ନାହାଁନ୍ତି । ତାଙ୍କର କଣ ଛିଡ଼ି ମନେ ପଡୁନି । ସୁବ୍ରତ ଅଫିସ ଯିବା ଆଗରୁ ଅନେକ ଥର କୋଳାଗ୍ନି ଘରେ ପଢ଼ୁଥିଲେ—ଚିତ୍ରାଭିନେତା ସହରର ଚିତ୍ରନ୍ତି ଅନେକରେ ନୋଷ୍ଟା ମ୍ଳାନ ହୋଇଥିଲେବି ପାଣ୍ଡୁର କହୁଟା ଆକାଶର ଦେଖ ଉପରକୁ ଉଠିଗଲଣି—ଘଣ୍ଟା ନ ଦେଖି ନିଶ୍ଚିତ ଭାବରେ ନଅଟାରୁ ଅଧିକ ହେଲଣି ବୋଲି ବୁଝାପାଉ ଥାଏ ? ସୁବ୍ରତ ଥିଲେ ବର୍ତ୍ତମାନ ଇଂରାଜୀ ସମ୍ବାଦ ଶୁଣୁଥାଆନ୍ତେ—

ସୁବ୍ରତ ଆସୁଛନ୍ତି—ସୁବ୍ରତ ଆସିଲେ—ଏହି ସୁବ୍ରତ ଘରେ ପହଞ୍ଚିଗଲେ—ସୁମିତ୍ରାଙ୍କର ସମସ୍ତ ଅହେତୁକ ଚିନ୍ତାର ଅବସାନ ହେଲ—କିନ୍ତୁ ଏ କ'ଣ ? ·

ସୁବ୍ରତଙ୍କୁ ଯେମିତି ମୋତେ ଚିହ୍ନୁ ହେଉନାହିଁ । ଆଖି ଯୋଡ଼—ମୁହଁରେ କେମିତି ବିବର୍ଣ୍ଣତାର କଳା ମେଘ—ମୁଣ୍ଡର ବାଳଗୁଡ଼ିକ ପୁଞ୍ଜ ପୁଞ୍ଜ ହୋଇ ରହୁଛି—ସେ ଏମିତି ଗମ୍ଭୀର କାହିଁକି ? ସବୁ ଦିନପରି ଲୁଚିଟିକୁ କୋଳକୁ ଟେକି ନେଉ ନାହାଁନ୍ତି—ସୁମି ଷ୍ଟେଟସମ୍ୟାନ୍‌ଟା କାହିଁ—ଚିତ୍କାର କରୁ ନାହାଁନ୍ତି ସେ—

ପରିବେଶକୁ ସରଳ କରିବାକୁ ଯାଇ ସୁମିତ୍ରା କହିଲେ, କିଅ କଫି କିଅ—ଏମିତି ଡେରି ହେଲା କାହିଁକି ? ସୁବ୍ରତ କିଛି ସମୟ ଚୁପ୍ ରହିଲେ । ତା'ପରେ ପିଲାଙ୍କ ପରି କହିଁ କହିଁ ହୋଇ କାନ୍ଦି ଉଠି ଚିତ୍କାର କଲେ—''ସୁମି ସବୁ ସର୍ବନାଶ ହୋଇଗଲା ''—

ସୁମିତ୍ରା କହିଲେ—'' କିଅ କଫିଟା ଥଣ୍ଡା ହୋଇଯିବ—ପିଇଦିଅ, ପରେ କଥାବାର୍ତ୍ତା ହେବା—ରାତି ବି ବହୁତ ହେଲଣି''—ସେ କହିଲେ ଏହି ଦୁଇ ଦିନ ମଧ୍ୟରେ ଘର ଛାଡ଼ିବାକୁ ହେବ—ବାପା ମୋ ବିବାହ ଘରକୁ ୧୫ ହଜାର ଟଙ୍କା ଧାର କରିଥିଲେ—ସେ ସୁଧ ମୂଳ ହୋଇ ୨୦ ହଜାର ଟଙ୍କା ହେଲଣି—ମହାଜନ ଏକ ଡଗ୍ରୀ ଡିକ୍ରି କରିନେଇଛି—କାଲି ଟଙ୍କାପରିଶୋଧ ନ କଲେ ପହରିଦିନ ଘର ଛାଡ଼ିବାକୁ ହେବ—ତୁମେ କୁହ ସୁମି, ମୋତେ ସମସ୍ତେ କ'ଣ କହିବେ—ମୁଁ କେମିତି ମୁହଁ ଦେଖାଇବି—ସୁମିତ୍ରା ହସିଲେ ''ଏମିତି ବ୍ୟସ୍ତ ହେଲେ ସହଜ କଥାଟା ଜଟିଳ ମନେ ହୁଏ—ସମସ୍ୟା ସମାଧାନ ହୁଏନା—ତୁମ ବାପା ହୁଏତ ବୁଝା ଅଭିଜାତର ତିରିଶିମ ପିଟି କେତେ ହଜାର ଟଙ୍କା ଯୋଡ଼ି ଦେଲେ, ଯାହା ପାଇଁ ତୁମକୁ ଆଜି ଅନୁତାପ କରିବାକୁ ପଡୁଛି । ବ୍ୟସ୍ତ ନ ହୋଇ କଫିଟା ପିଇଦିଅ । ଲୁଇଟୁ ତୁମକୁ ଖୋଜି ଖୋଜି ଶୋଇ ପଡ଼ିଲା—

ସୁବ୍ରତ କହିଲେ '' ତୁମେ କ'ଣ ବୁଝି ପାରୁନା ସୁମି, ଏତେବଡ଼ ସର୍ବନାଶ ପରେ ମୋତେ ପୁଣି ଖାଇବାକୁ କହୁଛ ''—ଏତେ ଟଙ୍କା ମୁଁ କୁଆଡୁ ଆଣି ଦେବି—

ସୁମିତ୍ରା କହିଲେ, ତୁମେ ବ୍ୟସ୍ତ ହୁଅ ନାହିଁ—ମୁଁ ଟଙ୍କା ଦେବି—ସୁବ୍ରତ ପଚାରିଲେ—'' ତୁମେ ଦେବ, ମୋତେ କ'ଣ ଥଟ୍ଟା କରୁଛ ?''ସୁମିତ୍ରା କହିଲେ, ମୁଁ କାହାକୁ ଥଟ୍ଟା କରେ ନା—ବିପଦ ସମୟରେ ପରିହାସ ଭଲ ନୁହେଁ—ତୁମ ବାପାଙ୍କର ମରିବାର କେତେ ଦିନ ଥିଲା, ମୋତେ ୨୫ ହଜାର ଟଙ୍କା ଦେଇଥିଲେ—ତାଙ୍କ ଜମିଦାରୀ ଜୀବନର ସମସ୍ତ ସଞ୍ଚୟ—ମୁଁ ସେଥିରୁ ୫ ହଜାର ଟଙ୍କା ତାଙ୍କ ଶୁଦ୍ଧିରେ ଖର୍ଚ୍ଚ କରିବାକୁ ଦେଲି—ଆଉ ୨୦ ହଜାର ଟଙ୍କା ପୋଷ୍ଟ ଅଫିସରେ ଜମା ରଖିଛି—ଏତେ ଦିନ ତୁମକୁ ଲୁଚାଇ ରଖିଥିଲି, ମୋତେ କ୍ଷମା କର—ସୁମିତ୍ରା ପୁଣି କହୁଥିଲେ—ଲୁଇଟୁ ପାଇଁ ସି. ଟି. ଡି ରଖୁଛି—ନିଅ ପିଇ—ଆଗକୁ ଟଙ୍କା ଦରକାର—ମଣିଷ ଜୀବନରେ ଦୁର୍ଦ୍ଦିନ କେତେବେଳେ ଛପି ଛପି ଆସେ କେହି ହୁଏତ ଜାଣି ପାରେ ନା—ଜୀବନ ଅପରାହ୍ନରେ ହଠାତ୍ ଦୁର୍ଦ୍ଦିନର ଛାଇ ଦେଖାଦିଏ—ସେଇଥିପାଇଁ ସଞ୍ଚୟ ଦରକାର—

ସୁବ୍ରତ କିଛି ବୁଝି ପାରୁ ନଥିଲେ—ଏତିକି ବେଳେ ଲୁଇଟୁ ଉଠିଲା । ସୁବ୍ରତ ତାକୁ କୋଳକୁ ଟାଣି ନେଲେ । ଓଠରେ ତାଙ୍କର ଆଶ୍ଚର୍ଯ୍ୟ ଓ ଅବିଶ୍ୱାସର ହସ । ସୁମିତ୍ରା ସେ ଦୁହିଁଙ୍କୁ ଚାହିଁ ରହିଥିଲେ—ବର୍ତ୍ତମାନ—ଓ—ଭବିଷ୍ୟତ—ଓଠରେ ଆଶ୍ଚର୍ଯ୍ୟର ହେଲ—ସୁବ୍ରତଙ୍କ କଫି କପ୍‌ଟା ଥଣ୍ଡା ହୋଇ ଯାଉଥିଲା ।

( ଲେଖକ ଶ୍ରୀ ଦାସ ହେଉଛନ୍ତି ଓଡ଼ିଶା ପ୍ରଶାସନିକ ସେବାର ଜଣେ ସଦସ୍ୟ ଓ ବର୍ତ୍ତମାନ ଡାକବେରଠାରେ ନିଜାରତ ଅଫିସରଭାବେ କାମ କରୁଛନ୍ତି ।)

# ସ୍ୱଳ୍ପ ସଞ୍ଚୟର ଅଗ୍ରଗତି

ଚଳିତ ଅର୍ଥିକ ବର୍ଷ ମଧ୍ୟରେ ଓଡ଼ିଶାରେ ନିଟ୍ ୫୫୩ ଲକ୍ଷ ଟଙ୍କା ସ୍ୱଳ୍ପ ସଞ୍ଚୟ ସୂତ୍ରରେ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ହେଡ୍ ପୋଷ୍ଟ ଅଫିସର ପୋଷ୍ଟ ମାଷ୍ଟର ଓ ଜିଲ୍ଲାପାଳମାନଙ୍କ ନିକଟରୁ ମିଳିଥିବା ରିପୋର୍ଟରୁ ଜଣାଯାଉଛି ଯେ ୧୯୭୧ ଅପ୍ରେଲ ପହିଲାଠାରୁ ୧୯୭୨ ଜାନୁଆରୀ ଶେଷ ସୁଦ୍ଧା ନିଟ୍ ଟ ୪,୭୮,୨୨,୮୧୫ ସଂଗୃହୀତ ହୋଇଛି । ତତ୍ ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ଟ ୨,୬୯,୪୨,୩୫୪ ମାତ୍ର ସଂଗୃହୀତ ହୋଇଥିଲା । ୧୯୭୧ ଏପ୍ରିଲ ପହିଲରୁ ୧୯୭୨ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ କେତେ ଅର୍ଥ ସଂଗୃହୀତ ହୋଇଛି ତାହା ନିମ୍ନରେ ପ୍ରଦତ୍ତ ହେଲା—

| ଜିଲ୍ଲାର ନାମ | | ୧୯୭୧-୭୨ ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ (ଲକ୍ଷ ଟଙ୍କା) | ୧୯୭୨ ମସିହା ଜାନୁଆରୀ ୩୧ ତାରିଖ ସୁଦ୍ଧା ସଂଗୃହୀତ ପରିମାଣ (ଲକ୍ଷ ଟଙ୍କା) | |
|---|---|---|---|---|
| ୧. କଟକ | .. | ୭୮ | ୬୬,୯୯,୨୨୯ | |
| ୨. ପୁରୀ | .. | ୫୦ | ୫୮,୩୬,୩୩୨ | |
| ୩. ବାଲେଶ୍ୱର | .. | ୨୦ | ୨୮,୦୨,୯୯୬ | |
| ୪. ମୟୂରଭଞ୍ଜ | .. | ୧୫ | ୧୪,୧୬,୦୩୪ | |
| ୫. ସମ୍ବଲପୁର | .. | ୫୦ | ୩୧,୩୮,୪୭୭ | |
| ୬. ସୁନ୍ଦରଗଡ଼ | .. | ୧୯୫ | ୧,୬୧,୮୨,୬୩୬ | |
| ୭. ବଲାଙ୍ଗୀର | .. | ୧୫ | ୬,୪୨,୩୨୩ | (ଜିଲ୍ଲାପାଳଙ୍କ ରିପୋର୍ଟ) |
| ୮. କେନ୍ଦୁଝର | .. | ୧୫ | ୧୩,୫୩,୮୬୯ | |
| ୯. ଢେଙ୍କାନାଳ | .. | ୧୫ | ୧୦,୮୨,୦୯୧ | |
| ୧୦. ଗଞ୍ଜାମ | .. | ୩୦ | ୨୩,୯୧,୩୯୨ | |
| ୧୧. ଫୁଲବାଣୀ | .. | ୧୦ | ୩,୧୩,୬୯୮ | (ଜିଲ୍ଲାପାଳଙ୍କ ରିପୋର୍ଟ) |
| ୧୨. କୋରାପୁଟ | .. | ୪୦ | ୩୧,୬୫,୧୧୬ | |
| ୧୩. କଳାହାଣ୍ଡି | .. | ୨୦ | ୧୬,୯୮,୫୨୧ | |
| ମୋଟ | .. | ୫୫୩ | ୪,୭୮,୨୨,୮୧୫ | |

ଏଥିରୁ ଦେଖାଯିବ ଯେ ପୁରୀ ଓ ବାଲେଶ୍ୱର ଜିଲ୍ଲା ଉକ୍ତ ଜିଲ୍ଲା ପାଇଁ ନିର୍ଦ୍ଦିଷ୍ଟ ଥିବା ଲକ୍ଷ୍ୟ ଟପି ଯାଇଛନ୍ତି । ଅନ୍ୟାନ୍ୟ ଅନେକ ଜିଲ୍ଲାରେ ସଂଗୃହୀତ ପରିମାଣ ଗତ ବର୍ଷ ଅପେକ୍ଷା ଅଧିକ ହୋଇଛି । ଆଶା କରାଯାଉଛି ଯଦି ଚଳିତ ବର୍ଷର ଅବଶିଷ୍ଟ ସମୟରେ ସଂପୃକ୍ତ ସମସ୍ତଙ୍କର ଉଦ୍ୟମ ଅବ୍ୟାହତ ରହେ ତାହାହେଲେ ଧାର୍ଯ୍ୟ ଲକ୍ଷ୍ୟ ଅକ୍ଳେଶରେ ଅତିକ୍ରମ କରିହେବ ।




୩ ଜଣ ମହିଳା । ୩ଟି ଏକଦମ ଅଲଗା-ଅଲଗା ଚାହିଦା । ଅର୍ଥାତ୍, ୩ଟି ଅଲଗା-ଅଲଗା ଲୁଗାପଟା ଧୋଇବାର ପାଉଡର ?
“ନା, ମୋଟେ ନୁହେଁ,” ଆମର ଗବେଷଣାଗାରର ଟେକ୍‌ନିସିଆନ କହିଲେ, “ଆମେ ଏପରି ଏକ ଲୁଗାଧୁଆ ପାଉଡର
ତିଆରି କରିଛୁ ଯାହା ଏହି ୩ଟି ଚାହିଦା ପୂରଣ କରେ”
ଏହାର ପରିଣାମ:

# ନୂଆ ତ୍ରିବିଧ କ୍ରିୟାଶୀଳ ଡେଟ

* ନୂଆ ଡେଟ୍‌ରେ ଅଧିକ ଶୁଭ୍ର ପାଉଡର ଯେଉଁଥିରେ ସର୍ବୋତ୍ତମ ଶୁଭ୍ରତା ପ୍ରଦାନକାରୀ ଏକ ଉତ୍କୃଷ୍ଟ ଉପାଦାନ ରହିଛି ।

* ନୂଆ ଡେଟ୍ ଲୁଗାପଟାକୁ ଅଧିକ ପରିଷ୍କାର କରିବାକୁ ଥିବା ଶକ୍ତିଶାଳୀ ପାଉଡର ଯାହା ଲୁଗାପଟାରେ ଲାଗିଥିବା ମଇଳାକୁ ସଫା କରି ଦିଏ ଓ ରଙ୍ଗୀନ ଲୁଗାପଟାକୁ ଅଧିକ ଉଜ୍ଜ୍ୱଳ କରି ଦିଏ

* ନୂଆ ଡେଟ୍ ପ୍ରଚୁର ଫେଣ ଦିଏ ଯେଉଁଥିରେ ଲୁଗାପଟାକୁ ନରମ କରିବା ପାଇଁ ଏକ ବିଶେଷ ଉପାଦାନ ରହିଛି । ଏହା ଆପଣଙ୍କ ଲୁଗାପଟାକୁ ସର୍ବାଧିକ ସୁରକ୍ଷା ପ୍ରଦାନ କରେ ଓ ଆପଣଙ୍କ ହାତକୁ ମଧ୍ୟ ମୋଲାୟମ ରଖେ ।

୫ଟି ନୂଆ ସାଇଜରେ ଉପଲବ୍ଧ : ଡେଟ୍ ୨୦୦, ୪୦୦, ୬୦୦, ୮୦୦, ୧୦୦୦




Shilpi-HPMA

# ଆମ ଗ୍ରାମ

## ପ୍ରଗତି ପଥେ କଣ୍ଟାପାଲି

ଅତୀତର ପରମ୍ପରା ଉପରେ ନୂତନ ଜୀବନର ବିକାଶ ପାଇଁ ଏ ଦେଶରେ ଅଗଣିତ ନରନାରୀ ଯେଉଁ ପ୍ରବୁଦ୍ଧ ଉଦ୍ୟମ କରି ଆସିଛନ୍ତି ସେଥିରେ ଅନେକଙ୍କର ଅବଦାନ ଐତିହାସିକ ମୂଲ୍ୟବୋଧରେ ସ୍ୱୀକୃତ ହୋଇଛି । ଏହି ଐତିହାସିକ ମୂଲ୍ୟବୋଧରେ ଏକ ଏକରେ ସମାବେଶ ନେଇ ଅନେକଙ୍କର ସଂଗଠିତ ଶକ୍ତି ଏ ଦେଶ ବା ଜାତିର ଗୌରବପୂର୍ଣ୍ଣ ଅଗ୍ରଗତିକୁ ପରିପୂର୍ଣ୍ଣ ଭାବରେ ଗଢ଼ିଛି ବୋଲି ଏକାନ୍ତ ଭାବରେ ସ୍ୱୀକାର କରିବାକୁ ହୁଏ । କ୍ରମଧାରାରେ ଏ ଦେଶ କର୍ମ ଓ ଜ୍ଞାନରେ ଯେଉଁ ଆଦର୍ଶନ ସୃଷ୍ଟି କରିଛି ତାହା ସମସ୍ତ ବିଶ୍ୱବାସୀଙ୍କୁ ବିସ୍ମିତ କରିଛି । ଦେଶର ଆଦର୍ଶନରେ ଯେଉଁମାନେ ଶ୍ରମନୈବେଦ୍ୟ ଦେଇଛନ୍ତି ସେମାନେ ଅନେକ ହେଲେ ମଧ୍ୟ ତାହା ମଧ୍ୟରେ କଣ୍ଟାପାଲି ଗ୍ରାମର ଅବଦାନ ଆଜି ଆମ ଦିଗ୍‌ଦର୍ଶନର ପଥ ପ୍ରଦର୍ଶକ ହୋଇ ରହିଛି । ଏ ଦେଶରେ ଭୂଗୋଳରେ ଏ ଗ୍ରାମ ଅତ୍ୟନ୍ତ କ୍ଷୁଦ୍ର ହେଲେ ମଧ୍ୟ ଏହାର ଜୀବନସଂଗ୍ରାମରେ ଯେଉଁ ନିଜସ୍ୱ ଚିନ୍ତାଧାରା ପ୍ରକାଶ ପାଇଛି ତାହା ଦେଶର ସଙ୍ଘବଦ୍ଧ ପ୍ରାଣକୁ ଯଥୋଚିତ ଭାବରେ ବିକଶିତ କରିଛି—ଏଥିରେ ସନ୍ଦେହ ନାହିଁ ।

ସ୍ୱପ୍ନଭରା ପଲ୍ଲୀସୌନ୍ଦର୍ଯ୍ୟ ଭିତରେ କଣ୍ଟାପାଲି ଗ୍ରାମ ସମ୍ବଲପୁର ଜିଲ୍ଲାର ଦେଓଗଡ଼ ସବ୍‌ଡିଭିଜନ୍ ଅନ୍ତର୍ଗତ ବାରକୋଟ ପଞ୍ଚାୟତ ସମିତିମଧ୍ୟରେ ଅବସ୍ଥିତ । ଏହି ଗ୍ରାମ ୬ ନମ୍ବର ଜାତୀୟ ରାଜପଥ ଉପରେ ଥିବା ବଲମ ଗ୍ରାମଠାରୁ ପଶ୍ଚିମ ଦିଗକୁ ଏକ କଚ୍ଚା ସଡ଼କରେ ଗଲେ ମାତ୍ର ୧୬ କିଲୋମିଟର ଦୂରରେ ରହିଛି । କଣ୍ଟାପାଲିଠାରୁ ୧୧ କିଲୋମିଟର ଦୂରରେ ରହିଛି ଦେଓଗଡ଼ ସହର । ପ୍ରଧାନ ପାଟ ଓ ବଡ଼ ତଲହା ପର୍ବତର ମଧ୍ୟବର୍ତ୍ତୀ ଭୂଖଣ୍ଡରେ ଯେଉଁ ଗୁଳ୍ମଲତା ପରିବେଷ୍ଟିତ ଅରଣ୍ୟ କଣ୍ଟାବନ ରହିଥିଲା ତାକୁ କାଟି ଯେତେବେଳେ ସୁନାସରିସା ମାଟିର ଏହି ଉର୍ବର ଉପତ୍ୟକା ଖଣ୍ଡ ଆବିଷ୍କୃତ ହେଲା ସେତେବେଳେ ହୁଏତ ଏହି ସ୍ଥାନର ନାମ କଣ୍ଟାପାଲି ରହିବାକୁ ଦ୍ରଷ୍ଟା ଓ ସ୍ରଷ୍ଟା ହିସାବରେ ଗାଁର ପୂର୍ବପୁରୁଷମାନେ ସ୍ଥିର କରିଥିବେ । ଇତିହାସର ଅନନ୍ତ କାଳ ଗର୍ଭରେ ଲୁଚି ଯାଇଥିଲେ ମଧ୍ୟ ଏହିଭଳି କଣ୍ଟକ ବନ ଅଧ୍ୟୁଷିତ ଅଞ୍ଚଳ କଣ୍ଟାପାଲି ହୋଇଥିବା କଥା ଆଜି ହୁଏତ ଅସମ୍ଭବ ବୋଲି ମନେ ହୁଏ ନାହିଁ । ଏବେ ମଧ୍ୟ କଣ୍ଟାପାଲି ଗାଁର ଚାରିଦିଗର ସୁବର୍ଣ୍ଣ ବନାନୀର ଅପୂର୍ବ ଶ୍ରୀ ସମ୍ପଦ ଦେଖିଲେ ଦେହ ଓ ମନରେ ଆନନ୍ଦର କମ୍ପନ ଅନୁଭବ କରିହୁଏ । ପ୍ରକୃତିର ବହୁ ବର୍ଣ୍ଣାଢ଼୍ୟ ରୂପଶ୍ରୀ କଣ୍ଟାପାଲିର ଗ୍ରାମବାସୀଙ୍କୁ ଯେପରି ଯୁଗ ଯୁଗ ଧରି ବିମୁଗ୍ଧ କରିଛି ସେହିପରି ଜୀବନ ସଂଗ୍ରାମର ବହୁ ଉପାଦାନ ପ୍ରକୃତି ତାର ଅନନ୍ତ ଗର୍ଭରୁ ନିର୍ଲିପ୍ତ ଭାବରେ ଯୋଗାଇ ଦେଇ ଆସିଛି ।

କଣ୍ଢାପାଲି ଗ୍ରାମର ୪୭ଟି ପରିବାରର ୩୫୦ ଲୋକଙ୍କୁ ନେଇ ବିଭିନ୍ନ ଶ୍ରେଣୀ ବା ଜାତିଙ୍କ ମଧ୍ୟରେ ପ୍ରିୟ ପରିଜନର ବନ୍ଧନ ଅତି ନିବିଡ଼ ଭାବରେ ରହିଛି। ସମସ୍ତେ ପ୍ରାୟ କୃଷି କିମ୍ବା କୃଷି ଶ୍ରମ ଉପରେ ନିର୍ଭର କରି ବଞ୍ଚନ୍ତି। ତେଣୁ କୃଷି ଉତ୍ପାଦନରେ ଶ୍ରମ ଓ ନିଷ୍ଠାରଶି ଗ୍ରାମବାସୀମାନେ ବିଭିନ୍ନ ସମୟରେ ଯେଉଁ ଫସଲ ଅମଳ କରୁଛନ୍ତି ତାହା ଅତିର ଜନବହିଷ୍ଣୁ ଓ ସମସ୍ୟାବହୁଳ ଜୀବନରେ ଏକାନ୍ତ ସହାୟକ ବୋଲି ନିଃସନ୍ଦେହରେ କୁହାଯାଇ ପାରୁଛି। ଅନାବାଦୀ ଏବଂ ଗୋଚର ୧୪୦ ଏକର ଜମିକୁ ଛାଡ଼ିଦେଲେ ଏହି ଗାଁର ଚାଷ ଯୋଗ୍ୟ ଜମି ମାତ୍ର ୩୦୦ ଏକର। ଧାନ ଚାଷ ବ୍ୟତୀତ ବିଭିନ୍ନ ସମୟରେ ଗହମ, ଆଳୁ, ମକା, ମୁଗ, ବିରି, ଆଖୁ, ଲଙ୍କା, ବାଇଗଣ, ପନିପରିବା ଆଦି ଚାଷ ଏହି ଗ୍ରାମର ଚାଷୀମାନଙ୍କର ବିଶେଷତ୍ୱ। ଚିରାଚରିତ କୃଷି ପ୍ରଣାଳୀରେ ଉତ୍ପାଦନ ଆଶାଜନକ ଭାବେ ସମ୍ଭବ ନ ହେବାରୁ ଏ ଯୁଗର ଅଧିକ ଅମଳକ୍ଷମ ବିହନ, କୀଟନାଶକ ଔଷଧ ଓ ତାର ଉପାଦେୟତାକୁ ଚାଷୀଏ ଉପଲବ୍ଧି କରି ଉତ୍ପାଦନର ମାନକୁ ବଢ଼ାଇ କଣ୍ଢାପାଲିର ଆଖପାଖ ଅଞ୍ଚଳର ଚାଷୀଙ୍କ ଆଖି ଖୋଲି ଦେଇଛନ୍ତି ବୋଲି କହିଲେ ଭୁଲ ହେବନାହିଁ। ଏମାନଙ୍କର ଶ୍ରମଶ୍ରାନ୍ତ ଉଦ୍ୟମ ବାରକୋଟ ପଞ୍ଚାୟତ ସମିତିର ଗୌରବ ବୋଲି ନ କହି ସମଗ୍ର ଦେଶର ଗୌରବ ବୋଲି ମୁକ୍ତକଣ୍ଠରେ ସ୍ୱୀକାର କରିବାକୁ ହେବ।

କୃଷି କ୍ଷେତ୍ରରେ କଣ୍ଢାପାଲି ଗ୍ରାମର କୃଷକମାନେ ଏକତ୍ରିତ ଭାବେ ଯେଉଁ କୋଠ ଚାଷ ଆରମ୍ଭ କରିଛନ୍ତି ତାହା ଏକ ଛାତିକାରୀ ଉନ୍ନତିର ନିଦର୍ଶନ ବୋଲି ସ୍ୱୀକୃତ ହୋଇଛି। ୧୦ ଏକର ଜମିରେ ଗହମ, ୬ ଏକରରେ ଆଖୁ, ୧୫ ଏକରରେ ଆଳୁ, ବାକୀ ୧୦ ଏକର ଜମିରେ ପିଆଜ ରସୁଣ ଆଦି ପନିପରିବା ଚାଷ ଏହି କୋଠଚାଷର ଅନ୍ତର୍ଭୁକ୍ତ। ଫସଲଭରା ବିଲମାଳର ସବୁଜିମା ଭିତରେ ଗହମ କ୍ଷେତରେ ରୂପ ସମ୍ଭାର ଆଜି ଚାଷୀ ଓ ଦର୍ଶକ ପ୍ରାଣରେ ଏକ ନୂତନ ଆଶାର ସ୍ପନ୍ଦନ ସୃଷ୍ଟିକରେ। ଏ ଗ୍ରାମର ବ୍ୟାପକ କଦଳୀ ଚାଷର ବିଶେଷତ୍ୱ ରହିଛି। ସର୍ବ ଶ୍ରୀ ଗୋକୁଳ ଚନ୍ଦ୍ର ପ୍ରଧାନ, ବୃନ୍ଦାବନ ପ୍ରଧାନ, ଚିନ୍ତାମଣି ପ୍ରଧାନ, ପ୍ରାଣବନ୍ଧୁ ପ୍ରଧାନ ଓ ପରମାନନ୍ଦ ପ୍ରଧାନ କୃଷି କ୍ଷେତ୍ରରେ ଯେପରି ଆଦର୍ଶ ଚିନ୍ତାଧାରା ସୃଷ୍ଟି କରି ନିଜର ପରିସରରେ କୃତିତ୍ୱ ଅର୍ଜନ କରିଛନ୍ତି ତାହା ଆଖ ପାଖର ଚାଷୀଙ୍କୁ ବିଶେଷ ଭାବରେ ଆକୃଷ୍ଟ କରାଇ ପାରିଛି। କୃଷି କ୍ଷେତ୍ରରେ ଅଧିକ ଉତ୍ପାଦନରେ ନୂତନ ଦିଗ୍‌ଦର୍ଶନ ଆଣିବା ପାଇଁ ଯେଉଁମାନେ ଶ୍ରମଶ୍ରାନ୍ତ ବା କର୍ମକ୍ଳାନ୍ତ ଭାବରେ ଉଦ୍ୟମ କରି ବିଜୟ ଉଲ୍ଲାସରେ ଆତ୍ମଭୋର ହୋଇଛନ୍ତି ସେଇମାନେ ହିଁ ପଲ୍ଲୀ ଗାଁର ଆଜିର ଏ ନୂଆ ଦୁନିଆରେ ଦିଗଦ୍ରଷ୍ଟା ବୋଲି ସମସ୍ତଙ୍କୁ ମାନିବାକୁ ହେବ।

ଏ ଗାଁରେ ଜଳ ସେଚନପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା ନଥିଲେ ମଧ୍ୟ ଗ୍ରାମବାସୀମାନେ କେବେହେଲେ ନିରୁତ୍ସାହିତ ହୋଇ ନାହାନ୍ତି। କୃଷିଗତ ପ୍ରାଣରେ ସେମାନେ ବଞ୍ଚିବେ, ଏ ଜାତି ଅଥବା ଏ ଦେଶକୁ ତାର ଦେଶ ଦେଶ ପାଖରେ ଖାଦ୍ୟ ପାଇଁ ହାତ ନ ପତାଇବାର ଆତ୍ମପ୍ରତ୍ୟୟ ନେଇ ମତୁଆଲ ଗିରିଝରର ପ୍ରଖର ଜଳଧାରାକୁ ରୋକି ବନ୍ଧ ବାନ୍ଧି ନିଜ ଉଦ୍ୟମରେ ଜଳର ସୁବିନିଯୋଗ କରି ଆଜି କଣ୍ଢାପାଲି ଚାଷୀଏ ଯେଉଁ ସୁନାର ଫସଲ ଫଳାଇ ପାରୁଛନ୍ତି ତାହା ଆମକୁ ଜାହିଁକି ଏ ଅଞ୍ଚଳର କେତେ କୃତୀ ଇଂଜିନିୟରଙ୍କୁ ଉପହାସ ନ କରି ସ୍ୱାଗତ କରୁଛି। ସରକାରଙ୍କ ସାହାଯ୍ୟ ଯେ ନ ମିଳିଛି ତା' ନୁହେଁ। ବନ୍ଧ ବାନ୍ଧିବା ପାଇଁ ଟ ୨,୫୦୦-୦୦ ଙ୍କାର ସିମେଣ୍ଟ ସରକାର ଯୋଗାଇ ଦେଇଥିଲେ କେତେ ବର୍ଷ ତଳେ। ଏ ସିମେଣ୍ଟ ସହିତ ୩୦ ହଜାର ଟଙ୍କା ଲୋକଙ୍କର ଶ୍ରମ ସବୁ ଧୋଇ ହୋଇ ଯାଇଛି ମତୁଆଲିର ଗତିପଥ ବର୍ଷାଦିନେ ପରିବର୍ତ୍ତନ ହୋଇ ଯିବାରୁ। ଏ ବର୍ଷ ଚାଷୀଏ ସରକାରଙ୍କ ଉପରେ ନିର୍ଭର ନ କରି ନିଜେ ଅଣ୍ଟାଭିଡ଼ି ଅସ୍ଥାୟୀ ବନ୍ଧ ବାନ୍ଧି ଜଳର ବିନିଯୋଗ କରିଛନ୍ତି। ଆଶା ରଖିଛନ୍ତି ସରକାର ତାଙ୍କର ଦାବୀ ପୂରଣ କରିବେ। ମତୁଆଲି ଆଉ ମତୁଆଲ ନ ହୋଇ ସ୍ଥବିର ହୋଇ ଚିରଦିନ ପଡ଼ି ରହିବ। ଚାଷୀର ଦୁଃଖ ସବୁଦିନ ପାଇଁ ଯିବ।

ଜୀବନ ସଂଗ୍ରାମର ଆଭିମୁଖ୍ୟରେ ସବୁଜବିପ୍ଳବକୁ ସଫଳ କରିବା ପାଇଁ ଯେପରି କଣ୍ଢାପାଲି ଗ୍ରାମରେ ପ୍ରବଳ ଉଦ୍ୟମ ଚାଲିଛି ସେହିପରି ଅନ୍ୟାନ୍ୟ କେତେକ କ୍ଷେତ୍ରରେ ବ୍ୟାପକ ବିକାଶର ସୂତ୍ରପାତ ସହାଶେ କେତେକ ଗ୍ରାମ୍ୟ ଅନୁଷ୍ଠାନ ନିରଳସ ଭାବରେ କାର୍ଯ୍ୟ କରୁଛନ୍ତି। ଯୁବକ ସଙ୍ଘ, ମହିଳା ସମିତି, ପଲ୍ଲୀଶ୍ରୋତା ମଣ୍ଡଳୀ, ପାଠାଗାର, ଡାକଘର, ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ଏବଂ କେତେକ ସରକାରୀ କାର୍ଯ୍ୟାଳୟ ସମେତ ପଞ୍ଚାୟତ ଅଫିସ ଏଠାରେ ଅଛି। ଯୁବକ ସଙ୍ଘର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ସଦସ୍ୟମାନେ ଗ୍ରାମୋନ୍ନତି କାର୍ଯ୍ୟରେ ଆତ୍ମନିୟୋଗ କରୁଥିବେଳେ ମହିଳା ସମିତିର ସଭାନେତ୍ରୀ ଓ ସମ୍ପାଦିକା ଏବଂ ସଭ୍ୟାମାନେ ନାରୀ ଜାଗରଣ କାର୍ଯ୍ୟରେ ଆଗେଇ ଚାଲିଛନ୍ତି। ଏମାନଙ୍କର ମିଳିତ ହାତରେ ଗାଁରେ ଗଢ଼ି ଉଠିଛି ମହିଳା ସମିତି ଓ ଯୁବକ ସଙ୍ଘ ଘର। ଏମାନଙ୍କର ଉଦ୍ୟମରେ ଗାଁ ଡାକଘରେ ୬୫ଟି ପାସ୍‌ବୁକ୍ ଖୋଲଯାଇ

ସଞ୍ଚୟ ଯୋଜନାରେ ୩,୦୦୦ ଟଙ୍କା ଜମା ହୋଇଛି । ଭବିଷ୍ୟତ ପ୍ରଗତିପଥ ପାଇଁ ଯୁବକ ସଙ୍ଘର ଏକତା ବଳରେ ନିଜ ନିଜ ପରିଶ୍ରମରେ ଋଣ ବନ୍ଦ କରି ତୋଳିଛନ୍ତି ମହୁଆଳି ବନ୍ଧରେ ୨୦୦ ଟି କଲମି ଅମ୍ବ ଗଛର ଉଦ୍ୟାନ । ଏହାର ସୁସ୍ୱାଦୁ ଫଳ ଖାଇବାକୁ ଏବଂ ଦେଶବାସୀଙ୍କୁ ଫଳ ଯୋଗାଇବାକୁ ଏମାନେ ଅପେକ୍ଷା କରିଛନ୍ତି ଆଗାମୀ ଦୁଇ ବର୍ଷ । ପଲ୍ଲୀଶ୍ରୋତା ମଣ୍ଡଳୀର ସଙ୍ଗଠନ ନେଇ କଣ୍ଢାପାଲିର ପ୍ରତ୍ୟେକ କର୍ମକ୍ଷେତ୍ରରେ ସାର୍ଥକ ନେତୃତ୍ୱ ସୃଷ୍ଟି କରି ପାରିଛି । ମଣ୍ଡଳୀର ସଭାପତି ଶ୍ରୀ କୁମୁଦ ବନ୍ଧୁ ପ୍ରଧାନ ଓ ଆବାହକ ଶ୍ରୀ ହରିହର ପ୍ରଧାନଙ୍କ ସମସ୍ତଙ୍କ ଉଦ୍ୟମ ସହିତ କୃଷକମାନଙ୍କୁ ନେଇ ଆକାଶବାଣୀର ମାଧ୍ୟମରେ କୃଷି କ୍ଷେତ୍ରରେ ନୂତନତ୍ୱ ସୃଷ୍ଟି କରି ସାମାଜିକ ବନ୍ଧନର ପରିପୂର୍ଣ୍ଣତା ଆଣିବା ପାଇଁ ଆର୍ଥିକ କ୍ଷେତ୍ରରେ ଯଥେଷ୍ଟ ପରିବର୍ତ୍ତନ ଆଣି ପାରିଛନ୍ତି । ଏ ଗାଁର ପରିବର୍ତ୍ତନଶୀଳ ଅଭିମୁଖ୍ୟକୁ ଲକ୍ଷ୍ୟ ରଖି ଗାଁ ଲୋକେ ସରକାରଙ୍କ ଠାରୁ ସବୁ ଖବର ଜାଣିବା ପାଇଁ ପାଇଛନ୍ତି ଗୋଟିଏ ରେଡ଼ିଓ । ଶିକ୍ଷା କ୍ଷେତ୍ରରେ ଏ ଗାଁର ସମସ୍ତଙ୍କ ମଧ୍ୟରେ ଯଥେଷ୍ଟ ଅନୁରାଗ ରହିଥିବା ହେତୁ ଗାଁର ଉଚ୍ଚଶିକ୍ଷିତ ଯୁବକ ଯୁବତୀଏ ଆଗଭର ହୋଇ ନିଜ ଗାଁକୁ ନିଜ ହାତରେ ତୋଳିବା ପାଇଁ ଅବସର ସମୟରେ ଶ୍ରମଦାନ କରିବା ପାଇଁ କୁଣ୍ଠିତ ନୁହଁନ୍ତି ।

ବର୍ଷମଧ୍ୟରେ ବିଭିନ୍ନ ସାମାଜିକ ପର୍ବପର୍ବାଣିବେଳେ ଏହି କଣ୍ଢାପାଲି ଗ୍ରାମଟି ସଙ୍ଗୀତ ମୁଖରିତ ହୋଇ ଉଠେ । ଏହାକୁ ଅତ୍ୟଧିକ ପ୍ରାଣବନ୍ତ କରେ ଗାଁର କରମା ନାଚ । ସଂଗ୍ରାମଶୀଳ ଜୀବନଦର୍ଶନ ଉପରେ ପ୍ରକୃତିର ରାଶିରାଶି ସୌନ୍ଦର୍ଯ୍ୟର ପ୍ରଭାବରେ ଯେଉଁ ସଙ୍ଗୀତ ସୃଷ୍ଟି ହୁଏ ତାହାର ଅପରୂପ ବ୍ୟଞ୍ଜନାରେ କରମା ନୃତ୍ୟ ଓ ଗୀତ ଉଦ୍ଭବ ହୋଇଛି । କର୍ମମୁଖର ଦିନର କ୍ଳାନ୍ତି ଭୁଲିବା ପାଇଁ ଏବଂ ଆଗାମୀ ଦିନର ନୂତନ ଶକ୍ତି ସଞ୍ଚାର ପାଇଁ ଏମାନଙ୍କ ଜୀବନରେ କରମା ନୃତ୍ୟ ଓ ଗୀତ ଏକ ମୁଖ୍ୟ ସ୍ଥାନ ଅଧିକାର କରିଛି ।

କଣ୍ଢାପାଲି ଗାଁର ଚଲା ପଥରେ ଆଉ କଣ୍ଟା ପଡ଼ି ରହି ନାହିଁ । ବିକାଶର ଅଗ୍ରଗତି ପାଇଁ ସମସ୍ତ ପଥ ଉନ୍ମୁକ୍ତ ଓ ପରିଷ୍କାର । ପରିବାରର ସୁଖ ସମୃଦ୍ଧି, ଗାଁର ଉନ୍ନତି ପାଇଁ ଏବଂ ଦେଶ ବା ଜାତିର ଭବିଷ୍ୟତ ପାଇଁ ବାଧା ବନ୍ଧନହୀନ ନିଷ୍କଣ୍ଟକ ପଥରେ ଆଗେଇ ଯିବାପାଇଁ କଣ୍ଢାପାଲି ଆଜି ଦୃଢ଼ ପ୍ରତିଜ୍ଞାବଦ୍ଧ । ପ୍ରତିଜ୍ଞାରେ ରହି ରହିଛି ଆତ୍ମପ୍ରତ୍ୟୟ ଭାବ, ଶ୍ରମ, ନିଷ୍ଠା, ସହଯୋଗ ଏବଂ ଭ୍ରାତୃତ୍ୱ ଭାବର ନିବିଡ଼ ବନ୍ଧନ । ଏ କଣ୍ଢାପାଲି ଗାଁର ଅଭିଯାନ ସମସ୍ତ ଦେଶର ଅଭିଯାନ ବୋଲି ମନେ ହୁଏ । ପୁରାତନର କଣ୍ଟକପୂର୍ଣ୍ଣ କଣ୍ଢାପାଲି ଆଜିର କଣ୍ଟକବିହୀନ ଆଦର୍ଶ ଗ୍ରାମ ସମସ୍ତଙ୍କୁ ସଚେତ କରିବ ଏବଂ କହିବ ଓ କହୁଛି "ଆସେଇ ସ୍ଥଳରେ ଯବାନ, ଆସେଇ ସ୍ଥଳରେ କିଷାନ, ଜୟ ଯବାନ ଜୟ କିଷାନ" ।

(ସମ୍ବଲପୁର ଦେବଗଡ଼ର ସହକାରୀ ଜିଲ୍ଲା ଜନସମ୍ପର୍କ ଅଧିକାରୀଙ୍କ ସୂତ୍ରରୁ ପ୍ରାପ୍ତ)



କୃଷି ଓ ଶିଳ୍ପ
ପ୍ରଗତି ପାଇଁ

Kirloskar

କିର୍ଲୋସ୍କାର

**This pumpset gives more water saves time saves cost.**

**5 HP**
WATER COOLED
**DIESEL ENGINE PUMPING SETS**
TYPE AV1

AUTHORISED DISTRIBUTORS

- ବିଭିନ୍ନ ଶିଳ୍ପ ପାଇଁ ପମ୍ପ, ଜଳସେଚନ ପାଇଁ ପମ୍ପ, ସ୍ଲୁଇସ୍ ଭାଲ୍ଭ, ରିଫ୍ଲେକ୍ସ ଭାଲଭ୍, କଳ ଲଙ୍ଗଳ, ଆଖୁ ପେଡ଼ା କଳ, ଚିନାବାଦାମ ଚୋପା ଛଡ଼ାଇବା ଯନ୍ତ୍ର, ବିହନ ବୁଣିବା କଳ, ଶିଳ୍ପ ପାଇଁ ସିଲ୍‌ଡ଼ କମ୍ପ୍ରେସର ଓ ମେସିନ୍ ଟୁଲସ୍ ।

**କିର୍ଲୋସ୍କାର ବ୍ରଦର୍ସ ଲି:, ପୁନା-୨**

- ଶିଳ୍ପ, ସାମୁଦ୍ରିକ ଓ ଜଳସେଚନପାଇଁ ଡିଜେଲ୍ ଇଞ୍ଜିନ୍ ଏବଂ ଜେନେରେଟିଂ ସେଟ୍

**କିର୍ଲୋସ୍କାର ଅଏଲ ଇଞ୍ଜିନସ୍ ଲି:, ପୁନା**

- ଇଣ୍ଡକ୍ସନ୍ ମୋଟର, ଟିଅର ମୋଟର, ଭେରିଡ୍ରାଇଭ୍ ମୋଟର ଓ ଟ୍ରାନ୍ସଫର୍ମର୍ ଏବଂ ଡି. ସି. ମେସିନ୍

**କିର୍ଲୋସ୍କାର ଇଲେକ୍ଟ୍ରିକ୍ କମ୍ପାନି ଲି:, ବାଙ୍ଗାଲୋର**

- ଇଲେକ୍ଟ୍ରିକ୍ କଣ୍ଟ୍ରୋଲ ଗିଅର ଏବଂ ଷ୍ଟାର୍ଟର୍

**କିର୍ଲୋସ୍କାର ଏସିଆ ଲି:, ବାଙ୍ଗାଲୋର**

ବିଶେଷ ବିବରଣୀ ପାଇଁ

**କିର୍ଲୋସ୍କାର ବ୍ରଦର୍ସ ଲିମିଟେଡ୍**

ଷ୍ଟେସନ ସର୍କଲ
ୟୁନିଟ୍ -୩, ପୋଷ୍ଟ ବକ୍ସ ନଂ ୪୫
ଭୁବନେଶ୍ୱର-୧

ଟେଲିଫୋନ୍ :—
ଅଫିସ—୧୦୯୫
ବାସଗୃହ—୧୦୯୭

ଟେଲିଗ୍ରାମ—
କିର୍ଲୋସ୍କାର
ଭୁବନେଶ୍ୱର

# ଓଡ଼ିଶାର ବଶିଷ୍ଟ ଘଟଣାବଳୀ

## ଫେବୃଆରୀ ୧୯୭୨

୨-୨-୧୯୭୨—ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ସମ୍ବାଦିଥା ଠାରେ ତାଙ୍କର ସ୍ୱଳ୍ପ ଉପସ୍ଥିତି କାଳ ମଧ୍ୟରେ ଏକ ସ୍ମାରକ ପତ୍ର ଦେଇଥିଲେ ଏବଂ ଓଡ଼ିଶାର ବାତ୍ୟାକ୍ଲିଷ୍ଟ ଲୋକମାନଙ୍କ ପାଇଁ କେନ୍ଦ୍ରରୁ ଅଧିକ ସାହାଯ୍ୟ ଦେବା ନିମନ୍ତେ ଅନୁରୋଧ କରିଥିଲେ ।

୪-୨-୧୯୭୨—ମୟୂରଭଞ୍ଜ ଓ କୋରାପୁଟ ଜିଲ୍ଲାର ଲୋକସଭା ନିର୍ବାଚନ ମଣ୍ଡଳୀରୁ ଦୁଇ ଜଣ ନୂତନ ସଦସ୍ୟ ନିର୍ବାଚିତ ହେବା ନିମନ୍ତେ ବିଜ୍ଞାପନ ଘୋଷିତ ହେଲା ।

୬-୨-୧୯୭୨—ଓଡ଼ିଶାରେ ଚକବନ୍ଦୀ କାର୍ଯ୍ୟ ୮ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ରାଜ୍ୟ ଯୋଜନା ବୋର୍ଡ ରାଜ୍ୟ ସରକାରଙ୍କୁ ସୁପାରିଶ କଲେ ।

୯-୨-୧୯୭୨—କେନ୍ଦୁଝର ଜିଲ୍ଲାର ଶିରିକାପାଳଠାରେ ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ବିଜୁ ପଟ୍ଟନାୟକ ଏକ କ୍ଷୁଦ୍ର ଜଳ ସେଚନ ଯୋଜନାର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ।

୧୫-୨-୧୯୭୨—ଓଡ଼ିଶା ଲୋକ ସଭା ଉପନିର୍ବାଚନ ନିମନ୍ତେ ପ୍ରାର୍ଥୀ ପତ୍ର ଯାଞ୍ଚ କରାଗଲା ।

୧୬-୨-୧୯୭୨—କଟକଠାରେ ତିନି ଦିନିଆ ଦିବ୍ୟଜୀବନ ସମ୍ମିଳନୀ ଆରମ୍ଭ ହେଲା ।

୨୦-୨-୧୯୭୨—ହୋମିଓପାଥି ଚିକିତ୍ସକମାନଙ୍କର ଏକ ସମ୍ମିଳନୀ ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ଭୁବନେଶ୍ୱରଠାରେ ଉଦ୍‌ଘାଟନ କଲେ ।

୨୨-୨-୧୯୭୨—୧୯୭୨ ଜାନୁଆରୀ ୭ ତାରିଖ ଠାରୁ ଚାରିମାସ ମଧ୍ୟରେ ମନ୍ତ୍ରୀମାନେ ସେମାନଙ୍କ ସମ୍ପତ୍ତିର ବିବରଣୀ ଦାଖଲ କରିବା ନିମନ୍ତେ ରାଜ୍ୟ ସରକାର ଏକ ଆଦେଶ ନାମା ପ୍ରକାଶ କଲେ ।

୨୪-୨-୧୯୭୨—ରାଜ୍ୟ ଶିକ୍ଷା ମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଭୁବନେଶ୍ୱର ନିକଟସ୍ଥ ରସୁଲଗଡ଼ଠାରେ ଏକ ଶିକ୍ଷାକେନ୍ଦ୍ରର ମୂଳ ଦେଲେ ।

୨୬-୨-୧୯୭୨—ବିହାରରେ ବାସ କରୁଥିବା ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀମାନଙ୍କୁ ସେମାନଙ୍କର ମାତୃଭାଷା ମାଧ୍ୟମରେ ଶିକ୍ଷା ଦିଆଯିବ ବୋଲି ବିହାର ସରକାର ରାଜିହେଲେ ।

୨୯-୨-୧୯୭୨—୧୯୭୨ ମସିହା ପାଇଁ ଶ୍ରୀ ମନୋରଞ୍ଜନ ଦାସଙ୍କ ରଚିତ ଓଡ଼ିଆ ନାଟକ "ଅରଣ୍ୟ ଫସଲ" କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କଲା ।

## ମାର୍ଚ୍ଚ—୧୯୭୨

୨-୩-୧୯୭୨—ରାଷ୍ଟ୍ରପତି ଶ୍ରୀ ଭି. ଭି. ଗିରି ଭୁବନେଶ୍ୱରରେ ଆସି ପହଞ୍ଚିଲେ । ଯୁଦ୍ଧରେ ନିହତ, ନିଖୋଜ ଓ ବିକଳାଙ୍ଗ ହୋଇଥିବା ଯବାନମାନଙ୍କ ଆତ୍ମୀୟମାନଙ୍କୁ ରାଷ୍ଟ୍ରପତି ସାନ୍ତ୍ୱନାସୂଚକ ସାହାଯ୍ୟ ଟଙ୍କା ବାଣ୍ଟିଲେ ।

ଖରିଫ ଋତୁରେ କୃଷି କାର୍ଯ୍ୟ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ୫ କୋଟି ଟଙ୍କା ସାହାଯ୍ୟ ମାଗିଲେ ।

୪-୩-୧୯୭୨—ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ଭାରତର ରାଷ୍ଟ୍ରପତି ଶ୍ରୀ ଭି. ଭି. ଗିରିଙ୍କ ଉଦବୋଧନ ଏବଂ ଭାଷଣରେ ବିଶ୍ୱବିଦ୍ୟାଳୟର ନବନିର୍ମିତ ଅଟ୍ଟାଳିକା ଉଦ୍‌ଘାଟନ ।

୫-୩-୧୯୭୨—ରାଷ୍ଟ୍ରପତି ଶ୍ରୀ ଭି. ଭି. ଗିରି ଓଡ଼ିଶାରୁ ବିଦାୟ ନେଲେ ।

୯-୩-୧୯୭୨—ମୟୂରଭଞ୍ଜ ଓ କୋରାପୁଟ ଲୋକସଭା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ କରାଗଲା ।

୧୧-୩-୧୯୭୨—୧୯୭୧—୭୨ ମସିହାର ଅତିରିକ୍ତ ଖର୍ଚ୍ଚ ଦାବୀ ଓଡ଼ିଶା ବିଧାନ ସଭାରେ ଗୃହୀତ ହେଲା ।

୧୨-୩-୧୯୭୨—ଶ୍ରୀ ଚନ୍ଦ୍ରମୋହନ ସିଂହ (ଉତ୍କଳ କଂଗ୍ରେସ) ଏବଂ ଶ୍ରୀ ଅନିରୁଦ୍ଧ ଗମାଙ୍ଗ (କଂଗ୍ରେସ) ଯଥାକ୍ରମେ ମୟୂରଭଞ୍ଜ ଓ କୋରାପୁଟ ଲୋକସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହେଲେ ।

୧୩-୩-୧୯୭୨—ମୟୂରଭଞ୍ଜ ଛଉ ପ୍ରତିଷ୍ଠାନର ଓସ୍ତାଦ୍ ଶ୍ରୀ ଅନନ୍ତ ଚରଣ ସାଇ ଛଉନୃତ୍ୟ ବିଶାରଦ ରୂପେ ୧୯୭୧ ମସିହା କେନ୍ଦ୍ର ସଙ୍ଗୀତ ଏକାଡେମୀ ପୁରସ୍କାର ପାଇଲେ ।

୧୪-୩-୧୯୭୨—ପରିକା କମିଟି ସୁପାରିଶକୁ ଭିତ୍ତି କରି ବେସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକମାନଙ୍କ ଦରମା ହାର ସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକମାନଙ୍କ ଦରମା ହାର ସଙ୍ଗେ ସମାନ କରିବା ଲାଗି ରାଜ୍ୟ ସରକାର ନୀତିଗତ ଭାବେ ନିଷ୍ପତ୍ତି ଗ୍ରହଣ କରିଛନ୍ତି ବୋଲି ଶିକ୍ଷାମନ୍ତ୍ରୀ ଶ୍ରୀ ଶରତକୁମାର କର ଓଡ଼ିଶା ବିଧାନ ସଭାରେ ଘୋଷଣା କଲେ ।

୧୫-୩-୧୯୭୨—ଓଡ଼ିଶା ବେସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କଲେ ।

୧୬-୩-୧୯୭୨—ଆଗାମୀ ଶିକ୍ଷା ବର୍ଷଠାରୁ ଓଡ଼ିଶାରେ ଦୁଇବର୍ଷିଆ ଡିଗ୍ରୀ ପାଠ୍ୟକ୍ରମର ପୁନଃ ପ୍ରଚଳନ କରାଯିବ ବୋଲି ରାଜ୍ୟ ଶିକ୍ଷା ମନ୍ତ୍ରୀ ବିଧାନ ସଭାରେ ପ୍ରକାଶ କଲେ ।

୨୧-୩-୧୯୭୨—କଲିକତାଠାରୁ ଦକ୍ଷିଣ ପୂର୍ବ ରେଳପଥର ମୁଖ୍ୟ କାର୍ଯ୍ୟାଳୟ ଓଡ଼ିଶାକୁ ଉଠେଇ ଆଣିବା ଲାଗି କେନ୍ଦ୍ର ରେଳ ବିଭାଗ ଉପମନ୍ତ୍ରୀ ମହମ୍ମଦ ସାଫି କୁରେସୀ ରାଜି ହେଲେ ନାହିଁ ।

୨୮-୩-୧୯୭୨—ପୁରୀ ଜଗନ୍ନାଥ ମନ୍ଦିରର ମରାମତି କାର୍ଯ୍ୟ ନିମନ୍ତେ ଓଡ଼ିଶାର ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂ ଏକଲକ୍ଷ ଟଙ୍କା ଦାନ କଲେ ।

୨୯-୩-୧୯୭୨—କୋରାପୁଟ ଜିଲ୍ଲା ନବରଙ୍ଗପୁର ସବ୍‌ଡିଭିଜନ ଅନ୍ତର୍ଗତ ହାଟ ଦେହ ଗୁଣ୍ଡି ଗ୍ରାମରୁ ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀର ଏକ ପୁରାତନ ଶିବ ମନ୍ଦିର ମାଟିତଳୁ ଉଦ୍ଧାର କରାଗଲା ।

୩୦-୩-୧୯୭୨—ଚକବନ୍ଦୀ ଯୋଜନା କାର୍ଯ୍ୟକାରୀ କରିବାଲାଗି ରାଜ୍ୟ ସରକାର ପ୍ରଶାସନିକ ବ୍ୟବସ୍ଥା ଚୂଡ଼ାନ୍ତ କଲେ ।

୩୧-୩-୧୯୭୨—୧୯୭୨—୭୩ ମସିହା ବଜେଟ୍ ଓଡ଼ିଶା ବିଧାନ ସଭାରେ ଗୃହୀତ ହେଲା ।

ବେସରକାରୀ ଶିକ୍ଷକମାନଙ୍କର କାମ ବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ ହେଲା ।

ଶ୍ରୀ ଲୋକନାଥ ମିଶ୍ର (ସ୍ୱତନ୍ତ୍ର), ଶ୍ରୀମତୀ ସରସ୍ୱତୀ ପ୍ରଧାନ (ଉତ୍କଳ କଂଗ୍ରେସ), ଶ୍ରୀ କାମାକ୍ଷା ପ୍ରସାଦ ସିଂହ ଦେଓ (ସ୍ୱତନ୍ତ୍ର) ଓ ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା (କଂଗ୍ରେସ) ଓଡ଼ିଶାରୁ ରାଜ୍ୟ ସଭାକୁ ନିର୍ବାଚିତ ହେଲେ ।

# ସମ୍ବାଦପତ୍ର ସମ୍ପାଦକୀୟରୁ

ଖବରକାଗଜରେ ସେଉଁମାନେ ଯୋଜନା କଥା କହୁଛନ୍ତି ତାହା ସୁନ୍ଦର ଦିଶୁଛି ଓ କାନକୁ ଭଲ ଶୁଭୁଛି । କିନ୍ତୁ ଅନ୍ନ, ବସ୍ତ୍ର, ଘର ଓ ସେବାକ୍ଷେତ୍ରରେ ବାସ୍ତବ ସହଯୋଗ ଓ ସମ୍ପର୍କ ପ୍ରତିଷ୍ଠା ନ ହେଲେ ଏବଂ ରାଷ୍ଟ୍ର ଓ ସମାଜ ନ୍ୟାୟ ସମଦୃଷ୍ଟିରେ ପରିଚାଳିତ ନ ହେଲେ ଏ ଜାତୀୟ-ବ୍ୟାଧିର ଅପନୋଦନ ହୋଇପାରିବ ନାହିଁ ।

—ସମାଜ—

* * * *

ଓଡ଼ିଶାର ମାଟିତଳେ ଯେଉଁ ଖଣିଜ ସମ୍ପଦ ଓ ମାଟି ଉପରେ ଯେଉଁ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ ରହିଛି ତାହା ସମଗ୍ର ଭାରତର ଖଣିଜ ଓ ପ୍ରାକୃତିକ ସମ୍ପଦର ଅର୍ଦ୍ଧେକ । ମାତ୍ର ସୁନାର ପାହାଡ଼ ଉପରେ ଦରିଦ୍ର ଆଦିବାସୀର ବୁଢ଼ିଆଣୁଢ଼ିକ ଭାଗ୍ୟର ଘୋର ବିଡ଼ମ୍ବନା ଛଡ଼ା ଅଉ କିଛି ନୁହେଁ ।

* * * *

—କଳିଙ୍ଗ—

ଆଜି ସବୁଆଡ଼େ ଜାତୀୟତାର ନୂତନ ଜାଗରଣ ଲୀଳାୟିତ ହେଉଥିବାବେଳେ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ତାହାର ସ୍ପନ୍ଦନ ଯଦି ତରଙ୍ଗାୟିତ ନହୁଏ, ତାହାହେଲେ ଏ ଜାତିର ଜଡ଼ତା ଭାଙ୍ଗିବା ଅସମ୍ଭବ ହେବ । ଶିଳ୍ପର ବ୍ୟାପକ ବିକାଶପାଇଁ କାର୍ଯ୍ୟ କରା ନ ଗଲେ ହଜାର ହଜାର ଶିକ୍ଷିତ ବେକାର ଓ ଲକ୍ଷ ଲକ୍ଷ କର୍ମହୀନ ଲୋକଙ୍କୁ ଅଧିକ କାଳ ଶୁଷ୍କ ସାନ୍ତ୍ୱନାରେ ସନ୍ତୁଷ୍ଟ ରଖାଯାଇ ପାରିବନାହିଁ ।

* * * *

—କଳିଙ୍ଗ—

ଜାତୀୟ ଚରିତ୍ର ଓ ଉଚ୍ଚ ନୈତିକତା ସମ୍ପନ୍ନ ନାଗରିକ ତିଆରି ପାଇଁ ଯୋଜନା ନହେଲେ ନବ ସଭ୍ୟତା ଓ ସମ୍ପଦର ବୃଦ୍ଧି ମାନବକୁ ଯେ ଦାନବରେ ପରିଣତ କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ସେଇ ସତର୍କ ଘଣ୍ଟିକୁ ଆମେ ଯଦି ଉପେକ୍ଷା କରୁ, ତେବେ 'ସବୁଜ ବିପ୍ଳବ' ବାସ୍ତବ କ୍ଷେତ୍ରରେ 'ସୁରାବିପ୍ଳବ'ରେ ପରିଣତ ହେବା ଅସମ୍ଭବ ନୁହେଁ ।

* * * *

—ସ୍ୱରାଜ୍ୟ—

ଜାତୀୟ ଜୀବନରେ ସହରାଞ୍ଚଳ ସମସ୍ୟା ଯେପରି କର୍କଟ ରୋଗଭଳି ମାରାତ୍ମକ ଆକାର ଧାରଣ କରୁଛି, ତାହା ହୁଏତ ମୃତ୍ୟୁ ଅଭିମୁଖୀ ଜାତିର ଅଙ୍ଗୀ ବୋଲି ଅନେକ ବିଶ୍ୱାସ କରି ପାରୁନାହାନ୍ତି କିମ୍ବା ସେଥିସହ ଏତେ ଅଭ୍ୟସ୍ତ ହୋଇଗଲେଣି ଯେ ଜାଣିଶୁଣି ସାପ ଗାତରେ ଶୋଇବାରେ ଅଭ୍ୟସ୍ତ ଥିବା ଲୋକ ନାଗ ସାପକୁ ଭୟ ନ କଲାଭଳି ସେମାନେ ନିର୍ଭୟରେ ରହି ପାରୁଛନ୍ତି । କିନ୍ତୁ ତାହା କେବେହେଲେ ଆଶ୍ୱାସନା ବା ଆତ୍ମସନ୍ତୋଷର କାରଣ ହୋଇ ନ ପାରେ ।

—ସ୍ୱରାଜ୍ୟ—

ହତାଶା ଭିତରୁ ଆଶାବାଦ, ସଂଗ୍ରାମ ଭିତରୁ ଶକ୍ତି, ସଙ୍ଘର୍ଷ ଭିତରୁ ସାହସ ଓ ସଂକଳ୍ପ ଭିତରୁ କଠୋର କର୍ମ ପ୍ରେରଣା ଯୁବ ସାହିତ୍ୟିକଙ୍କ ଲେଖନୀରେ ଯଥାର୍ଥ ଜୀବନ୍ୟାସ ପାଇଲେ ଯୁବଲେଖନୀ ଅଗ୍ରଗାମୀ ଯୁଗର ସନ୍ଧାନ ଦେବ ବୋଲି ଆଶା କରିବା ସ୍ୱାଭାବିକ । ଓଡ଼ିଶାର ସ୍ରଷ୍ଟାଗଣ ପୂର୍ବାଶାର ରକ୍ତିମ ଭାଲରେ ଉଇଁ ଆସୁଥିବା ନୂତନ ପ୍ରଗତି ସୂର୍ଯ୍ୟକୁ ସ୍ୱାଗତ ଜଣାଇ ଲେଖନୀ ଚଳାଇଲେ ସାହିତ୍ୟ ମୂର୍ତ୍ତିମାନ ପ୍ରଗତିର ପ୍ରତୀକ ହେବ ।

* * * *

—ମାତୃଭୂମି—

ପଲ୍ଲୀଗ୍ରାମ ବହୁଳ ଭାରତରେ ଅବହେଳିତ, ଅନୁନ୍ନତ ଓ ଅନଗ୍ରସର ଗ୍ରାମାଞ୍ଚଳର ଉନ୍ନତି ଓ ବିକାଶ ନ ଘଟି କେବଳ ମୁଷ୍ଟିମେୟ ସହର ଓ ନଗରର ସ୍ୱଳ୍ପସଂଖ୍ୟା ବିଭବ ବିଳାସ ବଢ଼ିଲେ ଦେଶର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ନୁହେଁ । ସହରର ଛଇଳଛଟକ ଶିଳ୍ପ ସଭ୍ୟତା ଓ ନଗରି ବିଳାସ ବିଶୃଙ୍ଖଳ ଏବଂ କେତେଙ୍କର ପରାଙ୍ଗ ପୁଷ୍ଟ ଜୀବନ ତଥା ଅନ୍ୟକୁ ଶୋଷଣ କରିବାର ମନୋଭାବ ଗାଉଁଲି କୃଷି ସଭ୍ୟତା ଓ ଭାରତୀୟ ମର୍ଯ୍ୟାଦାକୁ ଛତର-ଭତର କରିଦେବ ।

—ମାତୃଭୂମି—



OGP MP-II—Home (P. R.) 3—5,000—15-6-1972



ଢାକା ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ସାଲଉଦ୍ଦିନ ଅହମଦ ୧୯୭୨ ଅପ୍ରେଲ ୨୧ ତାରିଖ ଦିନ ଭୁବନେଶ୍ୱର ବାଣୀବିହାରଠାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।

## ଶବେ ସମ୍ବାଦ

ଶ୍ରୀ ପି. ପି. ଅଗ୍ରୱାଲଙ୍କ ନେତୃତ୍ୱରେ ଓଡ଼ିଶା ପରିଦର୍ଶନରେ ଆସିଥିବା କେନ୍ଦ୍ର ଅନୁଧ୍ୟାନକାରୀ ଦଳର ସଦସ୍ୟମାନେ କଟକଜିଲ୍ଲା ଅନ୍ତର୍ଗତ ମଙ୍ଗଳପୁର ହାଜୀପୁର ପରିଦର୍ଶନ କରିଥିଲେ ।





କୋରାପୁଟ ଜିଲ୍ଲାର ଗମୁରୀ ଗ୍ରାମରେ ଉନ୍ନତ ପ୍ରଣାଳୀର ରସୁଣ ଓ ପିଆଜ ଚାଷ

## ଚିତ୍ରେ ସମ୍ବାଦ

ଘରପୋଡ଼ିରେ ଛାରଖାର ହୋଇ ଯାଇଥିବା ପୁରୀଜିଲ୍ଲାର ବେଗୁନିଆ ବ୍ଲକ ଅନ୍ତର୍ଗତ ସାନପଦର ଗ୍ରାମର ଏକ ଦୃଶ୍ୟ ।





୧୯୭୨ ଅପ୍ରେଲ ୨ ତାରିଖ ଦିନ ରାଜ୍ୟବ୍ୟାପୀ ୧୮ଶ ନିଖିଳ ଭାରତ ହସ୍ତତନ୍ତ
ସପ୍ତାହ ପାଳିତ ହେଲା ।

ଚିତ୍ରରେ—ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ହସ୍ତତନ୍ତ ସପ୍ତାହ ଉଦ୍‌ଘାଟନ କରି ସାରିବା ପରେ ଏ
ଉପଲକ୍ଷେ ଆୟୋଜିତ ପ୍ରଦର୍ଶନୀରେ ପ୍ରଦର୍ଶିତ ସମ୍ବଲପୁରୀ ଶାଢ଼ୀ ନିରୀକ୍ଷଣ କରୁଛନ୍ତି ।

## ଚିତ୍ରେ ସମ୍ବାଦ

୧୯୭୨ ମାର୍ଚ୍ଚ ୧୪ ତାରିଖ ଦିନ ଭୁବନେଶ୍ୱର ନଂ ୩ ୟୁନିଟ୍‌ସ୍ଥିତ କ୍ୟାପିଟାଲ
ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ପାଳିତ ହୋଇଥିଲା ।

ଚିତ୍ରରେ—ରାଜ୍ୟ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ମନ୍ତ୍ରୀ ଶ୍ରୀ ନଟବର ପ୍ରଧା
ଛାତ୍ରମାନଙ୍କୁ ପୁରସ୍କାର ବିତରଣ କରୁଛନ୍ତି ।






୧୯୭୨ ଅପ୍ରେଲ ୨୩ ତାରିଖ ଦିନ ଭୁବନେଶ୍ୱର କଳାମଣ୍ଡପଠାରେ ଅନୁଷ୍ଠିତ ଉତ୍କଳ ଅଣ-ଗେଜେଟେଡ୍ ବନ କର୍ମଚାରୀ ସଂଘର ୧୫ଶ ବାର୍ଷିକ ଅଧିବେଶନ ଉଦ୍‌ଯାପନ ଦିବସରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଅର୍ଜୁ ସାହୁ ଉଦବୋଧନ ଦେଉଛନ୍ତି ।

## ଚିତ୍ରେ ସମ୍ବାଦ

୧୯୭୨ ଅପ୍ରେଲ ୩ ତାରିଖରେ ଭୁବନେଶ୍ୱରଠାରେ 'ଶବରୀ' ସାଂସ୍କୃତିକ ସମିତିର ବାର୍ଷିକୋତ୍ସବ ପାଳିତ ହୋଇଥିଲା । ଚିତ୍ରରେ- ରାଜ୍ୟ ଶିକ୍ଷା ମନ୍ତ୍ରୀ ଶ୍ରୀ ଆର୍.ଏନ୍. ସିଂହଦେଓ କୋରାପୁଟ ଜିଲ୍ଲାର 'କୋୟା' ନୃତ୍ୟ ପରିଦର୍ଶନ କରୁଛନ୍ତି । ରାଜ୍ୟ ଯୋ... ବୋର୍ଡର ଅଧ୍ୟକ୍ଷ ଶ୍ରୀ ବିଜୁ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଏଥିରେ ଯୋଗ ଦେଇଥିଲେ ଓ କୃଷି ଉପମନ୍ତ୍ରୀ ଶ୍ରୀ ... ମାଝୀ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ ।





ଏପ୍ରେଲ ୧୭ ଓ ୧୮ ତାରିଖରେ ରାଉରକେଲାଠାରେ ପଲ୍ଲୀଶ୍ରୋତା ମଣ୍ଡଳୀ ଆନ୍ଦୋଳନ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକନୃତ୍ୟ ଉତ୍ସବରେ କଳାହାଣ୍ଡି ଜିଲ୍ଲାର ବେସିଙ୍ଗା ପଞ୍ଚାୟତ ସମିତି ଅନ୍ତର୍ଗତ ପାଥରଲା ଗ୍ରାମର ଘୁମୁରା ନାଚ ଶ୍ରେଷ୍ଠ ବିବେଚିତ ହୋଇଥିଲେ ।

## ଚିତ୍ରେ ସମ୍ବାଦ

ସ୍ୱରାଷ୍ଟ୍ର ଉପମନ୍ତ୍ରୀ ଶ୍ରୀ ଦେବରାଜ ସାହୁ ୧୯୬୭ ଏପ୍ରେଲ ୨୧ ତାରିଖ ଦିନ ଭୁବନେଶ୍ୱର ବିମାନଘାଟିଠାରେ ସିଂହଳର ବାଣିଜ୍ୟ ପ୍ରତିନିଧି ଦଳକୁ ସମ୍ବର୍ଦ୍ଧନା କରାଉଛନ୍ତି ।





୧୯୭୨ ଅପ୍ରେଲ ପହିଲାରେ କୋରାପୁଟ ସହରରେ 'ଉତ୍କଳ ଦିବସ' ପାଳନ

## ଚିତ୍ରେ ସମ୍ବାଦ

କୋରାପୁଟ ସହରରେ 'ଉତ୍କଳ ଦିବସ' ପାଳନର ଅନ୍ୟ ଏକ ଦୃଶ୍ୟ





ଖଣ୍ଡ. ଉଦୟଗିରି ବ୍ଲକର ଛେଳିଗଡ ଗ୍ରାମରେ ଆଳୁ ଉତ୍ପାଦନ ।

## ଚିତ୍ରେ ସମ୍ବାଦ

କେନ୍ଦ୍ର ଅନୁଧ୍ୟାନକାରୀ ଦଳର ସଦସ୍ୟ ଶ୍ରୀ ଏସ୍. ସି. ବନ୍ଦୋପାଧ୍ୟାୟ ଗତ ବାତ୍ୟାରେ ବିଧ୍ୱସ୍ତ ହୋଇଥିବା ନୂଆପାଟୀ ହାଇସ୍କୁଲ ପରିଦର୍ଶନ କରୁଛନ୍ତି ।





କଳାହାଣ୍ଡି ଜିଲ୍ଲାପାଳ ଶ୍ରୀମତୀ ନାରାୟଣସ୍ୱାମୀ ଏହି ଜିଲ୍ଲାର କଳମପୁର ବ୍ଲକର ବରଛି ଗ୍ରାମକୁ ସଞ୍ଚୟ ଗ୍ରାମ ରୂପେ ଘୋଷଣା କଲାପରେ ଉକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀ ଗୌରଚନ୍ଦ୍ରସାହୁଙ୍କୁ ଡାକଘର ଜମାବହି ପ୍ରଦାନ କରୁଛନ୍ତି । ବରଛି ଗ୍ରାମର ମୋଟ ୮୩ଟି ପରିବାର ମଧ୍ୟରୁ ୬୨ଟି ପରିବାର ଡାକଘରେ ସଞ୍ଚୟ ପୁସ୍ତକ ଖୋଲି ୬,୦୦୦ ଟଙ୍କା ଜମା କରିଛନ୍ତି ।

## ଟପେ ସମ୍ବାଦ



କଳାହାଣ୍ଡି ଜିଲ୍ଲାପାଳ ଶ୍ରୀମତୀ ନାରାୟଣସ୍ୱାମୀ ଭବାନୀ-ପାଟଣାସ୍ଥିତ ପି. ଟି. ଆଇ. ସମ୍ବାଦଦାତା ଶ୍ରୀ ଆର. ବି. ମିଶ୍ରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି । ଶ୍ରୀ ମିଶ୍ର ୧୯୮୨ ମସିହାରେ ସ୍ୱଳ୍ପ ସଞ୍ଚୟ ନିମନ୍ତେ ଟ ୬୨,୦୦୦ ଙ୍କା ସଂଗ୍ରହ କରିପାରିଥିଲେ ।

Vol. XXVIII, No. 9 Regd. No.
Licence No. C. R. N. P. 5.—Licensed to post without pre-payment



# ରାଉରକେଲା ଇସ୍ପାତ ପ୍ରକଳ୍ପ
# ଓଡ଼ିଶାର ଶିଳ୍ପ ବିକାଶକୁ ଉତ୍ସାହିତ କରୁଛି

ରାଉରକେଲା ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ହେବା ଫଳରେ ଓଡ଼ିଶାରେ ଅନ୍ୟ କେତୋଟି ସହଯୋଗୀ ଏବଂ ସହାୟକ ଶିଳ୍ପର ବିକାଶ ଘଟି ପାରିଛି । ଏଥିମଧ୍ୟରେ ୪୦ଟି ସହାୟକ ଶିଳ୍ପ ପ୍ରତିଷ୍ଠାନ ଅନ୍ୟ ୨୦୦୦ ଶ୍ରମିକଙ୍କୁ କର୍ମସଂସ୍ଥାନ ଯୋଗାଇବା ସଙ୍ଗେ ସଙ୍ଗେ ରାଉରକେଲା ଇସ୍ପାତ ପ୍ରକଳ୍ପକୁ ବାର୍ଷିକ ୨୦ କୋଟି ଟଙ୍କାର ସ୍ପେୟାର ପାର୍ଟ୍ସ ଯୋଗାଉଛି ।

ଓଡ଼ିଶା ସରକାରଙ୍କର ସକ୍ରିୟ ପ୍ରୋତ୍ସାହନ ପାଇଁ ଏପରି ଅନେକ ନୂତନ ଶିଳ୍ପ ପ୍ରତିଷ୍ଠାନ ଆଗାମୀ କେତେ ବର୍ଷ ମଧ୍ୟରେ ରାଉରକେଲାର ଚତୁଃପାର୍ଶ୍ୱସ୍ଥ ଶିଳ୍ପାଞ୍ଚଳରେ ମୁଣ୍ଡ ଟେକି ଉଠିବ ଏବଂ ବହୁ ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବ ।

ଏହି ଅଗ୍ରଗତିର ଧାରା ଯଦି ଅବ୍ୟାହତ ରହେ ତେବେ ରାଉରକେଲା ଇସ୍ପାତ ପ୍ରକଳ୍ପ ଓଡ଼ିଶାର ଶିଳ୍ପାୟନ କ୍ଷେତ୍ରରେ ଏକ ସମ୍ଭାବନାପୂର୍ଣ୍ଣ ବିକାଶ କେନ୍ଦ୍ର ହିସାବରେ ଅଗ୍ରଣୀ ରହିବ ।

HINDUSTAN STEEL LIMITED

**ହିନ୍ଦୁସ୍ଥାନ ଷ୍ଟିଲ**

ଭାରତୀୟ ଅଗ୍ରଗତି ଗଠିତ ଏକ ଜାତୀୟ ସଂସ୍ଥା

iam-HST.7/71 ORI

Printed at the Orissa Govt. Press,
Madhupatna, Cuttack-3

